

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୦୪ ଭୁବନେଶ୍ୱର ରବିବାର, ଡ଼ିସେମ୍ବର ୨୨.୨୦୨୪ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.104 Bhubaneswar, Sunday, December 22, 2024

## ରୁଷରେ ୯/୧୧ ଭଳି ଆକ୍ରମଣ
### ୩ଟି ବିଲ୍ଡିଂରେ ମାଡ଼ ହେଲା କିଲର୍ ଡ୍ରୋନ୍



ମସ୍କୋ, ୨୧/୧୨ :ରୁଷରେ ୯/୧୧ ଭଳି ହୋଇଛି ଘାତକ ହମ୍‌ଲା। ରୁଷର ରାଜଧାନୀ ଠାରୁ ୭୨୦ କିଲୋମିଟର ଦୂର କାଜାନ ସହରରେ ବଡ଼ ଡ୍ରୋନ୍ ଆକ୍ରମଣ ହୋଇଛି। ୟୁକ୍ରେନ୍ ତରଫରୁ ଏହି ଡ୍ରୋନ୍ ଆକ୍ରମଣ କରାଯାଇଛି। କାଜାନ ସହରର ତିନୋଟି ଉଚ୍ଚ ଅଟ୍ଟାଳିକାକୁ ୟୁକ୍ରେନ୍ ଟାର୍ଗେଟ୍ କରିଛି। ଏଥିରେ ୬ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଅନେକ ଲୋକ ଆହତ ହୋଇଥିବା କୁହାଯାଉଛି। ଆଗକୁ ମୃତ୍ୟୁ ସଂଖ୍ୟା ବଢ଼ିବା ଆଶଙ୍କା ରହିଛି। ୟୁକ୍ରେନ୍‌ର କିଲର୍ ଡ୍ରୋନ୍ ମାଡ଼ରେ ବିଲ୍ଡିଂଗୁଡିକ ଥରି ଉଠିଛି। ବିଲ୍ଡିଂଗୁଡିକ ନଷ୍ଟ ହୋଇଯାଇଛି ଏବଂ ଏବଠାରେ ଭୟଙ୍କର ନିଆଁ ମଧ୍ୟ ଲାଗିଛି। ଏହି ପୂରା ଆକ୍ରମଣ ଘଟଣାର ଫଟୋ ଏବଂ ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହୋଇଛି। ବିଲ୍ଡିଂରୁ ଲୋକଙ୍କୁ ଉଦ୍ଧାର ପାଇଁ ପ୍ରୟାସ ଜାରି ରହିଛି । ଡ୍ରୋନ୍ ଆକ୍ରମଣ ନେଇ ମସ୍କୋ ମିଡିଆ ସୂଚନା ଦେଇଛି। ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଭିଡିଓ ଆଧାରରେ ୮ଟି ଡ୍ରୋନ୍ ମାଡ଼ କରିଛି ୟୁକ୍ରେନ୍। କାଜାନରେ ଏହି ୮ଟି ଡ୍ରୋନ୍ ମାଡ଼ ହୋଇଛି। ଭିଡିଓରେ ସ୍ପଷ୍ଟ ଦେଖିବାକୁ ମିଳିଛି ଯେ ଡ୍ରୋନ୍‌ଗୁଡିକ କିଭଳି ଭାବେ ଆସି ବିଶାଳ ବିଲ୍ଡିଂରେ ମାଡ଼ ହେଉଛି ଏବଂ ବିସ୍ଫୋରଣ ଘଟୁଛି। ତେବେ ୮ଟି ଡ୍ରୋନରୁ ଗୋଟିଏ ଡ୍ରୋନକୁ ନଷ୍ଟ କରାଯାଇଥିବା ନେଇ ରୁଷ ରକ୍ଷା ମନ୍ତ୍ରଣାଳୟ ସୂଚନା ରହିଛି। ଅନ୍ୟପଟେ କାଜାନର ମେୟାର କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଡ୍ରୋନ୍ ଆକ୍ରମଣ ଯୋଗୁ ସୋଭେସ୍କି, କିରୋସ୍କି ଓ ପ୍ରିଭୋଲଜସ୍କି ତିନୋଟି ଜିଲ୍ଲାର ଘରଗୁଡିକରେ ନିଆଁ ଲାଗି ଯାଇଛି। ଲୋକେ ଭୟରେ ଘର ଛାଡ଼ି ପଳାଇଛନ୍ତି। ଏଥିସହ ଅନେକ ମୃତାହତ ହୋଇଥିବା କୁହାଯାଉଛି। କାଜାନ ସହର ଉପରେ ହୋଇଥିବା ଏହି ଆକ୍ରମଣକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଆରମ୍ଭ ହୋଇଛି।, କାରଣ ଚଳିତ ବର୍ଷ ରୁଷର ଏହି ସହରରେ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଆକ୍ରମଣକୁ ଆମେରିକାର ୯/୧୧ ଆକ୍ରମଣ ଭଳି ମଧ୍ୟ କୁହାଯାଉଛି।

# କାଲ ସାଜିଛି ଲଘୁଚାପ ବର୍ଷା
## ବିଲରେ ପଡ଼ିଛି କଟା ଧାନ, ଚିନ୍ତାରେ ଚାଷୀ

ଭୁବନେଶ୍ୱର,୨୧/୧୨: ବିଲରେ ପାଚିଲା ଧାନ କେଣ୍ଡା ଝୁଲୁଛି। ଅମଳକ୍ଷମ ହୋଇଯାଇଛି ଏକର ଏକର ଧାନ ଫସଲ। ଦିନେ ଦୁଇ ଦିନ ମଧ୍ୟରେ ଧାନ କାଟି ଘରକୁ ଆଣିବାକୁ ଚାଷୀ ସଜବାଜ ହେଉଥିବା ବେଳେ ଆଜି ଅଦିନିଆ ବର୍ଷା ସବୁକିଛି ଉଜାଡ଼ି ଦେଇଛି। ବିଲରେ ଓଦା ହୋଇଯାଇଛି ପାଚିଲା ଧାନ। କେଉଁଠି ଧାନ କଟା ହୋଇ ବିଲରେ ପଡ଼ିଛି ତ ଆଉ କେଉଁଠି ଖଳାରେ। କେତେକ ସ୍ଥାନରେ କଟା ଅପେକ୍ଷାରେ ଛିଡ଼ା ହୋଇରହିଛି ଧାନ କେଣ୍ଡା। ଦୁଇ ଦିନ ହେଲା ଉପକୂଳ, ଦକ୍ଷିଣ ଓଡ଼ିଶା ସମେତ ସଂଲଗ୍ନ ଜିଲ୍ଲାଗୁଡ଼ିକରେ ଲାଗିରହିଥିବା ବର୍ଷା ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି। ଧାନ ଅମଳ କରିପାରିବେ କି ନାହିଁ ସେନେଇ ଚିନ୍ତାରେ ଓଡ଼ିଶାର ହଜାର ହଜାର ଚାଷୀ। କେନ୍ଦ୍ରାପଡ଼ାରୁ କୋରାପୁଟ ହେଉ କି ବାଲେଶ୍ୱରରୁ ବଲାଙ୍ଗୀର। ବଙ୍ଗୋପସାଗରରେ ଘନୀଭୂତ ଅବପାତ ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଲାଗିରହିଛି। କଟା ହୋଇ ବିଲରେ ପଡ଼ିଥିବା ଧାନ କଚଡ଼ା ଓ କଟା ହୋଇ ନଥିବା ଧାନ ଏହି ବର୍ଷା ଯୋଗୁଁ ନଷ୍ଟ ହେବା ଏକପ୍ରକାର ଥୟ। କାରଣ ଲଗାତାର ଭାବେ ୨୪ରୁ ୩୬ ଘଣ୍ଟା ଧରି ହାଲୁକାରୁ ମଧ୍ୟମ ଧରଣ ବର୍ଷା ହେଉଥିବାରୁ ଧାନ ବିଲରେ ପାଣି ଜମି ରହିଛି। ଏଭଳି ବର୍ଷା ଲାଗିରହିଲେ, ଚାଷୀ ବିଲରୁ ପାଚିଲା ଧାନ ଅମଳ କରି ଖଳାକୁ ଆଣିବା ସମ୍ଭବ ହେବ ନାହିଁ। ବିଲରେ ହିଁ ପାଚିଲା ଧାନ ନଷ୍ଟ ହୋଇଯିବ। ଫଳରେ ବର୍ଷକର ଭାତହାଣ୍ଡି ଉଜୁଡ଼ିଯିବ। କେବଳ ସେତିକି ନୁହେଁ, ଏହି ବର୍ଷା ଯୋଗୁଁ ପରିବା ଚାଷ ମଧ୍ୟ ପ୍ରଭାବିତ ହେବ। କିଛି ଦିନର ବ୍ୟବଧାନ ପରେ ଏବେ ପରିବା ଦର ନିୟନ୍ତ୍ରଣ ଭିତରକୁ ଆସିଛି। ଆଜିର ଅଦିନିଆ ବର୍ଷା ପରିବା ଚାଷ ଉଜାଡ଼ିବା ସହ ପୁଣିଥରେ ପରିବା ବଜାରରେ ନିଆଁ ଲାଗିଯିବ ବୋଲି ବ୍ୟବସାୟୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ ରାଜ୍ୟର ସମସ୍ତ ଅଞ୍ଚଳରେ ଏବେ ଧାନ ପାଚିଲା ଅବସ୍ଥାରେ ରହିଛି। ସେଥିମଧ୍ୟରୁ ମାତ୍ର ୩୦% ଅମଳ ହୋଇଛି। ଯେଉଁ ଧାନ ଅମଳ ହୋଇଛି, ତାହାକୁ ଚାଷୀ ଘରକୁ ଆଣିପାରି ନାହିଁ। କେତେକ ସ୍ଥାନରେ ବିଲରେ କଟା ହୋଇ କଚଡ଼ା ପଡ଼ିଛି। ବର୍ଷା ଫଳରେ ବିଲରେ ପାଣି ଜମିଯାଇଛି। କେଣ୍ଡା ଧାନ ପାଣିରେ ପଡ଼ିଛି, ଯାହାକି ମେସିନ୍ ସହାୟତାରେ ଏବେ କାଟିବା ସମ୍ଭବପର ନୁହେଁ। ଯଦି ବର୍ଷା ଲାଗି ରୁହେ, ତେବେ କଚଡ଼ା ସବୁ ବୁଡ଼ିଯିବ। ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବ। ସେହିପରି ଯେଉଁ ଧାନ କଟା ହୋଇନାହିଁ, ସେଠାରେ ପାଚିଲା ଗଛ ଭାଙ୍ଗିପଡୁଛି। ସେସବୁ ଜମି ଖାଲୁଆ ହୋଇଥିବାରୁ ଅଳ୍ପ ଅଳ୍ପ ପାଣି ରହିଛି। ଆଉ ଅଧିକ ବର୍ଷା ହେଲେ ଜମିଥିବା



ପାଣି ବଢ଼ିବ। ଭାଙ୍ଗି ପଡ଼ିଥିବା ଗଛର ଅଗ୍ରଭାଗ ପାଣିରେ ବୁଡ଼ିଯିବ ଏବଂ ପାଚିଲା ଧାନ ଗଜା ହେବାର ସମ୍ଭାବନା ରହିଛି। କେବଳ ସେତିକି ନୁହେଁ, ବିଲରେ ପାଣି ଜମିରହିଲେ, ଅମଳ ପାଇଁ ମେସିନ୍ ପଶିବା ସମ୍ଭବପର ହେବ ନାହିଁ। ଶ୍ରମିକ ଲଗାଇ କାଟିବେ। ଫଳରେ ମଜୁରି ବାବଦରେ ଚାଷୀଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ବାତ୍ୟା 'ଦାନା' କବଳରୁ ମୁକୁଳି ଯାଇଥିବା ଓଡ଼ିଶାର ଚାଷୀ ଧାନ ଅମଳ କରି ଏଥର ଭଲ ଦି ପଇସା ପାଇବାକୁ ଆଶା ରଖିଥିଲେ। ମାତ୍ର ଲାଗିରହିଥିବା ଅଦିନିଆ ବର୍ଷା ଏବେ ସବୁ କିଛି ବିଗାଡ଼ି ଦେଇଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକଙ୍କ କହିବାନୁଯାୟୀ ଶନିବାର ମଧ୍ୟ ଉପକୂଳ ଓ ସଂଲଗ୍ନ ଜିଲ୍ଲାରେ ବର୍ଷା ହେବାର ଆଶଙ୍କା ରହିଛି। ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି, ରାୟଗଡ଼ା, ନୟାଗଡ଼ରେ ମଧ୍ୟମ ଧରଣର ବର୍ଷା ହୋଇପାରେ। ଯାହାକି କ୍ଷେତରେ ଥିବା ଧାନକୁ ପ୍ରଭାବିତ କରିବ। ତେଣୁ ଚାଷୀମାନେ କଟାଯାଇ କ୍ଷେତରେ ପଡ଼ିଥିବା ଧାନକୁ ନେଇଯିବା ସହ ଖେଳେଇ ରଖନ୍ତୁ। କାରଣ ଧାନ ଓଦା ହୋଇଗଲେ ଗଜା ହୋଇ ନଷ୍ଟ ହୋଇଯିବ। ଯେଉଁମାନେ ଧାନ କାଟି ନାହାନ୍ତି ସେମାନେ ବିଲରେ ଠିଆ କରି ରଖନ୍ତୁ। କ୍ଷେତରୁ ଯେପରି ପାଣି ବୋହିଯିବ ସେନେଇ ବ୍ୟବସ୍ଥା କରନ୍ତୁ। ଅଣଜଳସେଚିତ ଜମିରେ ମୁଗ, ବିରି, କୋଳଥ, ରାଶି ପରି ଡାଲିଜାତୀୟ ଫସଲରେ ଯଦି ଫୁଲ ଆସି ନ ଥିବ ତାହା ହେଲେ ଲାଭଦାୟକ ହେବ। ତେବେ ତୁରନ୍ତ ଜଳ ନିଷ୍କାସନ କରିବାକୁ ପଡ଼ିବ। ଯେପରିକି ?କ୍ଷେତରେ ପାଣି ରହିବ ନାହିଁ। ଯଦି ଛୁଇଁ ପାକଳ ଅବସ୍ଥା ଥିବ ତାହାହେଲେ ନଷ୍ଟ ହୋଇପାରେ। ସେହିପରି ମେଘୁଆ ପାଗ ସହ ଦିନର ତାପମାତ୍ରା ଅଧିକ ଓ ହାଲୁକା ବର୍ଷା ଯୋଗୁଁ ପନିପରିବାରେ ରୋଗପୋକର ସମ୍ଭାବନା ରହିଛି। ଶୀତଦିନିଆ ପରିବା ଯଥା କୋବି, ବାଇଗଣ, କଲରା, ଝୁଡ଼ଙ୍ଗ, ମୂଳା, ଆଳୁ, ପିଆଜ, କାଙ୍କଡ଼, କୋଶଳା, ଧନିଆ ପ୍ରଭୃତି ଫସଲର ଏବେ ଅମଳ ସମୟ। ଲଗାଣ ବର୍ଷା ହେଲେ ବହୁ ପରିବା ଗଛରେ ପୋକ ମାଡ଼ିଯିବେ। ତେଣୁ ବର୍ଷା ଛାଡ଼ିବା ପରେ ଫସଲ ଅମଳ କରିଦିଅନ୍ତୁ। ଜଉ ପୋକ, ପାଉଁଶିଆ ପୋକ, ପତ୍ରପୋଡ଼ା ରୋଗ ଲାଗିପାରେ। ଏଥିସହ ମାଟିର ବତର ଅଧିକ ହେବା ସହ ତାପମାତ୍ରା ଅଧିକ ହେବାରୁ ଡାଲି ଜାତୀୟ ଫସଲ, ଟମାଟୋ ଆଦି ଫସଲରେ ଝାଉଁଳା ରୋଗ ହେବାର ଆଶଙ୍କା ରହିଛି।

## କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ପାଖରେ ୮ଟି ଦାବି ରଖିଲା ଓଡ଼ିଶା

ଭୁବନେଶ୍ୱର, ୨୧/୧୨: ଆସନ୍ତା ୨୦୨୫-୨୬ ଆର୍ଥିକବର୍ଷର କେନ୍ଦ୍ରୀୟ ବଜେଟରେ ଓଡ଼ିଶା ପାଇଁ ଅଧିକ ପାଣ୍ଠି ଆବଂଟନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାବି ଉପସ୍ଥାପନ କରିଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ରାଜସ୍ଥାନର ଜୈସଲମେରଠାରେ ଅନୁଷ୍ଠିତ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକରେ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ଅର୍ଥମନ୍ତ୍ରୀ ଶ୍ରୀ ମାଝୀ ଯୋଗ ଦେଇ ୮ଟି ଦାବି ଉପସ୍ଥାପନ କରିଛନ୍ତି। ଏହି ଦାବିଗୁଡ଼ିକୁ ଅନୁଧ୍ୟାନ କରି ଉପଯୁକ୍ତ ପଦକ୍ଷେପ ନେବାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଆଜି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ୨୦୨୫-୨୬ କେନ୍ଦ୍ରୀୟ ବଜେଟରେ ଓଡ଼ିଶା ପାଇଁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଏକ ସ୍ମାରକପତ୍ର କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ସେଥିରେ ଭିତ୍ତିଭୂମି ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ



ପୁଞ୍ଜିନିବେଶ ନିମନ୍ତେ ସ୍ୱତନ୍ତ୍ର ସହାୟତା ଯୋଜନା ୨୦୨୫-୨୬(ଏସଏସିଆଇ) ଅଧୀନରେ ରାଜ୍ୟକୁ ଅଧିକ ଆବଂଟନ, ଓଡ଼ିଶାରେ ସହରୀକରଣ ପାଇଁ କେନ୍ଦ୍ର ସରକାରଙ୍କ ସହାୟତା, ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଅର୍ଥନୀତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାକୁ ଗୋପାଳପୁର(ଲୁଣ ଖଳା) ଓ ଝାରସୁଗୁଡ଼ା ପାଇଁ ନୂଆ ଇଣ୍ଡଷ୍ଟ୍ରିଆଲ ଟାଉନସିପ୍ ଗଠନ ପାଇଁ ପ୍ରସ୍ତାବ, ଓଡ଼ିଶାରେ ନିବେଶକୁ ପ୍ରୋତ୍ସାହନ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି ନିମନ୍ତେ କେନ୍ଦ୍ର ସରକାରଙ୍କ ବିଶେଷ ସହାୟତା, ଓଡ଼ିଶାରେ ପର୍ଯ୍ୟଟନର ବିକାଶ ପାଇଁ ୧୦ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍, ଆସନ୍ତା ଗ୍ରୀଷ୍ମପୂର୍ବରୁ ଲକ୍ଷ୍ୟଧାର୍ଯ୍ୟ ପ୍ରକଳ୍ପ ସମାପ୍ତ କରିବା ଓ ସମସ୍ତ ପ୍ରକଳ୍ପର ଅଗ୍ରଗତିକୁ ତ୍ୱରାନ୍ୱିତ କରିବାକୁ ଜଳଜୀବନ ମିଶନ(ଜେଜେଏମ) ଅଧୀନରେ ପର୍ଯ୍ୟାପ୍ତ ବଜେଟ୍ ବ୍ୟବସ୍ଥା, ଓଡ଼ିଶାର ଲୋକମାନଙ୍କର ନୂତନ ସରକାରଠାରୁ ଉଚ୍ଚ ଆଶା ପୂରଣ ଦିଗରେ ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ଭିତ୍ତିଭୂମିରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା, ଆକାଂକ୍ଷା ବ୍ଲକ୍ ପ୍ରୋଗ୍ରାମ ଅନ୍ତର୍ଗତ ପୂର୍ବରୁ ଅନୁମୋଦିତ ୨୯ଟି ବ୍ଲକ୍ ବ୍ୟତୀତ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଆଉ ୧୧ଟି ବ୍ଲକକୁ ଅନ୍ତର୍ଭୁକ୍ତ କରିବାକୁ ଓଡ଼ିଶା ସରକାର ପ୍ରସ୍ତାବ ଦେଇଛନ୍ତି। ଆଜିର ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସହ ରାଜ୍ୟ ଅର୍ଥ ସଚିବ ଶାଶ୍ୱତ ମିଶ୍ର ମଧ୍ୟ ଯୋଗ ଦେଇଥିଲେ।

# ଜାନୁଆରୀରେ ସୁଭଦ୍ରା ଟଙ୍କା

ଭୁବନେଶ୍ୱର,୨୧/୧୨: ରାଜ୍ୟ ସରକାରଙ୍କ ବହୁ ପ୍ରତୀକ୍ଷିତ 'ସୁଭଦ୍ରା ଯୋଜନା'ର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ପାଇବା ପାଇଁ ଆବେଦନକାରୀମାନେ ଅପେକ୍ଷାରେ ଅଛନ୍ତି। ଅପେକ୍ଷାରତ ଅବେଦନକାରୀଙ୍କୁ କେବେ ଟଙ୍କା ମିଳିବ ସେନେଇ ଯଦିଓ ବିଦ୍ଧିବଦ୍ଧ ଭାବେ ତାରିଖ ଘୋଷଣା ହୋଇନାହିଁ, ସମ୍ଭବତଃ ଏହା ଆଗାମୀ ଜାନୁଆରିରେ ମିଳିବ ବୋଲି ଆଶା କରାଯାଉଛି। ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବଡ଼ ଅପ୍‌ଡେଟ୍ ଦେଇଛନ୍ତି। ରାଜ୍ୟ ସରକାର ଏପର୍ଯ୍ୟନ୍ତ ପ୍ରଥମ କିସ୍ତିରେ ୩ଟି ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ଦେଇ ସାରିଛନ୍ତି। ଚତୁର୍ଥ ପର୍ଯ୍ୟାୟର ଟଙ୍କା ଆସନ୍ତା ଜାନୁଆରିରେ ଦେବେ। ପ୍ରାୟ ୨୦ ଲକ୍ଷ ମହିଳାଙ୍କୁ ଏହି ପର୍ଯ୍ୟାୟରେ ଟଙ୍କା ଦିଆଯିବାର ଲକ୍ଷ୍ୟ ରଖାଯାଇଛି। ଏଥି ପାଇଁ ଯାଞ୍ଚ ପ୍ରକ୍ରିୟା ଆଗାମୀ ୩୦ ତାରିଖ ମଧ୍ୟରେ ଶେଷ ହେବ। ଏପର୍ଯ୍ୟନ୍ତ ୩ଟି ପର୍ଯ୍ୟାୟରେ ଯୋଗ୍ୟ ମହିଳାଙ୍କ ଆକାଉଣ୍ଟରେ ଟଙ୍କା ପହଞ୍ଚି ସାରିଛି। ଚତୁର୍ଥ ପର୍ଯ୍ୟାୟ ଟଙ୍କା ଡିସେମ୍ବର ୨୪ରେ ଦିଆଯିବ ବୋଲି ସରକାର



କହିଥିଲେ। କିନ୍ତୁ ପରେ ଏହାକୁ ସ୍ଥଗିତ ରଖିଛନ୍ତି। ଏବେ କୁହାଯାଉଛି ଯେ, ଆସନ୍ତା ୨୦୨୫ ଜାନୁଆରିରେ ସରକାର ଟଙ୍କା ପଠାଇବେ। ଏହି ପର୍ଯ୍ୟାୟରେ ପ୍ରାୟ ୨୦ ଲକ୍ଷ ହିତାଧିକାରୀଙ୍କୁ ଟଙ୍କା ମିଳିବ। ଯାଞ୍ଚ ପ୍ରକ୍ରିୟା ଜାରି ରହିଥିବାରୁ ଏହି ପର୍ଯ୍ୟାୟ ଟଙ୍କା ବିଳମ୍ବରେ ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଗତ ସେପ୍ଟେମ୍ବର ୧୭ ତାରିଖରେ ଶୁଭାରମ୍ଭ ହୋଇଥିବା ଯୋଜନାରୁ ଯେଉଁମାନେ ଏପର୍ଯ୍ୟନ୍ତ ଉପକୃତ ହୋଇପାରି ନାହାନ୍ତି, ସେମାନେ ବ୍ୟସ୍ତ ଦେଖାଯାଉଛନ୍ତି। ଅନେକ ମହିଳାଙ୍କର ଅଭିଯୋଗ ଯେ, ସେମାନଙ୍କର ନାମରେ କୌଣସି ଜମି ରେକର୍ଡ ନଥିବା ବେଳେ ସରକାର ସେମାନଙ୍କୁ ସାମିଲ କରୁନାହାନ୍ତି। ଆହୁରି ଅନେକ ମହିଳା କହୁଛନ୍ତି, ସେମାନେ କୌଣସି ଜଳକର ଦେଉନାହାନ୍ତି। କିନ୍ତୁ ତାଙ୍କର ଆବେଦନକୁ ସ୍ୱୀକାର କରାଯାଇ ନାହିଁ। ଅନ୍ୟପଟରେ ସରକାର କହିଛନ୍ତି ସୁଭଦ୍ରା ଟଙ୍କା ପାଇବାରୁ ବଞ୍ଚିତ ରହିଥିବା ଯୋଗ୍ୟ ହିତାଧିକାରୀ ସୁଭଦ୍ରା ପୋର୍ଟାଲରେ ଯାଇ ନିଜର ଅଭିଯୋଗ ଦାୟର କରିପାରିବେ। ଏହାବ୍ୟତୀତ ଏହି ଯୋଜନା ପାଇଁ ବ୍ଲକରେ ତିଆରି ହୋଇଥିବା କମିଟି ନିକଟରେ ମଧ୍ୟ ନିଜର ଅଭିଯୋଗ ଦେଇପାରିବେ। ଏହାପରେ ରାଜସ୍ୱ ବିଭାଗର କର୍ମଚାରୀମାନେ ଗାଁକୁ ଯାଇ ତଦାରଖ କରିବା ପରେ ଦେଇଥିବା ରିପୋର୍ଟ ଅନୁସାରେ, ଚତୁର୍ଥ ପର୍ଯ୍ୟାୟରେ ଏହି ହିତାଧିକାରୀମାନଙ୍କୁ ସାମିଲ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି। ଏଥିସହିତ ରିଜେକ୍ଟ ଲିଷ୍ଟ ଯାଞ୍ଚ ସମୟରେ ଆଧାର ଭେରିଫିକେସନ କରାଇନେବାକୁ ସେ ହିତାଧିକାରୀମାନଙ୍କୁ ଅନୁରୋଧ କରିଛନ୍ତି ।ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଯଦି ବାୟୋମେଟ୍ରିକରେ ଇ-କେୱାଇସି ଶେଷ ବୋଲି ଦେଖାଉଛି, ତେବେ ହିତାଧିକାରୀ ଅଚିନ୍ତା ରୁହନ୍ତୁ। ଓଟିପି ଜରିଆରେ ଇ-କେୱାଇସି କରିଥିଲେ ମଧ୍ୟ ବାୟୋମେଟ୍ରିକ କରନ୍ତୁ। ଇ-କେୱାଇସି ଅପଡେଟ ନଥିବାରୁ ୫ ଲକ୍ଷ ୧୧ ହଜାର ଆବେଦନ ପଡ଼ି ରହିଛି। ମଣ୍ଡିରେ ୫ ଏକର ଜମି ଥିବା ଦର୍ଶାଇଥିଲେ ରିଜେକ୍ଟ ଲିଷ୍ଟରେ ନାଁ ଆସିବ।

# ଚାଷୀଙ୍କ ଜନ୍ମକୁଣ୍ଡଳୀ ରଖିବେ ସରକାର

ଭୁବନେଶ୍ୱର, ୨୧/୧୨: ରାଜ୍ୟର ସମସ୍ତ ଚାଷୀଙ୍କ କୁଣ୍ଡଳୀ (ବ୍ୟକ୍ତିଗତ ତଥ୍ୟ) ସରକାରଙ୍କ ପାଖରେ ରହିବ। ଏଥିପାଇଁ ସରକାରୀ ପ୍ରକ୍ରିୟା ଆରମ୍ଭ ହୋଇଛି । ରାଜ୍ୟ ସରକାର ସମସ୍ତ ଜିଲ୍ଲାପାଳଙ୍କୁ ଏହି ଫାର୍ମର ରେଜିଷ୍ଟ୍ରି(ଚାଷୀ ପଞ୍ଜିକା) ପ୍ରସ୍ତୁତ ନିମନ୍ତେ ଜାନୁୟାରୀ ପହିଲାରୁ ପ୍ରତି ପଂଚାୟତରେ କ୍ୟାମ୍ପ(ଶିବିର) ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ପ୍ରତ୍ୟେକ ଚାଷୀଙ୍କୁ ୧୪ଟିକିଆ ନମ୍ବର ବିଶିଷ୍ଟ ସ୍ୱତନ୍ତ୍ର ଆଇଡି ନମ୍ବର ଓ କାର୍ଡ ମିଳିବ । ଯାହାମାଧ୍ୟମରେ ଚାଷୀଙ୍କ ଚିହ୍ନଟ ହେବା ସହ ତାଙ୍କୁ ସିଧାସଳଖ ସରକାରଙ୍କ ସବୁ ସୁବିଧା ଓ ଯୋଜନାର ଲାଭ ମିଳିପାରିବ । ଚାଷୀ ସହାୟତାର ବାଟମାରଣାରେ ପୂର୍ଣ୍ଣଚ୍ଛେଦ ପକାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପିଏମକିଷାନ, ପ୍ରଧାନମନ୍ତ୍ରୀ ଫସଲବୀମା, ସିଏମ-କିଷାନ, ଫସଲ ଋଣ,ଅନ୍ୟାନ୍ୟ ସମସ୍ତ କୃଷି ସବସିଡିକୁ ପାରଦର୍ଶିତାର ସହ ପ୍ରଦାନ ନିମନ୍ତେ ଏହି ଡିଜିଟାଲ ଡାଟାବେସ୍ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି । ରାଜ୍ୟରେ ମୋହନ ମାଝୀ ସରକାର ପ୍ରକୃତ ଚାଷୀ ଚିହ୍ନଟ ସହ ସରକାରୀ ପାଣ୍ଠିର ଅନିୟମିତତାକୁ ରୋକିବା ପାଇଁ ରାଜ୍ୟରେ ଫାର୍ମର ରେଜିଷ୍ଟ୍ରି ଡାଟାବେସ୍ ପ୍ରସ୍ତୁତ ନିମନ୍ତେ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟ କୃଷି ନିର୍ଦ୍ଦେଶକ ଗତ ସପ୍ତାହରେ ସମସ୍ତ ଜିଲ୍ଲାପାଳଙ୍କୁ ଏହି ଡାଟାବେସ୍ ପ୍ରସ୍ତୁତ ନିମନ୍ତେ ଆକ୍ସନ ପ୍ଲାନ୍ ଓ ଏସଓପି ଜାରି କରିଛନ୍ତି । ଏହି ଡାଟାବେସ୍ ପ୍ରସ୍ତୁତ ମାଧ୍ୟମରେ ଚାଷୀଙ୍କୁ

## ଚାଷୀଙ୍କୁ ମିଳିବ ସ୍ୱତନ୍ତ୍ର ଆଇଡି ନମ୍ବର

ୟୁନିକ୍ ଆଇଡି ଜାରି କରି ସେମାନଙ୍କୁ ସିଧାସଳଖ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି ଯୋଜନାର ଲାଭ ଦେବାକୁ ଲକ୍ଷ୍ୟ ରଖିଛନ୍ତି । କେବଳ ସେତିକି ନୁହେଁ କେଉଁ ଚାଷୀ କେତେ ଚାଷଜମିର ମାଲିକ, ସେଥିରୁ କେତେ ଜଳସେଚିତ ଓ କେତେ ଅଣଜଳସେଚିତ, ତା'ର ତଥ୍ୟ ମଧ୍ୟ ସରକାର ଜାଣିପାରିବେ । ଫାର୍ମର ରେଜିଷ୍ଟ୍ରି କାର୍ଯ୍ୟାନ୍ୱୟନର ଏହି ପ୍ରକ୍ରିୟା ରାଜ୍ୟର ସମସ୍ତ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ଜାନୁୟାରୀ ୧ରୁ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରଥମ ପର୍ଯ୍ୟାୟରେ ସବୁ ପଂଚାୟତରେ ଏକ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯିବ । ଯେଉଁ ଶିବିରରେ ୨ଜଣ ଲେଖାଏଁ ଗ୍ରାମ୍ୟ କୃଷି ସେବକ, ଜଣେ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ରହିବେ । ଚାଷୀଙ୍କୁ ଶିବିର ପର୍ଯ୍ୟନ୍ତ ଆଣିବା ପାଇଁ ସ୍ଥାନୀୟ କୃଷକ ସାଥୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ପ୍ରତ୍ୟେକ ଶିବିରର ତଦାରଖ ଦାୟିତ୍ୱରେ କୃଷି ଓଭରସିୟର,ବ୍ଲକ କୃଷି ଅଧିକାରୀ, ଅତିରିକ୍ତ ତହସିଲଦାର କିମ୍ବା ତହସିଲଦାରଙ୍କ ମଧ୍ୟରୁ ଜଣେ ରହିବେ । ଚାଷୀମାନେ ନିଜର ଆଧାର କାର୍ଡ, ମୋବାଇଲ ଫୋନ୍(ଆଧାର ଲିଙ୍କ ଥିବା) , ଜମି ପଟ୍ଟା(ଭୂଲେଖରେ ଥିବା ରେକର୍ଡ) ଅବା ଖର୍ଦ୍ଦି ଦଲିଲ ଧରି ଶିବିରକୁ ଆସିବେ । ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ଏହି ଶିବିରରେ ପିଏମକିଷାନ, ପ୍ରଧାନମନ୍ତ୍ରୀ ଫସଲବୀମା, କୃଷକ ଓଡ଼ିଶାର ହିତାଧିକାରୀଙ୍କ ପଞ୍ଜିକରଣ ଶେଷ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତ୍ୟେକ ଚାଷୀଙ୍କ ପଞ୍ଜିକରଣ ପାଇଁ କୃଷକ ସାଥୀମାନଙ୍କୁ ୬ଟଙ୍କା, ଗ୍ରାମ୍ୟ କୃଷିସେବକ ଓ ରାଜସ୍ୱ ନିରୀକ୍ଷକଙ୍କୁ ୨ଟଙ୍କା ଲେଖାଏଁ ପାରିଶ୍ରମିକ ମିଳିବ । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପଞ୍ଜିକରଣ ପ୍ରକ୍ରିୟା ମାର୍ଚ୍ଚ ୩୧ରୁ ହେବ । ଯାହାକି ୩ଟି ମାଧ୍ୟମରେ ହୋଇପାରିବ । ବ୍ୟକ୍ତିଗତସ୍ତରରେ ଏଗ୍ରିଷ୍ଟାକ୍ ୱେବସାଇଟ୍ ଅବା ଆପ୍ ମାଧ୍ୟମରେ, ଜନସେବା କେନ୍ଦ୍ରରେ ଓ ସହାୟକ ମଡେଲକୁ ଉପଯୋଗ କରି ଚାଷୀ ପଞ୍ଜିକରଣ କରାଯିବ । ସେହିପରି ଯେଉଁ ଜମିଗୁଡ଼ିକ ଇଜିମାଲିରେ ଥିବ ଅବା ପିତା-ଜେଜେଙ୍କ ନାଁରେ ଥିବ ତା'ର ପ୍ରକୃତ ହିତାଧିକାରୀ ଆବଶ୍ୟକ ତଥ୍ୟ ଦେଇ ପଞ୍ଜିକରଣ କରାଇବାକୁ ପଡ଼ିବ । ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଆଧାର କେୱାଇସି, ଭୂଲେଖରେ ଥିବା ରେକର୍ଡ ଓ ପ୍ରତ୍ୟେକ ଚାଷଜମିର ଫସଲର ବିବରଣୀ(ଡିଜିଟାଲ ଫସଲ ସର୍ଭେ ଡାଟାବେସରୁ ସଂଗୃହୀତ ତଥ୍ୟ) ଠିକଠାକ୍ ଥିଲେ ଚାଷୀଙ୍କୁ ୨୪ଘଣ୍ଟା ମଧ୍ୟରେ ୧୪ଟିକିଆ ସ୍ୱତନ୍ତ୍ର ଆଇଡି ନମ୍ବର(ଓଡ଼ିରୁ



ଆରମ୍ଭ) ମିଳିଯିବ । ଅନ୍ୟ ଯେଉଁମାନଙ୍କର ଏସବୁ ତଥ୍ୟରେ ସମସ୍ୟା ଥିବ ସେମାନଙ୍କୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ତହସିଲଦାରଙ୍କ ମାଧ୍ୟମରେ ରେକର୍ଡ ଭେରିଫାଏଡ୍ କଲାପରେ ହିଁ ୟୁନିକ୍ ଆଇଡି ନମ୍ବର ମିଳିପାରିବ । ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାର ଏହି ଫାର୍ମର ରେଜିଷ୍ଟ୍ରି ପରେ ଆସନ୍ତା ଆର୍ଥିକ ବର୍ଷରୁ ପିଏମ କିଷାନ, ସିଏମକିଷାନ ସହ ପ୍ରଧାନମନ୍ତ୍ରୀ ଫସଲବୀମା ଆଦି ପାଇଁ ଏହି ୟୁନିକ୍ ଆଇଡି ନମ୍ବରକୁ ବାଧ୍ୟତାମୂଳକ କରିବାକୁ ଯୋଜନା ରଖିଛନ୍ତି । ପରବର୍ତ୍ତୀ ସମୟରେ କୃଷି ସହ ଜଡ଼ିତ ସମସ୍ତ ଯୋଜନା ଓ ସବସିଡି ମଧ୍ୟ କେବଳ ଏହି ଆଇଡି ନମ୍ବର ଥିଲେ ହିଁ ମିଳିପାରିବ ବୋଲି ଜଣାପଡ଼ିଛି । ତେବେ ଏହି ଏସଓପିରେ ଭୂମିହୀନ ଚାଷୀ କିଭଳି ନିଜକୁ ପଞ୍ଜିକରଣ କରିବେ ସେନେଇ ଏସଓପିରେ କିଛି ଉଲ୍ଲେଖ ନାହିଁ ।

# ନବୀନଙ୍କ ବିରୁଦ୍ଧରେ କଠୋର ହେଲେ ରାଜ୍ୟପାଳ

ଭୁବନେଶ୍ୱର, ୨୧/୧୨: ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଢ଼ିପାରେ ଅଡୁଆ । ନବୀନଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ ମାମଲାରେ କଠୋର ଆଭିମୁଖ୍ୟ ପୋଷଣ କରଛନ୍ତି ରାଜ୍ୟପାଳ ରଘୁବର ଦାସ । ସମ୍ବିଧାନ ପ୍ରଦତ୍ତ ବିବେକାନୁମୋଦିତ କ୍ଷମତାକୁ ଉପଯୋଗ କରି ନବୀନଙ୍କ ବିରୁଦ୍ଧରେ ଦୁର୍ନୀତି ମାମଲା ରୁଜୁ ପାଇଁ ଦେଇପାରନ୍ତି ଅନୁମତି । ଆଡଭୋକେଟ୍ ସୁଧୀର ଚରଣ ମହାନ୍ତିଙ୍କ ଆବେଦନ ଆଧାରରେ ରାଜ୍ୟପାଳ ମାତ୍ର ୨୦ଦିନ ମଧ୍ୟରେ ଦୁଇ ଦୁଇଥର ଆଇନଗତ ପରାମର୍ଶ ଲୋଡ଼ିବା ପରେ ଏହି ଆଶଙ୍କା ବଢ଼ିବାରେ ଲାଗିଛି । ଯଦି ଏଭଳି ହୁଏ ତା'ହେଲେ ନବୀନ ଓ ତାଙ୍କ ଖାସ୍ ସହଯୋଗୀ ଭିକେ ପାଣ୍ଡିଆନଙ୍କ ଅଡୁଆ ବଢ଼ିବ ଏବଂ ଉଭୟଙ୍କୁ ପୁଲିସ ତଦନ୍ତର ସମ୍ମୁଖୀନ ହେବାକୁ ପଡ଼ିପାରେ ବୋଲି ଜଣାପଡ଼ିଛି । ମିଳିଥିବା ସୂଚନା ଅନୁସାରେ, ଶ୍ରୀ ମହାନ୍ତିଙ୍କ ଆବେଦନକୁ ଆଧାର କରି ରାଜ୍ୟପାଳଙ୍କ ଅଫିସ୍ (ରାଜଭବନ) ପକ୍ଷରୁ ରାଜ୍ୟ ଆଇନ ବିଭାଗର ପରାମର୍ଶ ଲୋଡ଼ାଯାଇଥିଲା । ଗତ ନଭେମ୍ବର ୨୨ତାରିଖରେ ରାଜ୍ୟ ଆଇନ ବିଭାଗର ସ୍ୱତନ୍ତ୍ର ସଚିବ ପ୍ରଣବ କୁମାର ପାତ୍ର 'ୟୁଓଆଇ' ନୋଟ୍ ପଠାଇଥିଲେ ଯେଉଁଥିରେ ସେ ଦର୍ଶାଇଥିଲେ ଯେ, ବିଭାଗକୁ ଆସିଥିବା ଫାଇଲ ଯାହାକି ରାଜ୍ୟପାଳଙ୍କ ନିକଟରେ ଅଭିଯୋଗକାରୀ ଶ୍ରୀ ମହାନ୍ତି ଦାଖଲ କରିଛନ୍ତି ସେଥିରେ ତାଙ୍କ ଦ୍ୱାରା କୌଣସି ଦସ୍ତାବିଜ କିମ୍ବା ଅନ୍ୟାନ୍ୟ ଆବଶ୍ୟକ ତଥ୍ୟ ଦିଆଯାଇନାହିଁ । ଯଦି ଶ୍ରୀ ମହାନ୍ତିଙ୍କ ପାଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୁଦ୍ଧରେ କୌଣସି ପ୍ରାମାଣିକ ତଥ୍ୟ ଓ ଦସ୍ତାବିଜ ଅଛି ତାକୁ ସେ ରାଜ୍ୟପାଳଙ୍କ ନିକଟରେ ଦାଖଲ କରିବାକୁ କୁହାଯାଉ । ତାକୁ ଅନୁଧ୍ୟାନ କରିବା ପରେ ରାଜ୍ୟପାଳ ନିଜ ବିବେକ ଆଧାରରେ ମକଦ୍ଦମା ଦାଏର ପାଇଁ ଅନୁମତି ଦେଇପାରିବେ । ଯଦି ଅଭିଯୋଗକାରୀ କୌଣସି ତଥ୍ୟ ଦେବାରେ ସକ୍ଷମ ନହେବେ ତା'ହେଲେ ଅନୁମତି



ଦିଆଯାଇନପାରେ ବୋଲି ଆଇନ ବିଭାଗ ନଭେମ୍ବର ୨୨ତାରିଖରେ ରାଜ୍ୟପାଳଙ୍କ ପ୍ରମୁଖ ସଚିବଙ୍କୁ ୟୁଓଆଇ ନୋଟ୍ ପଠାଇ ଏହା ଜଣାଇ ଦେଇଥିଲା । ମାତ୍ର ଆଇନ ବିଭାଗର ଏହି ଉତ୍ତରରେ ସନ୍ତୁଷ୍ଟ ନହୋଇ ରାଜ୍ୟପାଳ ପୁଣିଥରେ ଚଳିତମାସ ୪ତାରିଖରେ ଆଇନ ବିଭାଗର ପରାମର୍ଶ ଲୋଡ଼ିଥିଲେ । ଅଭିଯୋଗକାରୀ ଶ୍ରୀ ମହାନ୍ତିଙ୍କ ଦ୍ୱାରା ସେପ୍ଟେମ୍ବର ୨୫ତାରିଖରେ ଦାଖଲ କରାଯାଇଥିବା ଦସ୍ତାବିଜ ଆଧାରରେ ସ୍ପଷ୍ଟ ମତ ଦେବାକୁ ଆଇନ ବିଭାଗକୁ ରାଜଭବନ କହିଥିଲା । ଆଉ ଚଳିତମାସ ୧୭ତାରିଖରେ ଆଇନ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀ ପାତ୍ର ପୁଣିଥରେ 'ୟୁଓଆଇ' ନୋଟ୍ ଲେଖି ଦର୍ଶାଇଛନ୍ତି ଯେ, ଅଭିଯୋଗକାରୀଙ୍କ ଦ୍ୱାରା ସେପ୍ଟେମ୍ବର ୨୫ତାରିଖରେ କେବଳ ଏକ ପିଟିସନ୍ ଦାଖଲ କରାଯାଇଛି । ଲାଗୁଛି, ରାଜ୍ୟପାଳଙ୍କ ସମ୍ମୁଖରେ ଅଭିଯୋଗକାରୀଙ୍କ ଦ୍ୱାରା ଏହି ପିଟିସନ୍ ବ୍ୟତୀତ ଅନ୍ୟ କୌଣସି ଦସ୍ତାବିଜ ଓ ତଥ୍ୟ ଦାଖଲ କରାଯାଇ ନାହିଁ । ତେଣୁ କୌଣସି ଦସ୍ତାବିଜ ନଥାଇ କେବଳ ପିଟିସନ୍ ଆଧାରରେ ନବୀନ ପଟ୍ଟନାୟକ କୌଣସି ଅପରାଧ କରିଛନ୍ତି ବୋଲି ନିଷ୍କର୍ଷରେ ଉପନୀତ ହେବା ସମ୍ଭବପର ନୁହେଁ । ତେଣୁ ଏସବୁକୁ ଦୃଷ୍ଟିରେ ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ବିରୁଦ୍ଧରେ ମାମଲା ରୁଜୁ ପାଇଁ ଅନୁମତି ଦିଆଯାଇନପାରେ ବୋଲି ବିଭାଗ ତା'ର ମତ ଦେଉଛି । ଅବଶ୍ୟ ଆଇନ ବିଭାଗ ଦେଇଥିବା ୟୁଓଆଇ ନୋଟସିଟରେ ସୁପ୍ରିମକୋର୍ଟ ଦେଇଥିବା ବିଭିନ୍ନ ରାୟକୁ ଉଲ୍ଲେଖ କରିଛି । ଆଉ ରାଜ୍ୟପାଳ ଚାହିଁଲେ ସମ୍ବିଧାନର ଅନୁଚ୍ଛେଦ-୧୬୩ରେ ପ୍ରଦତ୍ତ କ୍ଷମତାକୁ ଉପଯୋଗ କରି ପ୍ରିଭେନ୍ସନ୍ ଅଫ କରପସନ୍ ଆକ୍ଟ-୧୯୮୮ର ଧାରା ୬ରେ ମାମଲା ରୁଜୁ ପାଇଁ ଅନୁମତି ଦେଇପାରିବେ । ଏପରିକି ମନ୍ତ୍ରିପରିଷଦର ସୁପାରିଶ ବିପରୀତ ରାଜ୍ୟପାଳ ଏଭଳି ନିଷ୍ପତ୍ତି ନେଇପାରିବେ ବୋଲି ସୁପ୍ରିମକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଥିବା ଆଇନ ବିଭାଗ କହିଛି । ତେଣୁ ଆଡଭୋକେଟ୍ ଶ୍ରୀ ମହାନ୍ତିଙ୍କ ଦ୍ୱାରା ଦାଏର ଆବେଦନକୁ ଆଧାର କରି ରାଜ୍ୟପାଳ ଶ୍ରୀ ଦାସ ଯେଭଳି ଭାବେ କଠୋର ଆଭିମୁଖ୍ୟ ପୋଷଣ କରିବାରେ ଲାଗିଛନ୍ତି, ଆଉ ଦୁଇ ଦୁଇଥର ଆଇନ ବିଭାଗର ପରାମର୍ଶ ଲୋଡ଼ିଛନ୍ତି ତାହା ନବୀନ ଓ ତାଙ୍କ ଖାସ୍ ପାଣ୍ଡିଆନଙ୍କ ପାଇଁ ଅଡୁଆ ବଢ଼ାଇବାର ଆଶଙ୍କା ଦେଖାଦେଇଛି । ରାଜ୍ୟପାଳ ଯଦି ନିଜ ବିବେକାନୁମୋଦିତ କ୍ଷମତାକୁ ଉପଯୋଗ କରି ନବୀନଙ୍କ ବିରୁଦ୍ଧରେ ଦୁର୍ନୀତି ମାମଲାରେ ଏଫଆଇଆର ରୁଜୁ ପାଇଁ ଅନୁମତି ଦିଅନ୍ତି ତା'ହେଲେ ପୁଲିସ ତଦନ୍ତ କରିବାକୁ ଏକରକମ ବାଧ୍ୟ ହେବ । ଉଭୟ ନବୀନ ଓ ପାଣ୍ଡିଆନଙ୍କୁ ତଦନ୍ତ ପରିସରଭୁକ୍ତ ହେବାକୁ ପଡ଼ିବ । ଯାହା ନବୀନ ଓ ବିଜେଡି ପାଇଁ ଶକ୍ତଧକ୍କା ହେବ ବୋଲି ତଥ୍ୟାଭିଜ୍ଞ ମହଲରେ ଚର୍ଚ୍ଚା । ସୂଚନାଯୋଗ୍ୟ, ନବୀନ ଓ ତାଙ୍କ ସହଯୋଗୀ ପାଣ୍ଡିଆନଙ୍କ ବିରୁଦ୍ଧରେ ବ୍ୟାପକ ଦୁର୍ନୀତି ଓ ଅର୍ଥ ତୋଷାରପାତ ଅଭିଯୋଗ ଆଣି ଆଡଭୋକେଟ୍ ଶ୍ରୀ ମହାନ୍ତି ଥାନାରେ ଏଫଆଇଆର ଦେଇଥିଲେ । କିନ୍ତୁ କ୍ୟାପିଟାଲ ଥାନା ଏହି ଏଫଆଇଆରକୁ ପଞ୍ଜିକୃତ ନକରିବାରୁ ଶ୍ରୀ ମହାନ୍ତି ଚଳିତବର୍ଷ ଭୁବନେଶ୍ୱରସ୍ଥିତ ଏସଡିଜେଏମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆଉ କୋର୍ଟ ଏହି ମାମଲାର ଶୁଣାଣି କରି ସେପ୍ଟେମ୍ବର ୫ତାରିଖରେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଅନୁମତି ପରେ ଥାନାରେ ଏଫଆଇଆର ରୁଜୁ ଓ ତଦନ୍ତ କରିହେବ ବୋଲି ତାଙ୍କ ରାୟରେ କହିଥିଲେ । କୋର୍ଟଙ୍କ ଏହି ରାୟ ପରେ ଶ୍ରୀ ମହାନ୍ତି ସେପ୍ଟେମ୍ବର ୨୫ତାରିଖରେ ରାଜ୍ୟପାଳଙ୍କୁ ଚିଠି ଲେଖି ନବୀନଙ୍କ ବିରୁଦ୍ଧରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩ର ଧାରା-୨୧୮ ଆଧାରରେ ଏଫଆଇଆର ରୁଜୁ ପାଇଁ ଆବଶ୍ୟକ ଅନୁମତି ଦେବାକୁ ଅନୁରୋଧ କରିଥିଲେ ।

## ବିଟ୍ ରାସ୍ତାରେ ଓଆଇସିଙ୍କ ଦାଦାଗିରି
## ଫଟୋ ଭାଇରାଲ ପରେ ହେଲା ବଦଳି





କଟକ, ୨୧/୧୨: ଜଣେ ବାଇକ୍ ଚାଳକଙ୍କୁ ତଳେ ପକାଇ ତାଙ୍କ ଉପରେ ଛିଡ଼ା ହେବା କଟକ ଜିଲ୍ଲା ବୈଦେଶ୍ୱର ଥାନା ଓଆଇସି ପ୍ରିୟଦର୍ଶନ ସେଠୀଙ୍କୁ ମହଙ୍ଗା ପଡ଼ିଛି । ଏହାର ଫଟୋ ଭାଇରାଲ ହେବା ପରେ ତାଙ୍କୁ କଟକ ଗ୍ରାମାଞ୍ଚଳ ଏସ୍‌ପି ଅଫିସକୁ ବଦଳି କରାଯାଇଛି । ସୋଶାଲ ମିଡିଆରେ ଭାଇରାଲ ଫଟୋରେ ଦେଖିବାକୁ ମିଳିଛି ଯେ ବୈଦେଶ୍ୱର ଟି-ବ୍ରିଜ୍ ଉପରେ ଜଣେ ବାଇକ ଚାଳକଙ୍କୁ ତଳେ ପକାଇ ତାଙ୍କ ପିଠି ଉପରେ ଗୋଟିଏ ଗୋଡ଼ ରଖି ମୋବାଇଲରେ କଥା ହେଉଛନ୍ତି ପ୍ରିୟଦର୍ଶୀ ସେଠୀ । ସେତେବେଳେ ସେଠାରେ ବାଇକଟି ପଡ଼ିଥିବା ବେଳେ ଅନ୍ୟ ଜଣେ ଯୁବକ ଆଣ୍ଠେଇ ଥିବା ଦେଖିବାକୁ ମିଳିଛି । ଏହା କେଉଁ ଦିନର ଘଟଣା, ତାହା ସ୍ପଷ୍ଟ ହୋଇନି । ତେବେ ଶୁଣିବାକୁ ମିଳିଛି, ଘଟଣାଟି କିଛି ଦିନ ତଳର । ରାତିରେ ଟି-ବ୍ରିଜ୍ ନିକଟରେ ପାଟ୍ରୋଲିଂ କରୁଥିଲା ବୈଦେଶ୍ୱର ଥାନା ପୁଲିସ । ଥାନା ଅଧିକାରୀ ପ୍ରିୟଦର୍ଶନ ସେଠୀ ନିଜେ ସେଠାରେ ଉପସ୍ଥିତ ଥିଲେ । ସେତିକି ବେଳେ ବାଇକ୍‌ରେ ଯାଉଥିବା ଦୁଇ ଯୁବକଙ୍କୁ ସେ ଅଟକାଇଥିଲେ । ସେଠାରେ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଶ୍ରୀ ସେଠୀ ଓ ଅନ୍ୟ ପୁଲିସ କର୍ମଚାରୀ ସେମାନଙ୍କୁ ମାଡ଼ ମାରିଥିଲେ । ତା'ପରେ ଜଣଙ୍କୁ ତଳେ ପକାଇ ତା' ଉପରେ ଓଆଇସି ପ୍ରିୟଦର୍ଶନ ସେଠୀ ଗୋଡ଼ ରଖି ପକେଟରୁ ବନ୍ଧୁକ ଦେଖାଇ ଧମକ ଦେଇଥିଲେ ବୋଲି କୁହାଯାଉଛି । ଏହି ଦୁଇ ଯୁବକଙ୍କ ନାଁରେ ପୂର୍ବରୁ କିଛି ଅଭିଯୋଗ ରହିଥିବା ମଧ୍ୟ କୁହାଯାଉଛି । ତେବେ ଅଭିଯୁକ୍ତ ହେଲେ ମଧ୍ୟ ସେମାନଙ୍କ ବିରୋଧରେ ପୁଲିସର ଏଭଳି ଅମାନବୀୟ ବ୍ୟବହାରକୁ ସମସ୍ତେ ନାପସନ୍ଦ କରିଛନ୍ତି । ସୋଶାଲ ମିଡିଆରେ ପ୍ରିୟଦର୍ଶନ ସେଠୀଙ୍କ ଏହି ଫଟୋ ଭାଇରାଲ ହେବା ପରେ କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂହ ତାଙ୍କୁ ବଦଳି କରିଛନ୍ତି । ଏହା ସହିତ ତାଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତ ରିପୋର୍ଟ ଆସିବା ପରେ ସେଠାରେ ସେଦିନ କ'ଣ ଘଟିଥିଲା, ତାହା ଜଣାପଡ଼ିବ ।

## ଖୁବ୍‌ଶୀଘ୍ର SCBରେ ଖାଲି ପଡ଼ିଥିବା ପଦବୀ ପୂରଣ କରାଯିବ

କଟକ, ୨୧/୧୨: ଏସ୍‌ସିବି ମେଡିକାଲରେ ଖାଲି ପଡ଼ିଥିବା ପଦବୀ ପୂରଣ ପାଇଁ ଜାରି ରହିଛି ପ୍ରକ୍ରିୟା । ଖୁବ୍‌ଶୀଘ୍ର ଖାଲି ପଡ଼ିଥିବା ପଦବୀ ପୂରଣ କରାଯିବ । କଟକ ସହର ସମସ୍ୟା ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣିରେ ଭର୍ଚୁଆଲ୍ ମୋଡ୍‌ରେ ହାଜର ହୋଇ ହାଇକୋର୍ଟଙ୍କୁ ଅବଗତ କରାଇଲେ ସ୍ୱାସ୍ଥ୍ୟ ସଚିବ । ଅଚଳ ପଡ଼ିଥିବା ମେସିନ ମରାମତି କରାଯାଇ ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବ । ଏସ୍‌ସିବି ମେଡିକାଲରେ ଏମ୍‌ଆରଆଇ ମେସିନ କିଣିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ନିର୍ମାଣ ସରିଥିବା ଶିଶୁ ଭବନର ନୂତନ ବିଲ୍‌ଡିଂ ଖୁବଶୀଘ୍ର ଖୋଲାଯିବ ବୋଲି କୋର୍ଟଙ୍କୁ ଅବଗତ କରାଇଲେ ସ୍ୱାସ୍ଥ୍ୟ ସଚିବ । ଲାଲବାଗ ଥାନା ନିକଟରେ ଶିଶୁ ଭବନ ଗେଟ ସମ୍ମୁଖରେ ଥିବା ଉଠା ଦୋକାନୀଙ୍କ ଭେଣ୍ଡିଂ ଜୋନ ଲାଇସେନ୍ସ ଯାଞ୍ଚ କରିବା ପାଇଁ ସିଏମ୍ ?ସିକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ । ଏହାସହ ଲାଲବାଗ ଥାନା ସମ୍ମୁଖରେ ଶିଶୁ ଭବନ ମୁଖ୍ୟ ଗେଟ ଖୋଲିବା ପାଇଁ ପଦକ୍ଷେପ ନେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମଙ୍ଗଳାବାଗ ଛକରୁ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ପର୍ଯ୍ୟନ୍ତ ଥିବା ଜବରଦଖଲ ଉଚ୍ଛେଦ ପରେ ଯଦି ପୁନର୍ବାର ଜବରଦଖଲ ହୁଏ, ତା'ହେଲେ ଏଥିପାଇଁ ମଙ୍ଗଳାବାଗ ଥାନା ଆଇଆଇସି ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି ହାଇକୋର୍ଟ । ଆଜିର ଶୁଣାଣିରେ ସ୍ୱାସ୍ଥ୍ୟ ବିଭାଗ ସଚିବ, ଏସ୍‌ସିବି ମେଡ଼ିକାଲ ଅଧିକ୍ଷକ, କଟକ ଡିସିପି, ସିଏମ୍‌ସି କମିଶନର, ଶିଶୁ ଭବନ ଅଧୀକ୍ଷକ ଭିସି ମାଧ୍ୟମରେ ହାଇକୋର୍ଟରେ ହାଜର ହୋଇଥିଲେ ।



## ଅମିତ ଶାହାଙ୍କ କୁସପୁତଳିକା ଦାହ କଲା ମହିଳା କଂଗ୍ରେସ ଓ ଛାତ୍ର କଂଗ୍ରେସ

କେନ୍ଦ୍ରାପଡ଼ା୨୧/୧୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ତିନିମୁହାଣୀ ଛକ ଠାରେ କେନ୍ଦ୍ରାପଡ଼ା ଜିଲ୍ଲା ମହିଳା କଂଗ୍ରସ ସଭାନେତ୍ରୀ ସସ୍ମିତା ପଣ୍ଡା ଓ ଛାତ୍ର କଂଗ୍ରେସ ସଭାପତି ବିଭୂପ୍ରସାଦ ଜେନାଙ୍କ ନେତୃତ୍ୱରେ ସମ୍ବିଧାନ ପ୍ରଣେତା ବାବା ସାହେବ ଡକ୍ଟର ଭୀମ ରାଓ ଆମ୍ବେଦକରଙ୍କ ପ୍ରତି ଗୃହମନ୍ତ୍ରୀ ଅମିତ ଶାହାଙ୍କ ଅପମାନ ସୂଚକ ମନ୍ତବ୍ୟ ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ ସହିତ ଅମିତ ଶାହାଙ୍କ କୁଶପୁତଳିକା ଦାହ କରାଯାଇଛି ! ମହିଳା କଂଗ୍ରେସ ସଭାନେତ୍ରୀ ସସ୍ମିତା ପଣ୍ଡା ଅମିତ ଶାହାଙ୍କୁ କଡା ସମାଲୋଚନା କରି କହିଥିଲେ କି ବାବା ସାହେବ୍ ଭିମ୍ ରାଓ ଆମ୍ବେଦକରଙ୍କ ନାମକୁ ନେଇ ସଂସଦ ଭିତରେ ଅମିତ୍ ଶାହା ତାଚ୍ଛଲ୍ୟ କରି କହିବା ଅତି ଦୁର୍ଭାଗ୍ୟ ଜନକ । ସେଥିପାଇଁ ଅମିତ୍ ଶାହା କ୍ଷମା ପ୍ରାର୍ଥନା କରିବା ସହିତ ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି କଡା ସ୍ୱରରେ କହିଥିଲେ ! ଏହି ବିକ୍ଷୋଭ ପଦର୍ଶନ କାର୍ଯ୍ୟକ୍ରମରେ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ ! କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟିକା ପାର୍ଥିନି ଡକ୍ଟର ସିପ୍ରା ମଳିକ,ପୂର୍ବତନ କେନ୍ଦ୍ରାପଡ଼ା ବିଧାୟକ ଚିନ୍ମୟ ପ୍ରସାଦ ବେହୁରା,ଭାଗିରଥି ଜେନା,ସୁବ୍ରତ ମଳିକ,ବିଦୁଭୂଷଣ ମହାପାତ୍ର,ନିରଞ୍ଜନ ପରିଡା,ଗୁଡ଼ି,ଉମେଶ ପାଢ଼ୀ,ସନତ ମଳିକ,ଅବଦୁଲ ସତ୍ତାର,ସଚ୍ଚିଦାନନ୍ଦ ଥାଟୋଇଙ୍କ ସମେତ ଅନେକ କଂଗ୍ରେସ ପ୍ରେମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ କେନ୍ଦ୍ରାପଡ଼ା ଗ୍ରସ୍ତ

କେନ୍ଦ୍ରାପଡା,୨୧/୧୨ (ନି.ପ୍ର): ଗତକାଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଗୋପବନ୍ଧୁ ଏକାଡ଼େମୀର ମହାନିର୍ଦ୍ଦେଶକ ଶ୍ରୀଯୁକ୍ତ ଜି. ମାଥିଭାଥନନ୍ ଭା.ପ୍ର.ସେ. କେନ୍ଦ୍ରାପଡ଼ା ଗ୍ରସ୍ତରେ ଆସି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ଓ ସ୍ୱାସ୍ଥ୍ୟ, ପଞ୍ଚାୟତରାଜ ଓ ପାନୀୟଜଳ, ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ, ସ୍କୁଲ ଓ ଗଣଶିକ୍ଷା, ମହିଳା ଓ ଶିଶୁ ବିକାଶ, ମଙ୍ଗଳ ବିଭାଗ, ବେସାମରିକ ଯୋଗାଣ ବିଭାଗ, ସମବାୟ, ସାମାଜିକ ସୁରକ୍ଷା, ଶକ୍ତି, ଶିଳ୍ପ, ଆଦି ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ପାୱାର ପଏଣ୍ଟ ମାଧ୍ୟମରେ ନିଜନିଜ ବିଭାଗର ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମ ସମ୍ପର୍କରେ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଇଥିଲେ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ପ୍ରଧାନମନ୍ତ୍ରୀ ଅବାସ ଯୋଜନା (ଗ୍ରାମୀଣ),ଜାତୀୟ ଖାଦ୍ୟ ମିଶନ, ଅନ୍ତୋଦୟ ଗୃହ ଯୋଜନା ଓ ପରିମଳ ବ୍ୟବସ୍ଥା, ସ୍ୱଚ୍ଛ ଭାରତ ମିଶନ, ହର ଘର ଜଳ, ବସୁଧା, ଜଳ ଜୀବନ ମିଶନ, ସେତୁ ବନ୍ଧନ ଯୋଜନା, ପଞ୍ଚସଖା ଶିକ୍ଷା ସେତୁ ଯୋଜନା, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ପିଏମଶ୍ରୀ ଯୋଜନା, ନିପୁଣ ଓଡ଼ିଶା, ସୁଭଦ୍ରା ଯୋଜନା, ପୋଷଣ ଅଭିଯାନ, ମଧୁବାବୁ ପେନସନ ଯୋଜନା ଆଦି ସମ୍ପର୍କରେ ବିସ୍ତୃତ ତଥ୍ୟ ସମ୍ପୃକ୍ତ ବିଭାଗ ପକ୍ଷରୁ ଚଚଞ୍ଚ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା ଓ ସ୍ୱଚ୍ଛ ଭାରତ ମିଶନ ଅଧୀନରେ ୧୪୨୩ ଗ୍ରାମ ମଧ୍ୟରୁ ବ୍ଲକ୍‌ୱାରି ୧୧୪୬ ଗୋଟି ଢ଼ଉର ପ୍ଲସ୍ ମଡେଲ ଗ୍ରାମ ସ୍ୱିରକୃତ ହୋଇଅଛି । ମେଗା ପାନୀୟ ଜଳ ପ୍ରୋଜେକ୍ଟ ମାଧ୍ୟମରେ ଜିଲ୍ଲାରେ ଥିବା ଜଳକ୍ଲିଷ୍ଟ ଗ୍ରାମଗୁଡିକୁ ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦର୍ଶାଯାଇଥିଲା ଯେ ଏପ୍ରିଲ ଠାରୁ ନଭେମ୍ବର ମାସ ମଧ୍ୟରେ ୯୩୪ ଗୋଟି ରୋଗୀଙ୍କୁ ଉନ୍ନତ ଚିକିତ୍ସା ପାଇଁ ବାହାର ଚିକିତ୍ସାଳୟକୁ ପ୍ରେରଣ କରାଯାଇଛି । ସେତୁ ବନ୍ଧନ ଯୋଜନାରେ ମଞ୍ଜୁର ହୋଇଥିବା ୪୬ ଗୋଟି ପ୍ରୋଜେକ୍ଟ ମଧ୍ୟରୁ ୨୮ ଗୋଟି ସମାପ୍ତ ହୋଇଥିବାବେଳେ ଅନ୍ୟଗୁଡିକର କାର୍ଯ୍ୟ ଚାଲୁ ରହିଛି । ଅଙ୍ଗନବାଡି କେନ୍ଦ୍ରର କୋଠା ନିର୍ମାଣ,ଶୌଚଳୟ, ବିଦୁତ ସଂଯୋଗ ସମ୍ପର୍କରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ଠାରୁ ବୁଝିଥିଲେ । କେନ୍ଦ୍ରାପଡ଼ାରେ ଶିଳ୍ପ ପ୍ରତିଷ୍ଠାପାଇଁ ଆବଶ୍ୟକ ହେଉଥିବା ଜମି ଅଧିଗ୍ରହଣ ସମ୍ପର୍କରେ ଜିଲ୍ଲା ପ୍ରଶାସନ ପକ୍ଷରୁ କଣ ପଦକ୍ଷେପ ନିଆଯାଇଛି ପଚାରି ବୁଝିଥିଲେ ।କେନ୍ଦ୍ରାପଡ଼ା ଗସ୍ତର ୨ୟ ଦିନରେ ଛତା ପଲିଟେକ୍ନିକ କଲେଜ, ବାଲିଆସ୍ଥିତ ଅମ୍ରିତ ସରୋବର, ଗୋଲର ହାଟସ୍ଥିତ ଉତ୍କଳ ଗ୍ରାମୀଣ ବ୍ୟାଙ୍କ Producer Group, Mango Plantation, PACS, SWPC ପ୍ରମୁଖ ସ୍ଥାନକୁ ଯାଇ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ ।ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଚଚଞ୍ଚ ଗୁଡିକ ସମ୍ପର୍କରେ ସେ ମତ ପୋଷଣ କରିଥିଲେ ଯେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାଗୁଡିକୁ ସଫଳ ରୂପାୟନ ନିମନ୍ତେ ନିଆଯାଇଥିବା ପଦକ୍ଷପଗୁଡିକ ସନ୍ତୋଷଜନକ ଅଛି ଓ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଇଥିବା ବିଭିନ୍ନ ପ୍ରକଳ୍ପଗୁଡିକୁ ନିର୍ଦ୍ଧିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବା ସହ ଏହାର ଉପକାରିତା ଲୋକାଭିମୁଖୀ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନୀଲୁ ମହାପାତ୍ର, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ପ୍ରମୋଦ କୁମାର ପ୍ରହରାଜ, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ଜିଲ୍ଲା ଶିକ୍ଷା ଅଧିକାରୀ ପଦୀପ କୁମାର ନାଗ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶିନୀ, ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଦୟା ସିନ୍ଧୁ ପରିଡା, ଡେପୁଟି କଲେକ୍ଟର, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧକ୍ଷଣ ଓ ନିର୍ବାହୀ ଯନ୍ତ୍ରୀ, କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ ।



## ରୁଦ୍ରାଣୀ ପବ୍ଲିକ ସ୍କୁଲରେ 'ଆରମ୍ଭ-୨୦୨୪' ଅନୁଷ୍ଠିତ



କେନ୍ଦ୍ରାପଡ଼ା୨୧/୧୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା କପାଳେଶ୍ୱର ଠାରେ ଥିବା ରୁଦ୍ରାଣୀ ପବ୍ଲିକ ସ୍କୁଲ ଓ କିଡ୍ସ ପ୍ଲେ ସ୍କୁଲ ରେ ବାର୍ଷିକ ଦିବସ ପାଳନ ହୋଇଯାଇଛି ! କେନ୍ଦ୍ରାପଡ଼ାରେ ଖ୍ୟାତି ସମ୍ପର୍ଣ୍ଣ ଶିକ୍ଷାନୁଷ୍ଠାନ ଭାବରେ ରୁଦ୍ରାଣୀ ପବ୍ଲିକ ସ୍କୁଲ ତାର ଖ୍ୟାତି ଅର୍ଜନ କରିପାରିଛି ! ଚଳିତ ବର୍ଷ ଏହି ବିଦ୍ୟାଳୟ ୨୦ ବର୍ଷରେ ପଦାର୍ପଣ କରିଛି ! ରୁଦ୍ରାଣୀ ପବ୍ଲିକ ସ୍କୁଲ ର ଅଧକ୍ଷା ଶ୍ରୀମତୀ ସୌଦାମିନୀ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନିଲୁ ମହାପାତ୍ର ଓ ମୁଖ୍ୟ ବକ୍ତା ଭାବରେ ମାନସ ଭୂଷଣ ହୃଦକେଶ ରଥ,ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ କପାଳେଶ୍ୱର ପଞ୍ଚାୟତର ସରପଞ୍ଚ ଶ୍ରୀମତୀ କଳ୍ପନା ମହାନ୍ତି,ସମାଜସେବୀ ଶ୍ରୀଯୁକ୍ତ ପ୍ରତାପ ଶତପଥି ପ୍ରମୁଖ ଯୋଗ ଦେଇଥିଲେ ! ମୁଖ୍ୟଅତିଥି ଓ ମୁଖ୍ୟ ବକ୍ତା ଉପସ୍ଥିତ ଅଭିଭାବକ ଓ ପିଲାମାନଙ୍କ ବିଷୟରେ ଅନେକ ଶିକ୍ଷଣୀୟ ବକ୍ତବ୍ୟ ରଖିଥିଲେ ! ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ବିଷୟରେ ପାରଦର୍ଶିତା ଅର୍ଜନ କରିଥିବା କୃତି ଛାତ୍ର ଛାତ୍ରୀଙ୍କୁ ଏହି ଉତ୍ସବ ଅବସର ରେ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା ! ପ୍ରଥମେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ହେବା ପରେ ଅତିଥି ମାନଙ୍କ ପରିଚୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ! ସଭା ସାରିବା ପରେ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ଅନେକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା !

### ସୁଶାସନ ସପ୍ତାହ-୨୦୨୪ ଜରିଆରେ ଲୋକଙ୍କ ନିକଟରେ ପହଁଚୁଛି ସ୍ଥାନୀୟ ପ୍ରଶାସନ

କାଶୀନଗର , କାଶୀନଗର ବ୍ଲକ ରେ ରାଜ୍ୟ ସରକାରଙ୍କ ଏହି ମାସ ସୁଶାସନ ସପ୍ତାହ ୨୦୨୪ ଆନୁକୂଲ୍ୟରେ ୧୯ ତାରିଖ ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ସୁଶାସନ ଅଭିମୁଖୀ ପଦକ୍ଷେପ,ସର୍ବୋତ୍ତମ କାର୍ଯ୍ୟବିଧିର ଚ୍ରିହ୍ନଟ,ଗ୍ରାମଆଭିମୁଖୀ ପ୍ରଶାସନ ଅଭିଯାନ ରେ ନାଗରିକ ଅଭିଯୋଗର ସମାଧାନକୁ ଲୋକଙ୍କ ଦ୍ୱାର ଦେଶ ରେ ପହଞ୍ଚାଇ ତୃଣମୂଳ ସ୍ତରରେ ଶାସନ କୁ ସୁଦୃଢ଼ କରିବା ଉଦେଶ୍ୟରେ ବ୍ଲକର ବିଭିନ୍ନ ଗ୍ରାମରେ ଜନ ଶୁଣାଣି ଶିବିର ଅନୁଷ୍ଠିତ କରିବା ପାଇଁ ଆଦେଶ ପତ୍ର ଆସିଥିବାରୁ ପ୍ରଥମେ ଏହି ବ୍ଲକ ଅନ୍ତର୍ଗତ ଖାଣ୍ଡବା ପଂଚାୟତର ଆଦର୍ଶ ନଗର ଗ୍ରାମ ଠାରେ ଥିବା କମ୍ୟୁନିଟି ହାଲ ସମ୍ମୁଖରେ, ପର୍ତ୍ତଡା ପଂଚାୟତ ଓ କାଡୀଗାଁ ପଂଚାୟତ ରେ ମଧ୍ୟ ବ୍ଲକ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା. ସ୍ଥାନୀୟ ବି. ଡି.ଓ ଡ଼ମ୍ବୁରୁଧର ମଲ୍ଲିକ ଅଭିଯୋଗ ଶୁଣାଣି କରି ଆସିଥିବା ଅଭିଯୋଗ ମାନ ତୁରନ୍ତ ସମାଧାନ କରିବା ପାଇଁ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ରାଜ୍ୟ ସ୍ତରୀୟ ଶିଶୁ ମହୋତ୍ସବ ସରଗିଫୁଲ-୨୦୨୪ ରେ ଜୁନାଗଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ସମ୍ମାନିତ



କଳାହାଣ୍ଡି ୨୧/୧୨ (ନି.ପ୍ର): ଓଡ଼ିଶା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ରାଜ୍ୟ ସ୍ତରୀୟ ଶିଶୁ ମହୋତ୍ସବ ସରଗିଫୁଲ-୨୦୨୪ ଭୁବନେଶ୍ୱର ସ୍ଥିତ ଆଦିବାସୀ ପଡିଆରେ ଗତ ୧୮.୧୨.୨୦୨୪ ରୁ ୨୦.୧୨.୨୦୨୪ ତିନି ଦିନ ଧରି ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବିଭାଗର ୩୦ଟି ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟରୁ ଛାତ୍ର ଛାତ୍ରୀ ମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଜୁନାଗଡ ବାଳିକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସଙ୍ଗୀତା ଭୋଇ ବରିଷ୍ଠ ବର୍ଗର ବାକ ପଟୁତା (elocution )ରେ ଅଂଶ ଗ୍ରହଣ କରି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ତଥା ଜିଲ୍ଲା ପାଇଁ ଗୌରବ ଆଣିଦେଇଛନ୍ତି । ପୁନଶ୍ଚ ୨୦୨୪ ର ଦଶମଶ୍ରେଣୀ ବାର୍ଷିକ ପରୀକ୍ଷା ଫଳାଫଳକୁ ନେଇ ଏହି ବିଭାଗ ଅଧିନରେ ଥିବା ରାଜ୍ୟର ଶ୍ରେଷ୍ଠ ୫୦ଟି ବିଦ୍ୟାଳୟମଧ୍ୟରେ ଜୁନାଗଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସ୍ଥାନ ପାଇଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବୀଣାପାଣି ସାମନ୍ତ ବିଭାଗୀୟ ବିଭିନ୍ନ ଅଧିକାରୀ ମାନଙ୍କ ଉପସ୍ଥିତିରେ ବିଭାଗୀୟ ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀମାନଙ୍କ କର୍ତ୍ତବ୍ୟ ପରାୟଣତା ଯୋଗୁଁ ଆମ ବିଦ୍ୟାଳୟ ଏହି ସମ୍ମାନର ଅଧିକାରୀ ହୋଇ ପାରିଛି ବୋଲି ପ୍ରଧାନ ଶିକ୍ଷୟିତ୍ରୀ ମତବ୍ୟକ୍ତ କରିଥିଲେ । ଏହି ଅଞ୍ଚଳରେ ଏଥିପାଇଁ ଖୁସିର ଲହରୀ ଖେଳିଯାଇଛି ।

# ଚତୁର୍ଥ ଦିବସରେ ରେଙ୍ଗାଲି ପଟେଲପଡ଼ା ମହୋତ୍ସବ ସମ୍ବଲପୁରୀ ନୃତ୍ୟରେ ଝୁମିଲେ ଦର୍ଶକ

ସଇଁତଲା,୨୧/୧୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ କୁଇକେଡ଼ା ପଞ୍ଚାୟତ ଅଧୀନରେ ଥିବା ରେଙ୍ଗାଲି ଗ୍ରାମର ଜୟଲକ୍ଷ୍ମୀ କ୍ଲବ ରେଙ୍ଗାଲି ତରଫରୁ ସପ୍ତମ ରେଙ୍ଗାଲି ପଟେଲପଡ଼ା ମହୋତ୍ସବ ମଙ୍ଗଳବାର ଦିନ ଚତୁର୍ଥ ଦିବସରେ ପହଂଚିଛି । ଏହି ମହୋସବକୁ ପଟେଲପଡ଼ା ମହୋତ୍ସବ କମିଟିର ସଭାପତି ଉଦଘାଟନ କରିଥିଲେ । ପ୍ରଥମ ଦିନରେ ସମ୍ବଲପୁରର ଜୋଜୋ ଓ ରୁନାଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଦ୍ୱିତୀୟ ଦିବସରେ ସମ୍ବଲପୁରର ଜାଲୁ ଓ ସାଥ .ତୃତୀୟ ଓ ଚତୁର୍ଥ ଦିବସରେ ସେଭେନଷ୍ଟାର ଗ୍ରୁପ ବରଗଡ ସାଂସ୍କୃତିକ କାର୍ଯ୍ୟକ୍ର ପ୍ରଦର୍ଶନ କରିଥିଲେ । ଦ୍ୱିତୀୟ ଦିବସରେ ସଇଁତଲା ବ୍ଲକ ସାମ୍ବାଦିକ ସଂଘର ସଭାପତି ତରୁଣ ବେହେରା, ସମ୍ପାଦକ ଆଲୋକ ସାହୁ, ସାମ୍ବାଦିକ ଗୋକୁଳାନନ୍ଦ ବଗର୍ତି, ରଂଜନ ବାଗ. ପ୍ରମୋଦ ସେଲମା, ରାଖାଲ ପ୍ରସାଦ ଶତପଥ, ପ୍ରଦୀପ ବାଗ, ଭଦ୍ରା ସରପଂଚ ରାଜେନ୍ଦ୍ର ଜାନୀ, ଘୁନସରର ପୂର୍ବତନ ସରପଂଚ ସନ୍ତୋଷ ବେହେରା ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ । ପ୍ରତ୍ୟହ ସଂନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଜନସାଧାରଣଙ୍କ ମନୋରଂଜନ ପାଇଁ କମିଟି ତରଫରୁ ମୀନାବଜାର ସହ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଥିବା ବେଳେ ଗୌରୀ ଗଣନାଟ୍ୟ ମଧ୍ୟ ନାଟକ ପରିବେଷଣ କରୁଥିବା କମିଟି ସୂତ୍ରରୁ ପ୍ରକାଶ । କାର୍ଯ୍ୟକ୍ରମ ଗୁଡ଼ିକୁ କୌତୁକ ପଟେଲ ପରିଚାଳନା କରୁଥିବାବେଳେ ପଟେଲ ପଡ଼ା ମହୋତ୍ସବ କମିଟିର ସଭାପତି କ୍ରିଷ୍ଣା ପଟେଲ, ଉପ-ସଭାପତି ପ୍ରମୋଦ ପଟେଲ, ସମ୍ପାଦକ ମହେନ୍ଦ୍ର ପଟେଲ, ସହ-ସମ୍ପାଦକ ଜଗତଲାଲ ପଟେଲ, ସଦସ୍ୟ ରାଜକୁମାର, ନିତାଇ, ରିଂଟୁ, ଫିଂଟୁ, ସୀତାଂଶୁ, ଆକାଶ, ଜ୍ୟୋତିମୟ ରୋହିତ, ରବିନ୍ଦ୍ର, ଶଶୀ, ଆକାଶ, ବିଷ୍ଣୁ, ଶିଶୁ, ସର୍ଜନ, ପ୍ରଫୁଲ୍ଲ, ବଶିଷ୍ଟ, ଗୋଗୀଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରୁଛନ୍ତି । ଏହି ମହୋସବ ୧୩ ତାରିଖରୁ ଆରମ୍ଭ ହୋଇଥିବାବେଳେ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କମିଟିର ସଭାପତିଙ୍ଗ ସୂତ୍ରରୁ ପ୍ରକାଶ ।

# ବୁଢ଼ାଗୁଡା ଆରଏମ୍‌ସି ଠାରେ ଧାନ ମଣ୍ଡି ଉଦଘାଟନ



କଲ୍ୟାଣସିଂହପୁର,୨୧/୧୨ (ନି.ପ୍ର): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ବୁଢ଼ାଗୁଡା ପଞ୍ଚାୟତରେ ଥିବା ଆର ଏମ୍ ସି ଠାରେ ଧାନ ମଣ୍ଡି ଉଦଘାଟନ କରାଯାଇଛି ।ଏଥିରେ ଲ୍ୟାମ୍ପ ପରିଚାଳକ ସଭାପତି ଶଙ୍କର ହୁଇକା ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ତହସିଲଦାର ମାନସ ରଞ୍ଜନ ମାନସେଠ ଯୋଗ ଦେଇ ମଣ୍ଡି ଉଦଘାଟନ କରିଥିଲେ । ସଂମ୍ମାନୀୟ ଅତିଥି ଭାବେ ଲ୍ୟାମ୍ପ ଉପସଭାପତି ପ୍ରମିଳା କାଡ୍ରାକା , (ଏମ୍ ଆଇ )ମାର୍କେଟ ଅଧିକାରୀ ଶଙ୍କର ବେହେରା , ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ ଦାସ ବାଙ୍ଗାରି , ରାଜସ୍ୱ ନିରୀକ୍ଷକ ବିଶ୍ୱନାଥ ଶବର , ବରିଷ୍ଠ ଚାଷୀ ଲକିନାଥ ନାଚିକା ,କୁମାର ସ୍ୱାମୀ କୌଶଲ୍ୟା, ଦାଶରଥି ନାୟକ, ନାରୀ ତିଆକା ଓ ନିୟନ୍ତ୍ରିତ ବଜାର କମିଟି ଅଧିକାରୀ ପ୍ରଦୀପ କୁମାର ପାଳ ମଞ୍ଚାସିନ ରହିଥିଲେ । ଚାଷୀକୁ ମିଲର ବା ଆର ଏମ୍ ସି ପକ୍ଷରୁ ବସ୍ତା ବା ଅଖା ଯୋଗାଇଦେବାର ଅଛି । ମଣ୍ଡିରେ ଧାନ କିଣିବା ପରେ ୭୨ ଘଣ୍ଟା ମଧ୍ୟରେ ଚାଷୀ କୁ ଟଙ୍କା ଆସିବାର ଅଛି ବୋଲି ଚାଷୀ କହିଛନ୍ତି । ସୋମବାର ଓ ମଙ୍ଗଳବାର ମଣ୍ଡିକୁ ବୁଢ଼ାଗୁଡା ଆର ଏମ୍ ସି ୟାର୍ଡ କୁ ମାଝୀଗୁଡା ,ପୂଜାରିଗୁଡା, ସୁନାଖଣ୍ଡି ,ପୋଲମା, କନ୍ଧ ଖାତିପାଡୁ ପଞ୍ଚାୟତରେ ଚାଷୀ ଧାନ ଆଣିବାପାଇଁ କୁହାଯାଇଥିବା ବେଳେ ଉକ୍ତଆର ଏମ୍ ସି ୟାର୍ଡ କୁ ବୁଧବାର ଓ ଗୁରୁବାର ମଣ୍ଡିକୁ ବୁଢ଼ାଗୁଡା ,ଶିକରପାଇ,ନାରାୟଣ ପୁର ,କରପା, ସେରିଗୁମ୍ମା ପଞ୍ଚାୟତ ର ଚାଷୀ ଧାନ ଆଣିବେ ।କଲ୍ୟାଣସିଂହପୁର ଡାକ ବଙ୍ଗଳା ଠାରେ ମଙ୍ଗଳବାର ଓ ଶୁକ୍ରବାର ମଣ୍ଡି କୁ କଲ୍ୟାଣସିଂହପୁର, ଧାମୁଣି ପଙ୍ଗା, ସିଙ୍ଗାରି ,ପାର୍ଶାଲି ପଞ୍ଚାୟତର ଚାଷୀ ଧାନ ଆଣିବେ ବୋଲି କୁହାଯାଇଛି ।ସାଧାରଣ କିସମ ଧାନ କୁଇଣ୍ଟାଲ ପିଛା ୨୩୦୦ଟଙ୍କା ,ଗ୍ରେଡ ଏ କିସମ ଧାନ କୁଇଣ୍ଟାଲ ପିଛା ୨୩୨୦ ଟଙ୍କା ଓ ଇନପୁଟ ସହାୟତା ୮୦୦ଟଙ୍କା ସରକାରୀ ମୂଲ୍ୟ ରହିଥିବା ଅତିଥିମାନେ କହିଛନ୍ତି । ଏଥିରେ ମିଲର ,ଚାଷୀ ଓ ନିୟନ୍ତ୍ରିତ ବଜାର କମିଟି ର ଅଧିକାରୀ , ଲ୍ୟାମ୍ପ ଏମ୍ ଡି ତାରିଣୀ ପ୍ରସାଦ ତ୍ରିପାଠୀ ଓ ଲ୍ୟାମ୍ପସର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ ।

# ବାଲି ମାଫିଆଙ୍କ କବଜାରେ ଜଙ୍ଗଲ ଜାଗା



ମାଲକାନଗିରି,୨୧/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ଡାଇକ୍-୩ ଛକ ଠାରୁ ନାକାମାମୁଡ଼ି ଯିବା ରାସ୍ତାର ଉଭୟ ପାର୍ଶ୍ୱ ବାଲିମେଳା ବନଖଣ୍ଡ ଅଧିନରେ ହୋଇଥିବା ବେଳେ କିଛି ଅଞ୍ଚଳ ରେଭେନ୍ୟୁ ଫରେଷ୍ଟ ଅଟେ। ବନବିଭାଗର ଏହି ଅଞ୍ଚଳକୁ ସ୍ଥାନୀୟ କିଛି ବାଲି ମାଫିଆ ନିଜ ଦଖଲରେ ରଖିବା ସହ ବାଲି ଷ୍ଟକ୍ ୟାର୍ଡ୍ କରିଥିବା ଦେଖିବାକୁ ମିଳିଛି। ଦୀର୍ଘଦିନ ଧରି ଉକ୍ତ ଜାଗାରେ ବାଲି ଆସି ଗଦା ହେବା ଓ ସେଠାରୁ ସ୍ଥାନୀୟ ଅଞ୍ଚଳରେ ବିକ୍ରି ହେଉଥିବା ନଜିର ରହିଛି। ଏନେଇ ବନାଞ୍ଚଳ ଅଧିକାରିଣୀ ଲିପ୍ସିତା କହଁରଙ୍କୁ ପଚାରିବାରୁ ସେ ଉକ୍ତ ଘଟଣା କୁ ସ୍ୱୀକାର କରିଛନ୍ତି । ଉକ୍ତ ବାଲି ମାଫିଆଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଉକ୍ତ ବ୍ୟକ୍ତିଙ୍କୁ ସେଠାରୁ ବାଲି ଅନ୍ୟତ୍ର ସ୍ଥାନାନ୍ତର କରିବା ନିମନ୍ତେ ଅନୁରୋଧ କରିଥିବା କହିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଅନୁରୋଧ କାହିଁକି । ସବୁ ଜାଣି ଚୁପ୍ ଥିଲେ କି ବିଭାଗୀୟ କର୍ତ୍ତୃପକ୍ଷ,ଅଭିଯୋଗ ପରେ ତତ୍ପରତା ଦେଖାଉଛନ୍ତି କି ବିଭାଗୀୟ ଅଧିକାରୀ।

# ବ୍ଲକ୍ ସଦରରେ ଚାଲିଛି ନିମ୍ନମାନର ଫେବର୍ ବ୍ଲକ୍ କାର୍ଯ୍ୟ

- ବାଲି ପରିବର୍ତ୍ତେ ପଟୁ ମାଟିରେ ହେଉଛି କାର୍ଯ୍ୟ
- ଖବର ପ୍ରକାଶିତ ପରେ ମଧ ନୀରବ ଦ୍ରଷ୍ଟା ସାଜିଛି ପୂର୍ତ୍ତ ବିଭାଗ



ମାଲକାନଗିରି,୨୧/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲାର କୋରୁକୋଣ୍ଡା ବ୍ଲକ ସଦରମହକୁମାରେ ପୂର୍ତ୍ତବିଭାଗ ପକ୍ଷରୁ ରାସ୍ତା ର ଉଭୟ ପର୍ଶ୍ୱରେ ଚାଲିଥିବା ଫେବର ବ୍ଲକ କାର୍ଯ୍ୟ ଦୀର୍ଘ ଦିନ ଧରି ଶେଷ ହେବାର ନାମ ନେଉ ନଥିବା ବେଳେ ମନ୍ଥର ଗତିରେ ଚାଲିଥିବା କାର୍ଯ୍ୟ ଅତି ନିମ୍ନମାନର କାର୍ଯ୍ୟ ହେଉଥିବ ନେଇ ସ୍ଥାନୀୟ ବାସୀ ଅଭିଯୋଗ କରିଛନ୍ତି । ଏନେଇ ପୂର୍ବ ରୁ ଆମ ଖବର କାଗଜ ଏବଂ ବିଭିନ୍ନ ଗଣମାଧମ ରେ ଖବର ପ୍ରକାଶିତ ହୋଇଥଲା କିନ୍ତୁ, ଏହି କାର୍ଯ୍ୟ ନିମ୍ନ ମାନର ହେବା ନେଇ ଅଞ୍ଚଳବାସୀ ଦାବି କରିଥିଲେ ମଧ, ବିଭାଗ ପକ୍ଷରୁ କୌଣସି ତ୍ରୁଟି ସଂଶୋଧନ କରଯାଇନଥିବା ନଜିର ନାହିଁ ।ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଫେବର ବ୍ଲକ ପକାଇବା ପୂର୍ବରୁ ବାଲି ପକାଇ ତାହାର ଉପରେ କାର୍ଯ୍ୟ ହେବା ଦରକାର ଥିଲା କିନ୍ତୁ ବାଲିର ପରିବର୍ତ୍ତେ ପଟୁ ମାଟି ବ୍ୟବହାର ହେଉଛି, ଯାହା ଚାଲିଥିବା କାର୍ଯ୍ୟର ଗୁଣତା ବିନାଶ କରୁଛି। ସେହିପରି ଭାବେ ଫେବର୍ ବ୍ଲକ ସଜା ହେବା ପରେ ଉଭୟ ପାର୍ଶ୍ୱ ରେ ବାଲି, ଚିପ୍ସ ଓ ସିମେଣ୍ଟ ଦେଇ କଂକ୍ରିଟ କରାଯିବା କଥା ହେଲେ ସେହି କଂକ୍ରିଟ ରେ ବାଲି ପରିବର୍ତ୍ତେ ଉକ୍ତ ପଟୁ ମାଟି ଦେଇ କଂକ୍ରିଟ କରାଯାଉଛି ।ମନ୍ଥର ଗତି ରେ କାର୍ଯ୍ୟ ହେବା ସହିତ, କାର୍ଯ୍ୟ ସ୍ଥଳରେ ବ୍ୟବହୃତ ସାମଗ୍ରୀ ଏଣେତେଣେ ବିଛାଇ ରହିଛି, ଯାହାର ଫଳରେ ଯାତାୟାତ ଏବଂ ଦୈନନ୍ଦିନ କାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଛି। ଠିକାଦାରଙ୍କ ପକ୍ଷରୁ ନିମ୍ନ ମାନର କାମ କରାଯାଉଥିବା ରେ ମଧ, ବିଭାଗୀୟ ଅଧିକାରୀ କାର୍ଯ୍ୟ ସ୍ଥଳରେ ତଦାରଖ କରି କୌଣସି ପରିବର୍ତ୍ତନ ଆଣିବାରେ ଅସମର୍ଥ। ଗ୍ରାମବାସୀଙ୍କ ଅନୁସାରେ ନିମ୍ନମାନର କାର୍ଯ୍ୟ ଦୀର୍ଘକାଳୀନ ଭାବେ ରାସ୍ତାର ଗୁଣତା କ୍ଷୀଣ କରିବ, ଯାହା ସମସ୍ତ ଜନସାଧାରଣଙ୍କ ପାଇଁ ହାନିକାରକ ହେବ। ଏନେଇ ଦାଇତ୍ୟରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଗଲେ ମଧ, ସଫଳତା ମିଳିନି। ଏନେଇ ଏସଡିଓ ତପନ ମହାଳିକ ଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯଦି ଘଟଣା ର ସତ୍ୟସତ୍ୟା ଥାଏ, ତେବେ ଏହାକୁ ସଂଶୋଧନ କରାଯାଇ, ପଟୁମାଟି ପରିବର୍ତ୍ତନ କରି ବାଲି ପକାଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯିବ ବୋଲି ମତ ବ୍ୟକ୍ତ କରିଛନ୍ତି। ଏହା ସ୍ପଷ୍ଟ ଯେ ଜନସାଧାରଣଙ୍କ ଟଙ୍କାର ସଦୁପଯୋଗ ପରିବର୍ତ୍ତେ ନିମ୍ନ ମାନର କାର୍ଯ୍ୟ କରାଯାଉଛି। ସଂପୂର୍ଣ୍ଣ ପରିସ୍ଥିତିର ଏକ ନିର୍ଦ୍ଦେଶନା ଏବଂ ଅନୁଧାନ କରାଯାଇ ଦାୟୀ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ ଜରୁରୀ। ପଦକ୍ଷେପ ନେଇ ସ୍ୱଚ୍ଛତା ଏବଂ କାର୍ଯ୍ୟର ଗୁଣବତ୍ତା ଦୃଢ କରିବା ଜନସାଧାରଣଙ୍କ ଦାବୀ।

# ମା' ଗଜଲକ୍ଷ୍ମୀ ପୂଜା ମଣ୍ଡପ ବୁଲିଲେ ରାଜେନ୍ଦ୍ର ପଣ୍ଡା



ନିଆଳୀ, ୨୧/୧୨ (ନି.ପ୍ର): ନିଆଳୀ ଅଞ୍ଚଳ ରେ ସ୍ଥାନ ମାଗଶିର ମାସ ର ଶେଷ ଗୁରୁବାର ରୁ ବିଭିନ୍ନ ଗ୍ରାମ ରେ ମା ଗଜଲକ୍ଷ୍ମୀ ପୂଜାର୍ଚ୍ଚନା ଯଥାବିଧି ରେ ଅନୁଷ୍ଠିତ ହୋଇ ଥାଏ. ନିଆଳୀ ଶଢାସଂ ଗ୍ରାମ ପଞ୍ଚାୟତ ର ଜନ ପ୍ରିୟ ଯୁବ ପରିଷଦ ଙ୍କ ତରଫରୁ ନିଆଳୀ ତଥା ଭାରତୀୟ ଜନତା ପାର୍ଟି ର ରାଜ୍ୟ ପ୍ରବକ୍ତା ଯୁବ ନେତା ରାଜେନ୍ଦ୍ର ପଣ୍ଡା ଙ୍କୁ ନିମନ୍ତ୍ରଣ କରିଥିଲେ ଏବଂ ପୂଜାମଣ୍ଡପ ରେ ଶ୍ରୀ ପଣ୍ଡା ଙ୍କୁ ସମ୍ମାନିତ କରିଥିଲେ । ଶ୍ରୀ ପଣ୍ଡା ମା ମହାଲକ୍ଷ୍ମୀ ଙ୍କୁ ନିଆଳୀ ତଥା ଓଡିଶା ର ବିକାଶ ପାଇଁ ପ୍ରାର୍ଥନା କରିଥିଲେ ଯୁବ ପରିଷଦ ର ସଭାପତି ଗିରିଜା ରାଉତ, ସମ୍ପାଦକ ବିମଳ କାନ୍ତ ପ୍ରଧାନ ଯୁବ ନେତା ପ୍ରଶାନ୍ତ କୁମାର ପ୍ରଧାନ, ସମୀର ସ୍ୱାଇଁ ଏବଂ ମିଲୁ ବେହେରା ଏବଂ ଗ୍ରାମ ବାସୀ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ପଣ୍ଡା ଙ୍କୁ ପାଛୋଟି ନେଇ ମା ଙ୍କର ଦର୍ଶନ କରାଇଥିଲେ ।

# ବୁଢ଼ାଗୁଡା ଆରଏମ୍‌ସିଠାରେ ଧାନ ମଣ୍ଡି ଉଦଘାଟିତ

କଲ୍ୟାଣସିଂହପୁର,୨୧/୧୨ (ନି.ପ୍ର): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ବୁଢ଼ାଗୁଡା ପଞ୍ଚାୟତରେ ଥିବା ଆର ଏମ୍ ସି ଠାରେ ଧାନ ମଣ୍ଡି ଉଦଘାଟନ କରାଯାଇଛି ।ଏଥିରେ ଲ୍ୟାମ୍ପ ପରିଚାଳକ ସଭାପତି ଶଙ୍କର ହୁଇକା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ତହସିଲଦାର ମାନସ ରଞ୍ଜନ ମାନସେଠ ଯୋଗ ଦେଇ ମଣ୍ଡି ଉଦଘାଟନ କରିଥିଲେ । ସଂମ୍ମାନୀୟ ଅତିଥି ଭାବେ ଲ୍ୟାମ୍ପ ଉପସଭାପତି ପ୍ରମିଳା କାଡ୍ରାକା , (ଏମ୍ ଆଇ )ମାର୍କେଟ ଅଧିକାରୀ ଶଙ୍କର ବେହେରା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ ଦାସ ବାଙ୍ଗାରି, ରାଜସ୍ୱ ନିରୀକ୍ଷକ ବିଶ୍ୱନାଥ ଶବର, ବରିଷ୍ଠ ଚାଷୀ ଲକିନାଥ ନାଚିକା ,କୁମାର ସ୍ୱାମୀ କୌଶଲ୍ୟା, ଦାଶରଥି ନାୟକ, ନାରୀ ତିଆକା ଓ ନିୟନ୍ତ୍ରିତ ବଜାର କମିଟି ଅଧିକାରୀ ପ୍ରଦୀପ କୁମାର ପାଳ ମଞ୍ଚାସିନ ରହିଥିଲେ । ଚାଷୀକୁ ମିଲର ବା ଆର ଏମ୍ ସି ପକ୍ଷରୁ ବସ୍ତା ଯୋଗାଇଦେବାର ଅଛି । ମଣ୍ଡିରେ ଧାନ କିଣିବା ପରେ ୭୨ ଘଣ୍ଟା ମଧ୍ୟରେ ଚାଷୀ କୁ ଟଙ୍କା ଆସିବାର ଅଛି ବୋଲି ଚାଷୀ କହିଛନ୍ତି । ସୋମବାର ଓ ମଙ୍ଗଳବାର ମଣ୍ଡିକୁ ବୁଢ଼ାଗୁଡା ଆର ଏମ୍ ସି ୟାର୍ଡ କୁ ମାଝୀଗୁଡା ,ପୂଜାରିଗୁଡା, ସୁନାଖଣ୍ଡି ,ପୋଲମା, କନ୍ଧ ଖାତିପାଡୁ ପଞ୍ଚାୟତରେ ଚାଷୀ ଧାନ ଆଣିବାପାଇଁ କୁହାଯାଇଥିବା ବେଳେ ଉକ୍ତଆର ଏମ୍ ସି ୟାର୍ଡ କୁ ବୁଧବାର ଓ ଗୁରୁବାର ମଣ୍ଡିକୁ ବୁଢ଼ାଗୁଡା ,ଶିକରପାଇ,ନାରାୟଣ ପୁର ,କରପା, ସେରିଗୁମ୍ମା ପଞ୍ଚାୟତ ର ଚାଷୀ ଧାନ ଆଣିବେ ।କଲ୍ୟାଣସିଂହପୁର ଡାକ ବଙ୍ଗଳା ଠାରେ ମଙ୍ଗଳବାର ଓ ଶୁକ୍ରବାର ମଣ୍ଡି କୁ କଲ୍ୟାଣସିଂହପୁର, ଧାମୁଣି ପଙ୍ଗା, ସିଙ୍ଗାରି ,ପାର୍ଶାଲି ପଞ୍ଚାୟତର ଚାଷୀ ଧାନ ଆଣିବେ ବୋଲି କୁହାଯାଇଛି ।ସାଧାରଣ କିସମ ଧାନ କୁଇଣ୍ଟାଲ ପିଛା ୨୩୦୦ଟଙ୍କା ,ଗ୍ରେଡ ଏ କିସମ ଧାନ କୁଇଣ୍ଟାଲ ପିଛା ୨୩୨୦ ଟଙ୍କା ଓ ଇନପୁଟ ସହାୟତା ୮୦୦ଟଙ୍କା ସରକାରୀ ମୂଲ୍ୟ ରହିଥିବା ଅତିଥିମାନେ କହିଛନ୍ତି । ଏଥିରେ ମିଲର ,ଚାଷୀ ଓ ନିୟନ୍ତ୍ରିତ ବଜାର କମିଟି ର ଅଧିକାରୀ , ଲ୍ୟାମ୍ପ ଏମ୍ ଡି ତାରିଣୀ ପ୍ରସାଦ ତ୍ରିପାଠୀ ଓ ଲ୍ୟାମ୍ପସର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ ।

# ସିଦ୍ଧେଶ୍ୱର ମହାବିଦ୍ୟାଳୟର ୪୧ ତମ ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ



ବସ୍ତା, ୨୧/୧୨ (ନି.ପ୍ର): ବ୍ଲକ ଅନ୍ତର୍ଗତ ଅମର୍ଦାରୋଡ ସ୍ଥିତ ସିଦ୍ଧେଶ୍ୱର ମହାବିଦ୍ୟାଳୟରେ ୪୧ ତମ ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ ହୋଇଯାଇଛି ।ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ରିତା ନାୟକ କ୍ରୀଡା ଉତ୍ସବକୁ ଉଦଘାଟନ କରିଥିଲେ ।ମହାବିଦ୍ୟାଳୟ ଖେଳ ଶିକ୍ଷକ କୃଷ୍ଣ ଚନ୍ଦ୍ର ଲେଙ୍କା +୨ ଓ + ୩ ବାଳକ/ବାଳିକାଙ୍କ କ୍ରିକେଟ, ଭଲି,କବାଡି ଓ ଏଥଲେଟିକ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ପ୍ରକାଶ କରିଥିବା ବେଳେ ପ୍ରଥମ ଦିବସରେ ଉଦଘାଟନୀ କ୍ରିକେଟ ମ୍ୟାଚ +୨ ବିଭାଗର ହୋଇଥିବା ବେଳେ ପ୍ରଥମ ଦିବସ ଖେଳକୁ ଅଧ୍ୟାପକ ସିଦ୍ଧାର୍ଥ ବରାଳ ଓ କ୍ଲାର୍କ ସାଗର ବଡେଇ ପରିଚାଳନା କରିଥିଲେ ସେହିପରି ୨ ଦିବସରେ +୩ ବିଭାଗର କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା ।ଉକ୍ତ ଖେଳକୁ ଖେଳ ଶିକ୍ଷକ କୃଷ୍ଣଚନ୍ଦ୍ର ଲେଙ୍କା ଓ ଅଧ୍ୟାପକ ଭଗବାନ ବେହେରା ପରିଚାଳନା କରିଥିଲେ ।ଚଳିତ ବର୍ଷ ବାର୍ଷିକ କ୍ରୀଡା ଉତ୍ସବକୁ ପରିଚାଳନ କରିବା ପାଇଁ ଅଧ୍ୟାପକ ଭଗବାନ ବେହେରା,ସିଦ୍ଧାର୍ଥ ବରାଳ, ପବିତ୍ର ବେହେର, ସାଗର ବେହେରା ଓ ଜୁନିୟର କ୍ଲାର୍କ ସାଗର ବଡ଼େଇଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଥିବା ଅଧକ୍ଷା ଶ୍ରୀମତୀ ନାୟକ ପ୍ରକାଶ କରିଛନ୍ତି।

# ଲାଞ୍ଜିଗଡ଼ ବେଦାନ୍ତର ଚରମ ସୀମା,ତିନି ମାସ ପରେ ବି ମିଳିନି କ୍ଷୟକ୍ଷତି, ଚିନ୍ତାରେ ଚାଷୀ



ଲାଞ୍ଜିଗଡ, ୨୧/୧୨ (ନି.ପ୍ର): ଲାଞ୍ଜିଗଡ଼ ବେଦାନ୍ତ ସ୍ଥାପିତ ହୋଇ ଦୀର୍ଘ ବର୍ଷ ବିତିଯାଇଥିଲେ ସୁଦ୍ଧା ପାରିପାର୍ଶ୍ୱିକ ଅଞ୍ଚଳରେ ବିକାଶ ଅପହଞ୍ଚ। ତିନି ମାସ ପୂର୍ବେ ବେଦାନ୍ତ ରେଡମୋଡ଼ପଣ୍ଡ ଭୁଶୁଡ଼ି ବିଷାକ୍ତ କଷ୍ଟିକ ପାଣି ବେଦାନ୍ତ ପାରିପାର୍ଶ୍ୱିକରେ ଥିବା ବଣ୍ଡେଲ, ବିଳାଟିପଦର,ଛତ୍ରପୁର,ହରେକୃଷ୍ଣପୁର ସମେତ ବିଭିନ୍ନ ଗାଁର ଅନେକ ଚାଷୀଙ୍କ ହେକ୍ଟର ହେକ୍ଟର ଚାଷ କ୍ଷତି ହୋଇଥିବାବେଳେ ଏବେବି ଅନେକ ଚାଷୀ କ୍ଷତିପୂରଣ ପାଇନଥିବା ଅଭିଯୋଗ ହେଉଛି। ଏହିଭଳି ଅଭିଯୋଗ ହେଉଛି ଲାଞ୍ଜିଗଡ଼ ବ୍ଲକ ହରେକୃଷ୍ଣପୁର ଗାଁରୁ। ସୂଚନା ଅନୁସାରେ ବେଦାନ୍ତ ରେଡମୋଡ଼ପଣ୍ଡର ବିଷାକ୍ତ କଷ୍ଟିକ ପାଣି ମାଡିଯିବା ଫଳରେ ହରେକୃଷ୍ଣପୁର ଗାଁର ହାରାହାରି ୨୦ଜଣ ଚାଷୀଙ୍କ ବିଭିନ୍ନ ପ୍ରକାରର ଚାଷ କ୍ଷୟକ୍ଷତି ହୋଇଥିବା ବେଳେ ମାତ୍ର ଛଅ ଜଣ ଚାଷୀଙ୍କ ନାମ ତାଲିକାରେ ପଞ୍ଜିକୃତ ହୋଇଛି। ତେବେ ଅନେକ ଗୁଡିଏ ଚାଷୀ ଏହି ତାଲିକାରୁ କାହିଁକି ବାଦ ପଡିଲେ ତାହା ବଡ଼ ପ୍ରଶ୍ନ ବାଚୀ ସୃଷ୍ଟି କରିଛି। ବେଦାନ୍ତ କର୍ତ୍ତୃପକ୍ଷ ଓ ପ୍ରଶାସନର ଚରମ ଅବହେଳା ଯୋଗୁଁ ଅନେକ ଚାଷୀ କ୍ଷତିପୂରଣ ପାଇବାରେ ବଞ୍ଚିତ ରହିଥିବା ଅଭିଯୋଗ ହୋଇଥିବା ବେଳେ ସ୍ଥାନୀୟ ଲୋକ ରାଜସ୍ୱନିରୀକ୍ଷକଙ୍କୁ ଦାୟୀ କରିଛନ୍ତି। ତେବେ ରାଜସ୍ୱନିରୀକ୍ଷକ କାର୍ଯ୍ୟାଳୟରେ ଥାଇ ଚାଷ କ୍ଷୟକ୍ଷତି ଆକଳନ କରିଛନ୍ତି ନା ଘଟଣା ସ୍ଥଳକୁ ଯାଇ ଆକଳନ କରିଛନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।ଏନେଇ ଆମେ ରାଜସ୍ୱ ନିରୀକ୍ଷକଙ୍କୁ ପଚାରିବାରୁ ମୋତେ ପାଖରେ ଯାହା ସୂଚନା ପହଞ୍ଚିଥିଲା ସେହି ହିସାବରେ ମୁଁ ପୂର୍ବରୁ ମଧ ଚାଷ ଆକଳନ କରିଥିଲି ଏବଂ ଏବେ ମଧ କ୍ଷୟକ୍ଷତି ଅଞ୍ଚଳକୁ ଯାଇ ଆକଳନ କରିଛି। ଯଥା ସମ୍ଭବ ଏହାର ସମାଧାନ କରାଯିବ ବୋଲି କହିଛନ୍ତି।

# ଦେବାଶିଷଙ୍କୁ ଲୋହାରା ଖଣ୍ଡି କବି ସମ୍ମାନ



ପୋଲସରା, ୨୧/୧୨ (ନି.ପ୍ର): ପୋଲସରା ବିଜ୍ଞାନ ମହାବିଦ୍ୟାଳୟ ର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଶ୍ରୀ ଦେବାଶିଷ ସ୍ୱାଇଁ ଙ୍କୁ ଭଞ୍ଜନଗର ଠାରେଲୋହାରା ଖଣ୍ଡି ସାହିତ୍ୟ ସଂସଦ ଦ୍ୱାରା ଆୟୋଜିତ ଶୀତ ଆସର କବି ସମିଳନୀରେ ସଭାପତି ଡକ୍ଟର ଅଶୋକ କୁମାର ଷଡ଼ଙ୍ଗୀ, କବିୟତ୍ରୀ ସୁଜାତା ଷଡ଼ଙ୍ଗୀ, ସମ୍ପାଦକ ଚିନ୍ମୟ ଦ୍ୱିବେର୍ତ୍ତୀ, ସମ୍ପାଦିକା ପ୍ରଭାତ ମଞ୍ଜରୀ ବେହେରା, କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସ୍ୱାଇଁ, ମନମୋହନ ରଥ, ସ୍ୱାମୀ ବିରଜାନନ୍ଦ ସରସ୍ୱତୀ, ପ୍ରମୁଖ ଉପସ୍ଥିତ ରହି 'ଲୋହରା ଖଣ୍ଡି କବି ସମ୍ମାନ -୨୦୨୪' ପାଇଁ ଯୁବ ପ୍ରତିଭାବାନ କବି ଶ୍ରୀ ଦେବାଶିଷ ସ୍ୱାଇଁ ଙ୍କୁ ସମ୍ମାନିତ କରାଯାଇଛି । ଯାହା ଫଳରେ ଶ୍ରୀ ଦେବାଶିଷ ସ୍ୱାଇଁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ଏହି ସଂମ୍ମାନ ଯୁବ ପ୍ରତିଭାଙ୍କୁ ପ୍ରେରଣାର ଉତ୍ସ ହେବ ବୋଲି ଶ୍ରୀ ସ୍ୱାଇଁ ମତବ୍ୟକ୍ତ କରିଛନ୍ତି ।

## ସଂ ପା ଦ କୀ ୟ

# ଟଳମାନ ପୃଥିବୀ

ଜଳ ଲାଗି ଯୁଦ୍ଧ, ସଂଘର୍ଷ, ଅଶାନ୍ତି ଓ ରାଜନୀତି ସୃଷ୍ଟି କରିବେ କେବଳ ସେହିମାନେ ଯେଉଁମାନେ ଜଳର ପ୍ରାଚୁର୍ଯ୍ୟ ଭିତରେ ଥାଇ ତାହାକୁ ପର୍ଯ୍ୟାପ୍ତ ଭାବେ ଉପଭୋଗ କରିବେ, ବିବେକ ଦଂଶନର ସାମାନ୍ୟ ଶିକାର ନ ହୋଇ ତା'ର ଅପଚୟ କରିବେ, ଏଣେ ଜଳର କିଞ୍ଚିତ୍ ? ଅଭାବରେ ଘୋର ଉଦ୍ ?ବିଗ୍ନ ଓ ତୀବ୍ର ପ୍ରତିକ୍ରିୟାଶୀଳ ହୋଇ ଉଠିବେ। ଏମାନେ ହିଁ ଅନ୍ତରୀକ୍ଷରେ ପୃଥିବୀକୁ ଟଳାଇଛନ୍ତି ଓ ଅନେକ ବିପର୍ଯ୍ୟୟକୁ ଆମନ୍ତ୍ରଣ ଦେଇଛନ୍ତି।ଦିଲ୍ଲୀର ଶୀତଦିନିଆ ଭୟଙ୍କର ବାୟୁ ପ୍ରଦୂଷଣ ଓ ସେହି ସମୟରେ ଜାତିସଂଘ ଦ୍ୱାରା ଆହୂତ 'କପ୍ ? ୨୯' - ବାର୍ଷିକ ପରିବେଶ ସଂକ୍ରାନ୍ତ ସମ୍ମିଳନୀ - ପରିପ୍ରେକ୍ଷୀରେ ବାୟୁ ପ୍ରଦୂଷଣ, କାର୍ବନ ନିର୍ଗମନ ଓ ତଜ୍ଜନିତ ବିଶ୍ୱ ଉତ୍ତପ୍ତୀକରଣ ଏବଂ ଜଳବାୟୁ ପରିବର୍ତ୍ତନ ତଥା ସେହି କାରଣରୁ ଘଟୁଥିବା ପ୍ରାକୃତିକ ବିଭୀଷିକା ଓ ତାହାର ପ୍ରତିକାର ସମ୍ବନ୍ଧୀୟ ଚର୍ଚ୍ଚା ଓ ତର୍କାଦିରେ ଲୋକକ୍ଷେତ୍ର ମୁଖର ହୋଇ ଉଠିଥିବା ବେଳେ ଗୋଟିଏ ବିଷୟ ହୃଦ୍ ?ବୋଧ କରି ହୋଇଥାଏ ଯେ କେବଳ ଦୃଶ୍ୟମାନ ବିକୃତିମାନ ଆମକୁ ଉଦ୍ ?ବିଗ୍ନ ଓ ଉଦ୍ ?ବେଳିତ କରିଥାଏ ସିନା, ଆମ ଦୃଷ୍ଟି ଅନ୍ତରାଳରେ ଘଟି ଚାଲିଥିବା ଅନେକ ବିକୃତି ଜୀବନକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ବିପନ୍ନ କରିବାର ସ୍ଥିତିରେ ଥିଲେ ହେଁ ସେ ନେଇ ଆମେମାନେ ବିଶେଷ ଚିନ୍ତିତ ହୋଇ ନ ଥାଆନ୍ତି; ଯେମିତି କି ଭୂତଳ ଜଳର ମାତ୍ରାଧିକ ବ୍ୟବହାର ହେତୁ ପ୍ରାକୃତିକ ବିପର୍ଯ୍ୟୟର ତୀବ୍ରତାରେ ବୃଦ୍ଧି। ଅବଶ୍ୟ, ଭୂତଳ ଜଳ ସ୍ତରରେ ହ୍ରାସ ନେଇ ବିଚଳିତବୋଧ ପ୍ରକାଶ ପାଇଲାଣି, କିନ୍ତୁ ଭୂତଳ ଜଳର ସଂକୋଚନ କିଭଳି ଭୂପୃଷ୍ଠକୁ ମଧ୍ୟ ଅଧିକ ଦୁର୍ବିପାକସଂକୁଳ କରି ପକାଇବ, ସେ ନେଇ ଧାରଣା ସୃଷ୍ଟି ହୋଇପାରିନାହିଁ। ଏହି ସଂଦର୍ଭରେ 'ଜିଓ-ଫିଜିକାଲ୍ ? ରିସର୍ଚ ଲେଟର୍ସ' ନାମକ ଏକ ଗବେଷଣାମୂଳକ ପତ୍ରିକାରେ ନିକଟରେ ପ୍ରକାଶିତ ଏକ ଆଲେଖ୍ୟ ପ୍ରଣିଧାନଯୋଗ୍ୟ, ଯାହା କହିଛି କିଭଳି ମାତ୍ରାତିରିକ୍ତ ମାନବୀୟ ହସ୍ତକ୍ଷେପ ହେତୁ ଅନ୍ତରୀକ୍ଷରେ ମଧ୍ୟ ପୃଥିବୀ ଟଳମଟଳ ହେବାରେ ଲାଗିଲାଣି, ଯାହା ହିଁ ହେଉଛି ଉପରୋକ୍ତ ଆଶଙ୍କାର କାରଣ।

ମୋଟାମୋଟି ୫୯୭୪ ନିୟୁତ କିଲୋଗ୍ରାମ ଓଜନ ବିଶିଷ୍ଟ ଆମ ସୁନୀଳ ଗ୍ରହଟି ଅନ୍ତରୀକ୍ଷରେ ଝୁଲନ୍ତ ଅବସ୍ଥାରେ ରହି ଏକ ନିର୍ଦ୍ଦିଷ୍ଟ କକ୍ଷ ପଥରେ ସୂର୍ଯ୍ୟକୁ ପ୍ରଦକ୍ଷିଣ କରିବା ସହିତ ସୂର୍ଯ୍ୟ ଆଡ଼କୁ ୨୩.୫ ଡିଗ୍ରି କୋଣରେ ଢଳି ରହି ନିଜ ଅକ୍ଷକୁ କେନ୍ଦ୍ର କରି ନଟୁ ତୁଲ୍ୟ ଘୂର୍ଣ୍ଣୟମାନ ହେଉଥିବା କଥା ସମସ୍ତେ ଜାଣନ୍ତି, ଯେଉଁ କାରଣରୁ ଦିବା-ରାତ୍ର ଚକ୍ର ଓ ଋତୁ ଚକ୍ରମାନ ସମ୍ଭବ ହୋଇଥାଏ। ଏଭଳି ଢଳଣ ହେତୁ ପୃଥିବୀର ସର୍ବତ୍ର ସୂର୍ଯ୍ୟାଲୋକ ସମାନ ଭାବେ ପଡ଼ି ନ ଥାଏ ଏବଂ ସେହି ହେତୁ ଅଞ୍ଚଳ ଭିତ୍ତିରେ ଜଳବାୟୁଗତ ଭିନ୍ନତା, ରେ ?ଦ୍ର ତାପ, ଶୀତ ଓ ବୃଷ୍ଟିପାତରେ ପାତରଅନ୍ତର ଆଦି ପରିଦୃଷ୍ଟ ହୋଇଥାଏ। ତେବେ, କିଛି ବର୍ଷ ହେଲାଣି ପୃଥିବୀର ଢଳଣରେ ଘଟି ଚାଲିଥିବା ଦୁର୍ବୋଧ୍ୟ ବୃଦ୍ଧି ବେ ?ଜ୍ଞାନିକମାନଙ୍କୁ ହତଚକିତ କରି ଆସିଛି ଏବଂ ସେମାନଙ୍କ କହିବା ଅନୁସାରେ ଇତିମଧ୍ୟରେ ପୃଥିବୀ ୩୧.୫ ଇଞ୍ଚ ଅଧିକ ଢଳି ସାରିଲାଣି। ତେବେ, ଏଭଳି ଏକ ମହାଜାଗତିକ ଘଟଣା ପଛରେ ନିହିତ ସମ୍ଭାବ୍ୟ କାରଣମାନ ଏ ଯାବତ୍ ? ବେ ?ଜ୍ଞାନିକମାନଙ୍କ ଲାଗି ଅନ୍ଦାଜର ବ୍ୟାପାର ହୋଇ ରହି ଆସିଥିଲା, ଯାହା ଏବେ ସୁନିର୍ଦ୍ଦିଷ୍ଟ ହୋଇସାରିଛି ବୋଲି 'ଜିଓ-ଫିଜିକାଲ୍ ? ରିସର୍ଚ ଲେଟର୍ସ' ପତ୍ରିକାର ଆଲେଖ୍ୟ କହିଥାଏ। ସେହି ନିବନ୍ଧ ଅନୁସାରେ ମାତ୍ରାଧିକ ଭୂତଳ ଜଳର ଅପସାରଣ ହେତୁ ଭୂଗର୍ଭରେ ସୃଷ୍ଟ ଶୂନ୍ୟତା ହିଁ ପୃଥିବୀର ଭାରସାମ୍ୟ ସ୍ଖଳନ ଓ ତଜ୍ଜନିତ ପୃଥିବୀର ଅଧିକ ଢଳଣର କାରଣ। ଅବଶ୍ୟ, ପୃଥିବୀର ବିଶାଳତା ପରିପ୍ରେକ୍ଷୀରେ ଢଳଣରେ ୩୧.୫ ଇଞ୍ଚର ବୃଦ୍ଧି ଅତ୍ୟନ୍ତ ନଗଣ୍ୟ, କିନ୍ତୁ ବିଶେଷଜ୍ଞମାନେ କହିଥାଆନ୍ତି ଯେ ଏଭଳି ସାମାନ୍ୟ ପରିବର୍ତ୍ତନର ପ୍ରଭାବ ମଧ୍ୟ ଅତ୍ୟନ୍ତ ସୁଦୂରପ୍ରସାରୀ; ଏହି କାରଣରୁ ସମୁଦ୍ର ପତ୍ତନରେ ବୃଦ୍ଧି ଘଟୁଛି ଏବଂ ବିଭିନ୍ନ ବିଶେଷଜ୍ଞ ଆକଳନ ଅନୁସାରେ ୨୦୫୦ ମସିହା ସୁଦ୍ଧା ସମୁଦ୍ରର ଜଳ ସ୍ତରରେ ଏକ ଫୁଟରୁ ମଧ୍ୟ ଅଧିକ ବୃଦ୍ଧି ଘଟିବ, ଯଦ୍ଦ୍ୱାରା ଅନେକ ସମୃଦ୍ଧ ଓ ଜନାକୀର୍ଣ୍ଣ ଦ୍ୱୀପ ସମୁଦ୍ର ଗର୍ଭସାତ୍ ? ହେବେ ଏବଂ ସମୁଦ୍ର ତଟବର୍ତ୍ତୀ ଲଣ୍ଡନ ବା ମୁମ୍ବାଇ ବା ସାଂଘାଇ ଅଥବା ବୁଏନସ ଏୟାର୍ସ ଆଦି ଭଳି ମହାନଗରୀଗୁଡ଼ିକ ଅସ୍ତିତ୍ୱ ସଂକଟ ମଧ୍ୟ ଦେଇ ଗତି କରିବେ। ଏଭଳି ଢଳଣ ହେତୁ ପୃଥିବୀ ଲାଭ କରୁଥିବା ସୂର୍ଯ୍ୟାଲୋକର ଗୁଣମାନରେ ପରିବର୍ତ୍ତନ ହୋଇ ଋତୁ ଚକ୍ରରେ ବ୍ୟତିକ୍ରମ ଓ ପାଣିପାଗଜନିତ ବିଭ୍ରାଟମାନ ଘଟାଇବ; ବୃଷ୍ଟିରିକ୍ତ ମରୁ ଅଞ୍ଚଳମାନ ପ୍ରଳୟଙ୍କରୀ ବନ୍ୟା ଦ୍ୱାରା ଜଳମଗ୍ନ ହେବେ, ପ୍ରାଣହୀନ ସାହାରା ଠାଏ ଠାଏ ପଲ୍ଲବିତ ହୋଇ ଉଠିଲା ବେଳକୁ ଅନେକ ସବୁଜ ଅଞ୍ଚଳ ବୁନ୍ଦାଏ ଜଳ ସୁଦ୍ଧା ନ ପାଇ ବନ୍ଧ୍ୟା ପାଲଟିବେ। ଏହି ବ୍ୟତିକ୍ରମ ଧାରାର ପ୍ରାରମ୍ଭ ଘଟି ସାରିଛି। ଅନେକ ଉପଗ୍ରହ ଫଟୋଚିତ୍ରରେ ସାହାରାର ଧୀର ସବୁଜୀକରଣ ସହ ଆଉ କେଉଁଠି ଘନ ବନରାଜି ବିଲୁପ୍ତ ହୋଇ ଧୂସର ମରୁରେ ପରିଣତ ହେଉଥିବାର ଦୃଶ୍ୟମାନ ଉପଲବ୍ ?ଧ ଏବଂ ଆଫଗାନିସ୍ତାନ, ପାକିସ୍ତାନ ଓ ଆରବ ଦେଶଗୁଡ଼ିକ ପ୍ରଳୟଙ୍କରୀ ବନ୍ୟା ଭୋଗି ସାରିଲେଣି। ସୁତରାଂ, ପୃଥିବୀ ଶୂନ୍ୟଗର୍ଭା ? ହେବାର ଅର୍ଥ ଯେ ପୃଥିବୀ ପୃଷ୍ଠରେ ଅନର୍ଥକୁ ଆମନ୍ତ୍ରଣ, ଏହା ହୃଦ୍ ?ବୋଧ ହୋଇଯିବା ଉଚିତ। ଏକ ଆକଳନ ଅନୁସାରେ ମାନବ ଜାତି ବାର୍ଷିକ ୭୫ ଟ୍ରିଲିଅନ୍ ? ଗ୍ୟାଲନ୍ ? ଭୂତଳ ଜଳ ଅପସାରଣ କରିଥାଏ, ଯାହାର ବିଶାଳତା ସମ୍ବନ୍ଧରେ ଧାରଣା ଏଥିରୁ ମିଳିବ ଯେ ଏହି ଜଳରେ ୮୬୦ ନିୟୁତ ଅଲିଂପିକ୍ ? ସନ୍ତରଣ ପୁଷ୍କରିଣୀକୁ ଭରି ଦିଆଯାଇପାରେ। ଏକ ଆକଳନ ଅନୁସାରେ ୧୯୯୩ ମସିହାରୁ ୨୦୧୦ ମସିହା ପର୍ଯ୍ୟନ୍ତ ସମୟ ଖଣ୍ଡରେ ପୃଥିବୀ ଗର୍ଭରୁ ୨୧୫୦ ଗିଗା ଟନ୍ (ଏକ ଗିଗା ଟନ୍ ହେଉଛି ୧୦୦୦ କୋଟି କ୍ୱିଣ୍ଟାଲ) ଓଜନର ଜଳ ନିଷ୍କା ?ସିତ ହୋଇଥିଲା। ଏହି ଧାରାରେ ବୃଦ୍ଧି ଘଟି ଚାଲିଛି ସିନା, ହ୍ରାସର କେ ?ଣସି ଲକ୍ଷଣ ଦିଶିନାହିଁ। ପ୍ରକାଶ ଥାଉ କି ସର୍ବାଧିକ ପରିମାଣର ଭୂତଳ ଜଳ ଅପସାରଣ କରୁଥିବା ଦେଶ ହେଉଛି ଭାରତ, ଯେଉଁଠି ବର୍ଷକୁ ୨୩୦ ଘନ କିଲୋମିଟର ପରିମାଣର ଭୂ-ତଳ ଜଳ ନିଷ୍କାସିତ ହୋଇଥାଏ। ଏହା ମଧ୍ୟ ପ୍ରଣିଧାନଯୋଗ୍ୟ ଯେ ଭୂତଳ ଜଳର ମାତ୍ରାଧିକ ଅପସାରଣ ହେତୁ ନଦୀ, ଆର୍ଦ୍ରଭୂମି ଓ କୂଅ ଆଦି ମଧ୍ୟ ଶୁଷ୍କ ହେବାରେ ଲାଗିଛନ୍ତି ଯାହା ଭୂପୃଷ୍ଠରେ ନୂତନ ଜଳ-କ୍ଲିଷ୍ଟ ଅଞ୍ଚଳମାନ ସୃଷ୍ଟି କରିବାରେ ଲାଗିଛି। ଗୋଟିଏ ପଟେ ଭୂତଳ ଜଳର ମାତ୍ରାଧିକ ଦୋହନ ହେତୁ ଭୂତଳ ଜଳଭଣ୍ଡାର ସଂକୁଚିତ ହୋଇ ଚାଲିଥିବା ବେଳେ ଏହି କାରଣରୁ ଭୂପୃଷ୍ଠା ?ରେ ଜଳାଭାବଜନିତ ବିଡ଼ମ୍ବିତ ଚିତ୍ରମାନ ଦିଶିବାରେ ଲାଗିଛି ! ସୁତରାଂ, ଏଭଳି ଆଲୋଚନା ବେଳେ ଭାରତ ପ୍ରତି ତର୍ଜନୀ ଉଠିବା ମଧ୍ୟ ସ୍ୱାଭାବିକ। ଏହି ଆଲୋଚନା ପରିପ୍ରେକ୍ଷୀରେ ଜାତିସଂଘର ପୂର୍ବତନ ସେକ୍ରେଟାରି ଜେନେରାଲ କୋଫି ଅନ୍ନନଙ୍କ ସେହି ବହୁଳ ଉଦ୍ଧୃତ ବକ୍ତବ୍ୟ ମନେ ପଡ଼େ, ଯାହା କହିଥିଲା ଯେ ଜଳ ଉପରେ ଅଧିକାର ସାବ୍ୟସ୍ତ କରିବାକୁ କେନ୍ଦ୍ର କରି ପୃଥିବୀ ହୁଏତ ତୃତୀୟ ବିଶ୍ୱଯୁଦ୍ଧକୁ ଠେଲି ହୋଇଯାଇପାରେ ! ଏହି ମର୍ମରେ ହୃଦୟଙ୍ଗମ କରିବା ଉଚିତ ଯେ ଜଳର ପ୍ରାଚୁର୍ଯ୍ୟ ମଧ୍ୟରେ ଥିବା ରାଷ୍ଟ୍ର ବା ବ୍ୟକ୍ତି ହିଁ ଅଧିକ ଜଳ ଅପଚୟ କରନ୍ତି ଏବଂ ଜଳର ସାମାନ୍ୟ ଅଭାବ ଘଟିବାର ଆଶଙ୍କା ଉପସ୍ଥିତ ହେଲେ ଘୋର ଉଦ୍ ?ବିଗ୍ନ ହୋଇ ଉଠନ୍ତି। ଆମ ଦେଶରେ ମଧ୍ୟ ସେଭଳି ସ୍ଥିତି ଦୃଷ୍ଟିଗୋଚର ହୋଇଥାଏ। କେ ?ଣସି ବାତ୍ୟାର ଆଗମନ ପୂର୍ବରୁ ଉପକୂଳ ଅଞ୍ଚଳ ବାସିନ୍ଦା କିଭଳି ବ୍ୟତିବ୍ୟସ୍ତ ହୋଇ ଜଳ ଭଣ୍ଡାରଣରେ ନିମଗ୍ନ ହୁଅନ୍ତି, ତାହା ସୁବିଦିତ। ଅପର ପକ୍ଷରେ ମୁନ୍ଦାଏ ଜଳ ପାଇବା ଲାଗି ଅସଂଖ୍ୟ ଭାରତୀୟ ମାଇଲ ମାଇଲ ଧରି ପାଦରେ ଚାଲି ଶ୍ରମ ଓ ସମୟ ବ୍ୟୟ କରି ଚାଲିଥାଆନ୍ତି। ଏହି ସଂଦର୍ଭରେ ପ୍ରଫେସର ଡେଭିଡ୍ ? ସେଡ୍ ?ଲାକ୍ ?ଙ୍କ ଏକ ଅନୁଭୂତି ସ୍ମରଣକୁ ଆସିଥାଏ। ଏହି ଜଳ ବିଶେଷଜ୍ଞ ଓ ପରିବେଶବିତ ଥରେ ଆଫ୍ରିକାର ରୁଆଣ୍ଡାର ଏକ ଚରମ ଜଳ-କ୍ଲିଷ୍ଟ ଅଞ୍ଚଳର ଅଧିବାସୀଙ୍କୁ ପ୍ରଶ୍ନ କରିଥିଲେ ଯେ 'ଜଳ ଲାଗି ତୁମମାନଙ୍କ ମଧ୍ୟରେ ସଂଘର୍ଷ ଘଟିଥାଏ କି ?' କିନ୍ତୁ, ଆଶା କରିଥିବା ଭଳି ଉତ୍ତରର ବିପରୀତରେ ସେ ସେହି ଅପରିଚିତ ରୁଆଣ୍ଡାବାସୀଙ୍କ ଠାରୁ ଯାହା ଶୁଣିବାକୁ ପାଇଥିଲେ, ତାହା ହେଲା: 'କଦାପି ନୁହେଁ। ବରଂ ଜଳାଭାବ କାରଣରୁ ଆମେ ଜଳକୁ ସମ୍ମାନ ଦେଇ ଶିଖିଛୁ, ଏହି ଅଭାବ ଆମକୁ ଏକତା ସୂତ୍ରରେ ବା ?ନ୍ଧି ରଖିଛି। ଆମେ ଅନ୍ୟା ?ନ୍ୟ କାରଣ ଲାଗି ସଂଘର୍ଷ ବ୍ୟାପୃତ ହୋଇପାରୁ, କିନ୍ତୁ ଜଳ ଲାଗି କଦାଚିତ୍ ? ନୁହେଁ।' ଏହାର ଅର୍ଥ ଜଳ ଲାଗି ଯୁଦ୍ଧ, ସଂଘର୍ଷ, ଅଶାନ୍ତି ଓ ରାଜନୀତି ସୃଷ୍ଟି କରିବେ କେବଳ ସେହିମାନେ ଯେଉଁମାନେ ଜଳର ପ୍ରାଚୁର୍ଯ୍ୟ ଭିତରେ ଥାଇ ତାହାକୁ ପର୍ଯ୍ୟାପ୍ତ ଭାବେ ଉପଭୋଗ କରିବେ, ବିବେକ ଦଂଶନର ସାମାନ୍ୟ ଶିକାର ନ ହୋଇ ତା'ର ଅପଚୟ କରିବେ, ଏଣେ ଜଳର କିଞ୍ଚିତ୍ ? ଅଭାବରେ ଘୋର ଉଦ୍ ?ବିଗ୍ନ ଓ ତୀବ୍ର ପ୍ରତିକ୍ରିୟାଶୀଳ ହୋଇ ଉଠିବେ। ଏମାନେ ହିଁ ଅନ୍ତରୀକ୍ଷରେ ପୃଥିବୀକୁ ଟଳାଇଛନ୍ତି ଓ ଅନେକ ବିପର୍ଯ୍ୟୟକୁ ଆମନ୍ତ୍ରଣ ଦେଇଛନ୍ତି। ଏବଂ ଆମ ଭିତରୁ ଅସଂଖ୍ୟ ଏହି ଦୋଷରେ ଦୋଷୀ !

# ଆଶା ଓ ଆକାଶ: ଶ୍ରୀମନ୍ଦିରରେ ବ୍ୟବସ୍ଥିତ ଦର୍ଶନ

## ଜାନକୀଶ ବଡ଼ପଣ୍ଡା



ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥିତ ଦିଅଁ ଦର୍ଶନ ବ୍ୟବସ୍ଥା କରନ୍ତୁ ବୋଲି ସମସ୍ତେ ଚାହାନ୍ତି। ପୂର୍ବ ସରକାରଙ୍କ ଅମଳରେ ଦର୍ଶନ ଅବ୍ୟବସ୍ଥା ଚରମ ସୀମାରେ ପହଞ୍ଚିଥିଲା। କେବଳ ସିଂହଦ୍ୱାର ଦେଇ ପ୍ରବେଶ ଏବଂ ଉତ୍ତରଦ୍ୱାର ଦେଇ ପ୍ରସ୍ଥାନ ଅନୁମତି ଦିଆଯାଇଥିଲା। ସର୍ବସାଧାରଣଙ୍କୁ ବଡ଼ଦାଣ୍ଡରେ ଘଣ୍ଟାଘଣ୍ଟା ଧରି ଖରାବର୍ଷାରେ ଧାଡ଼ି ବାନ୍ଧି ଚାଲିବାକୁ ପଡୁଥିଲା। ଏହାକୁ ବିରୋଧ କରିଆସୁଥିଲେ ସମସ୍ତେ। ପୂର୍ବ ପରି ଚାରିଦ୍ୱାର ଖୋଲିଦିଆଗଲେ କୋଭିଡ୍ ? ପୂର୍ବରୁ ଯେଭଳି ଦର୍ଶନ ବ୍ୟବସ୍ଥା ଥିଲା ସେପରି ସମ୍ଭବ ହେବ ବୋଲି ବିଚାର କରୁଥିଲେ ଭକ୍ତମାନେ। ନିର୍ବାଚନର କିଛିମାସ ପୂର୍ବରୁ ପୁରୀବାସୀଙ୍କ ପାଇଁ ପଶ୍ଚିମଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ ଅନୁମତି ଦିଆଯାଇଥିଲା। ଧାଡ଼ିରେ ଅପେକ୍ଷାମାଣ ଭକ୍ତଙ୍କ ସୁବିଧା ପାଇଁ ବଡ଼ଦାଣ୍ଡରେ ବାତାନୁକୂଳିତ ଟନେଲ୍ ? ମଧ୍ୟ ନିର୍ମାଣ ହୋଇଥିଲା। କିନ୍ତୁ, ପ୍ରବଳ ଦାବି ସତ୍ତ୍ୱେ ଚାରି ଦ୍ୱାର ଖୋଲାଯାଉ ନଥିଲା। ଭକ୍ତମାନେ ଘଣ୍ଟା ଘଣ୍ଟା ଧରି ବଡ଼ଦାଣ୍ଡରେ ଧାଡ଼ିରେ ଚାଲିବା ପରେ ମନ୍ଦିର ବେଢ଼ାରେ ପ୍ରବେଶ କରୁଥିଲେ ଓ ସାତପାହାଚ ପୂର୍ବରୁ ସେମାନଙ୍କୁ ପୁନର୍ବାର ଧାଡ଼ିରେ ଅପେକ୍ଷା କରିବାକୁ ପଡୁଥିଲା। ଗରୁଡ଼ ସ୍ତମ୍ଭ ଠାରୁ ଭିତର କାଠ ଯାଏ ପ୍ରବଳ ଗହଳି ରହୁଥିଲା।

ନୂଆ ସରକାର ନିର୍ବାଚନ କାଳରେ ଦେଇଥିବା ପ୍ରତିଶ୍ରୁତି ପାଳନକରି ଚାରିଦ୍ୱାର ଖୋଲି ସାରିଛନ୍ତି। ବାଇଶିପାହାଚ-ଆନନ୍ଦ ବଜାର ବାଟ ଖୋଲିସାରିଛି। କାର୍ତ୍ତିକ ମାସ ପାଇଁ କିଛି କଟକଣା କରାଯାଇଥିଲା ସତ; କିନ୍ତୁ ବଡ଼ଦାଣ୍ଡରେ ଏବେ ବ୍ୟାରିକେଡ୍ ନାହିଁ, ମୁକ୍ତ ପ୍ରବେଶ ଓ ପ୍ରସ୍ଥାନ ପାଇଁ ଚାରିଦ୍ୱାର ଖୋଲା ରହିଛି। ଯେଉଁମାନେ ଚାରିଦ୍ୱାର ଦେଇ ମନ୍ଦିର ବେଢାରେ ପ୍ରବେଶ କରୁଛନ୍ତି, ସେମାନଙ୍କୁ କିନ୍ତୁ ପୂର୍ବଭଳି ସାତପାହାଚ ପୂର୍ବରୁ ଧାଡ଼ିରେ ରହିବାକୁ ପଡୁଛି ଏବଂ ପ୍ରବଳ ଭିଡ଼ରେ ଦଳାଚକଟାର ସାମ୍ନା କରିବାକୁ ପଡୁଛି। ଚାରିଦ୍ୱାର ଖୋଲା ରହିଲେ ଭକ୍ତମାନେ ସ୍ୱଳ୍ପ ସମୟରେ ଓ ସୁବିଧାରେ ଦିଅଁ ଦର୍ଶନ କରି ପାରିବେ ବୋଲି କୁହାଯାଉଥିଲେ ବି, ଏହା ସତ୍ୟର ଅପଳାପ ବ୍ୟତିତ ଅନ୍ୟ କିଛି ନୁହେଁ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନାଟ ମଣ୍ଡପ ଭିତରେ ରାମ୍ପ୍ ନିର୍ମାଣ, ଅନ୍ ?ଲାଇନ୍ ସ୍ଲଟ୍ ବୁକିଙ୍ଗ୍ ଭଳି ପ୍ରସ୍ତାବ ଆସିଛି। ଆମେ କିନ୍ତୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନସ୍ତାତ୍ତ୍ୱିକ ଦିଗକୁ ପ୍ରଶାସନ ବିଚାରକୁ ନେଉନଥିବାର ଲକ୍ଷ୍ୟ କରୁଛୁ। ଆମର ବିଶ୍ୱାସ ଯେ, ଶ୍ରୀମନ୍ଦିର ଭିତରେ ଓ ବେଢ଼ାରେ ବର୍ଦ୍ଧିତ ଗହଳି ନିୟନ୍ତ୍ରଣର ଚାବିକାଠି ରହିଛି ମନସ୍ତତ୍ତ୍ୱ ଆଧାରିତ ପରିଚାଳନାରେ। ଏହି ଆଧାରରେ ଆନନ୍ଦ ବଜାରର ସ୍ଥାନାନ୍ତରୀକରଣ ଓ ଦର୍ଶନ ବ୍ୟବସ୍ଥାରେ ସାମାନ୍ୟ ପରିବର୍ତ୍ତନ କରାଯାଇ ସମସ୍ୟାର ସମାଧାନ କରାଯାଇପାରିବ। ଏହା ସତ୍ୟ ଯେ ଦିନକୁ ଦିନ ଭକ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ଦେଶର ଲୋକସଂଖ୍ୟା ଏବେ ୧୪୫ କୋଟି ଏବଂ ଭବିଷ୍ୟତରେ ଏହା ସର୍ବାଧିକ ୧୭୫ କୋଟି ଛୁଇଁବାର ଆକଳନ କରାଯାଉଛି। ଭାରତୀୟଙ୍କ ମୁଣ୍ଡପିଛା ଆୟବୃଦ୍ଧି ସହ ତାଳ ଦେଇ, ଗମନାଗମନ ସୁବିଧା ଓ ଭକ୍ତଙ୍କ ତୀର୍ଥାଟନ ପାଇଁ ଆଗ୍ରହ ଓ ସାମର୍ଥ୍ୟ ବଢୁଥିବାରୁ ଆଗକୁ ଶ୍ରୀମନ୍ଦିର ଭିତରକୁ ଦର୍ଶନାର୍ଥୀଙ୍କ ଆଗମନ ବଢ଼ିବା ସୁନିଶ୍ଚିତ। ପୁରୀ ମଧ୍ୟ ଏକ ସାମୁଦ୍ରିକ ପର୍ଯ୍ୟଟନ ସହର ତଥା ସ୍ୱର୍ଣ୍ଣିମ ତ୍ରିଭୂଜର ପ୍ରମୁଖ ସ୍ଥାନ ହୋଇଥିବାରୁ, ଅଧିକାଂଶ ଦର୍ଶନାର୍ଥୀଙ୍କ ପାଇଁ ଜଗନ୍ନାଥ ଦର୍ଶନ, ମହାପ୍ରସାଦ ସେବନ ସହିତ କୋଣାର୍କ ଓ ଭୁବନେଶ୍ୱର ବୁଲି ଦେଖିବା ମଧ୍ୟ ଆକର୍ଷଣୀୟ ଗୁରୁତ୍ୱ ବହନ କରେ। ଏଣୁ ଦର୍ଶନାର୍ଥୀମାନେ ଚାହିଲେ ବି, ଚକାଡୋଳା ଦର୍ଶନ ପାଇଁ ଅଧିକ ସମୟ ବାହାର କରିବା ହୁଏତ ଆଗକୁ ସମ୍ଭବ ହେବନି। ଶ୍ରୀମନ୍ଦିର ଭିଡ଼ ଭିତରେ ଦର୍ଶନ କରିସାରିବା ପରେ ସେମାନେ ଥରେ ବାହାରକୁ ଯାଇ ପୁନର୍ବାର ପ୍ରବେଶ କରି ମହାପ୍ରସାଦ ପାଇବାକୁ ସାହସ କରୁ ନାହାନ୍ତି। ବରଂ ଭୋଗ ବଢ଼ିବା ଯାଏ ବେଢ଼ାରେ ବସିରହୁଛନ୍ତି। ଏହା ଏକ ମନସ୍ତାତ୍ତ୍ୱିକ ପ୍ରସଙ୍ଗ, ଯାହା ଆମେ ଅଙ୍ଗେ ନିଭେଇଛେ। ଦ୍ୱିତୀୟ ବାସ୍ତବତା ହେଲା ଯେ, ସାତପାହାଚ ଠାରୁ ନାଟମଣ୍ଡପ ଦେଇ ଭିତରକାଠ ପର୍ଯ୍ୟନ୍ତ ରହିଥିବା ଚାରିଟି ଆଭ୍ୟନ୍ତରୀଣ ଦ୍ୱାର ମଧ୍ୟରୁ କେବଳ ବେହରଣ ଦ୍ୱାରକୁ ମୁକ୍ତ ରଖାଯାଇ ପଣ୍ଡାଦ୍ୱାର, ଘଣ୍ଟିଦ୍ୱାର ଓ ମୁଦୁଲିଦ୍ୱାରକୁ ବନ୍ଦ ରଖାଯାଉଛି। ଏସବୁକୁ ଖୋଲି ଦିଆଯିବା ଉଚିତ। ନାଟମନ୍ଦିର, ଜଗମୋହନ ଓ ଗର୍ଭଗୃହ ମଧ୍ୟରେ ଜନଗହଳି ଏଡ଼ାଇବାକୁ ଏକାଧିକ ପ୍ରସ୍ଥାନ ଦ୍ୱାର ଖୋଲାଯିବା ଏକାନ୍ତ ଆବଶ୍ୟକ। ନାଟମଣ୍ଡପ ଭିତରେ ଥିବା ଗରୁଡ଼ ସ୍ତମ୍ଭ ପାଖରୁ ଦିଅଁଦର୍ଶନ କରିବାରେ ବାଧକ ହେଉଛନ୍ତି କିଛି ସେବାୟତ। ସେମାନେ ପ୍ରାଚୀର ଭାବେ ଠିଆହୋଇ ରହୁଥିବାର ଦେଖାଯାଉଛି; ଯେଉଁଥିପାଇଁ ଗରୁଡ଼ସ୍ତମ୍ଭ ପାଖରୁ ଦିଅଁଙ୍କୁ ଦର୍ଶନ କରିବା ସମ୍ଭବ ହେଉନାହିଁ। ଏମାନଙ୍କୁ ବାହାରକାଠ ନିକଟରୁ ହଟାଇ ଦିଆଗଲେ ଅନେକ ଭକ୍ତ ଗରୁଡ଼ସ୍ତମ୍ଭ ନିକଟରୁ ଚକାନୟନଙ୍କୁ ଦର୍ଶନ କରି ପଣ୍ଡାଦ୍ୱାର ଦେଇ ପ୍ରସ୍ଥାନ କରିବାକୁ ଚାହିବେ।ତୃତୀୟରେ, ବହୁ ପ୍ରତୀକ୍ଷା ପରେ ଥରେ ନାଟମଣ୍ଡପ ମଧ୍ୟକୁ ପ୍ରବେଶ କରିଗଲା ପରେ, ଅନେକ ଭକ୍ତ କାଳିଆ ସାଆନ୍ତଙ୍କୁ ମନଭରି ଦେଖି, ଭକ୍ତିଭାବରେ ତଲ୍ଲୀନ ହୋଇଯିବାକୁ ଚାହାନ୍ତି। ଏହା ହିଁ ଶ୍ରୀମନ୍ଦିର ଭିତର ଭିଡ଼ ବଢ଼ାଇବା ସହ ଭକ୍ତଙ୍କ ଯନ୍ତ୍ରଣା ବି ବଢ଼ାଉଥିବାର ଅନ୍ୟତମ କାରଣ। ଭକ୍ତଙ୍କ ଭାବାବେଗକୁ ଅସମ୍ମାନ କରି ମନ୍ଦିର ପରିସରରୁ ସେମାନଙ୍କୁ ବଳପ୍ରୟୋଗ କରି ବାହାର କରିବା ଅମାନୁଷିକ। ଏହା ଏପରି ଏକ ସମସ୍ୟା, ଯାହାର ମନସ୍ତାତ୍ତ୍ୱିକ ସମାଧାନ ଆବଶ୍ୟକ। ଶ୍ରୀମନ୍ଦିର ମଧ୍ୟରୁ ଭକ୍ତଗଣ ଯଥାଶୀଘ୍ର ଶ୍ରୀମନ୍ଦିର ପରିସରରୁ ସ୍ୱତଃ ବାହାରକୁ ବାହାରିଯିବା ପାଇଁ ଆନନ୍ଦ ବଜାରର ଅବସ୍ଥିତି ମହତ୍ୱପୂର୍ଣ୍ଣ। ମହାପ୍ରସାଦ ପାଇବାପାଇଁ ଭକ୍ତଙ୍କ ଆକୁଳତା ସହ ଆନନ୍ଦ ବଜାରର ଅବସ୍ଥିତି କାରଣରୁ ମନ୍ଦିର ବେଢ଼ାରେ ଅତ୍ୟଧିକ ଗହଳି ଲାଗି ରହୁଛି। ଏହା ଉପଲବ୍ ?ଧି କଲାପରେ ଆନନ୍ଦ ବଜାର ସ୍ଥାନାନ୍ତର କରିବାକୁ ପ୍ରସ୍ତାବ ଦେଇଥିଲେ ଗଜପତି ମହାରାଜ। ସେ 'ଅନ୍ନଯଜ୍ଞ କ୍ଷେତ୍ର ପରିକଳ୍ପନା' ପ୍ରସ୍ତୁତ କରି ଉତ୍ତର ଦ୍ୱାର ନିକଟବର୍ତ୍ତୀ ଏକ ମଠରେ ବିକଳ୍ପ ଆନନ୍ଦ ବଜାର ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ସ୍ଥାନାନ୍ତରଣ ପ୍ରସ୍ତାବ ପଛରେ କିଛି ଯୁକ୍ତି ରହିଛି। ଏବେ ଆମେ ଦେଖୁଥିବା ଆନନ୍ଦ ବଜାର ମୂଳ ମନ୍ଦିର ପ୍ରତିଷ୍ଠା ହେବାର ପରବର୍ତ୍ତୀ କାଳରେ ନିର୍ମାଣ ହୋଇଥିଲା। କିଛି ବର୍ଷ ଧରି କାର୍ତ୍ତିକ ମାସରେ ହବିଷ୍ୟାଳୀମାନେ ହବିଷ୍ୟାଳୀ ଭବନରେ ରହି ଶ୍ରୀମହାପ୍ରସାଦ ପାଇ ଆସୁଛନ୍ତି। ପୁରୀର ବିଭିନ୍ନ ଧର୍ମଶାଳାରେ ମଧ୍ୟ ତୀର୍ଥଯାତ୍ରୀମାନେ ମହାପ୍ରସାଦ ଭୋଜନ କରନ୍ତି। ଏଣୁ, ଏବର ଆନନ୍ଦ ବଜାରକୁ ସ୍ଥାନାନ୍ତରଣ କରି ଅନ୍ୟତ୍ର ନିର୍ମାଣ କରାଗଲେ, ତାହା ଶ୍ରୀମନ୍ଦିର ପରମ୍ପରାର ବିରୁଦ୍ଧାଚରଣ କରିବନାହିଁ। ଆମର ପ୍ରସ୍ତାବ ଯେ, ଶ୍ରୀମନ୍ଦିରର ଚାରିଦିଗରେ ଅନ୍ତତଃ ଏକ କିଲୋମିଟର ଦୂରରେ ଚାରିଗୋଟି ବିକଳ୍ପ ଆନନ୍ଦବଜାର ଅତ୍ୟନ୍ତ ବ୍ୟବସ୍ଥିତ, ଭକ୍ତିମୟ ଓ ଶ୍ରଦ୍ଧାଳୁଙ୍କ ପାଇଁ ଆରାମପ୍ରଦ ଭାବେ ପ୍ରତିଷ୍ଠା କରାଯାଉ। ଫଳରେ ଶ୍ରୀମନ୍ଦିରକୁ ଅଧିକ ଭକ୍ତ ଆସିବେ; ଅଥଚ ଅନିୟନ୍ତ୍ରିତ ଭିଡ଼ ରହିବନାହିଁ। ପ୍ରସ୍ତାବିତ ଆନନ୍ଦ ବଜାର ମଧ୍ୟରୁ ଗୋଟିଏ ବଡ଼ଦାଣ୍ଡରେ ଓ ଆଉ ଗୋଟିଏ ରେଳଷ୍ଟେସନ ନିକଟବର୍ତ୍ତୀ ସ୍ଥାନରେ ପ୍ରତିଷ୍ଠା କରାଯିବା ଉଚିତ। ତୃତୀୟଟିକୁ ବାତାନୁକୂଳିତ କରାଯାଇ ଗାଡ଼ିମୋଟର ରହଣିସ୍ଥଳ ନିକଟରେ ନିର୍ମାଣ କରାଗଲେ ସେଠାରେ ଦେଶ ବିଦେଶରୁ ଆସୁଥିବା ଅନେକ ଭକ୍ତ ମହାନନ୍ଦରେ ମହାପ୍ରସାଦ ସେବନ କରିବାକୁ ଆଗ୍ରହ ପ୍ରକାଶ କରିବେ। ଚତୁର୍ଥଟି ସହର ବାହାରକୁ ଛୋଟ-ବଡ଼ ଟ୍ରକ୍ ?ରେ ପରିବହନ ହେବାକୁ ଥିବା ବରାଦି ଶ୍ରୀମହାପ୍ରସାଦ ପାଇଁ ପ୍ରତିଷ୍ଠା ହେବା ଉଚିତ। ଏହି ସମସ୍ତ ପ୍ରସ୍ତାବିତ ଆନନ୍ଦ ବଜାରକୁ ମହାପ୍ରସାଦ ଉଠିଲା ପରେ ପ୍ରଶାସନ ପକ୍ଷରୁ ବ୍ୟାଟେରିଚାଳିତ ସ୍ୱତନ୍ତ୍ର ଗାଡ଼ିରେ ତାଲା ପକାଇ ଯୋଗାଣ କରାଗଲେ, ଶ୍ରୀମନ୍ଦିର ଭିତର-ବାହାର ପରିସର ମଧ୍ୟ ପରିଚ୍ଛନ୍ନ ରହିପାରିବ। ଦୁଇ-ତିନି ମହଲା ବିଶିଷ୍ଟ ବିକଳ୍ପ ଆନନ୍ଦ ବଜାରର ପରିଚାଳନା ଭାର ଶ୍ରୀମନ୍ଦିର ପ୍ରଶାସନ ନେଇ ମୁଣ୍ଡପିଛା ମାତ୍ର ୫୦ ଟଙ୍କା ମୂଲ୍ୟରେ ମନବୋଧ ହେବାଭଳି ମହାପ୍ରସାଦ ଭୋଜନ ବ୍ୟବସ୍ଥା କରାଗଲେ, ସମସ୍ତେ ଉପକୃତ ହେବେ। ରିହାତି ଅର୍ଥ ପରିମାଣ ଦାନସୂତ୍ରରୁ ଭରଣା ହେବ। ବିକଳ୍ପ ଆନନ୍ଦ ବଜାରର ତଳମହଲାରେ ପ୍ରକାଣ୍ଡ ପ୍ରତୀକ୍ଷାଳୟ, ଶୌଚାଳୟ ଓ ହାତ-ପାଦଧୁଆ ସୁବିଧା ମିଳିଲେ, ଭକ୍ତଗଣ ଶ୍ରୀମନ୍ଦିରରେ ଗହଳି ନକରି ବିକଳ୍ପ ଆନନ୍ଦ ବଜାର ପ୍ରତୀକ୍ଷାଳୟରେ ଆରାମରେ ଅଭଡ଼ା ପାଇଁ ପ୍ରତୀକ୍ଷା କରିବେ। ସେହି ପ୍ରତୀକ୍ଷାଳୟର ବାହାର ପଟେ ଶ୍ରୀଜଗନ୍ନାଥ ସଂସ୍କୃତିସହ ଜଡ଼ିତ ନିର୍ମାଲ୍ୟ, ଖଜା, ପଥର ମୂର୍ତ୍ତୀ, ନାଲିବାଡ଼ି, ପଟ୍ଟଚିତ୍ର, ପୁସ୍ତକ, ଭଜନ ସିଡି ଓ ଉପହାର ସାମଗ୍ରୀ ଇତ୍ୟାଦି ବିକ୍ରି କରାଯିବାପାଇଁ ଦୋକାନ ନିର୍ମାଣ କରାଗଲେ, ବଡ଼ଦାଣ୍ଡରେ ବସୁଥିବା ଉଠା ଦୋକାନୀମାନେ ଥଇଥାନ ହୋଇ ପାରିବେ। ଉପର ମହଲାରେ ଥିବା ସ୍ୱଚ୍ଛ ଭୋଜନାଳୟରେ ରିହାତି ମୂଲ୍ୟରେ ମହାପ୍ରସାଦ ଭୋଜନ କରି ଭକ୍ତଗଣ ତୃପ୍ତ ହେବେ। ଏବେ ଯେଉଁଠାରେ ଆନନ୍ଦ ବଜାର ରହିଛି, ସେଠାରେ ସେବାୟତ ଓ ଦର୍ଶନାର୍ଥୀଙ୍କ ପାଇଁ ଆବଶ୍ୟକ ଅନୁଯାୟୀ ଅତ୍ୟାଧୁନିକ ସ୍ୱତନ୍ତ୍ର ଶୌଚାଳୟ ନିର୍ମାଣ ହେବା ଆବଶ୍ୟକ। ଶୌଚାଳୟ ସୁବିଧା ରହିଲେ, ଶ୍ରୀମନ୍ଦିରରେ ମହାସ୍ନାନ ଆବଶ୍ୟକ ପଡ଼ିବ ନାହିଁ। ମନ୍ଦିରକୁ ଶୋଧନ କରିବାକୁ ପଡୁଥିବାରୁ ଦୈନିକ ହାରାହାରି ଦୁଇଘଣ୍ଟା ଦର୍ଶନ ବନ୍ଦ ରହୁଛି। ସ୍ନାନବେଦୀ ନିକଟରେ ଶ୍ରୀଜଗନ୍ନାଥ ଧ୍ୟାନ କେନ୍ଦ୍ର ନିର୍ମାଣ କରାଗଲେ, ସେଠାରେ ଭକ୍ତମାନେ ଭକ୍ତିମୟ ପରିବେଶରେ ଧ୍ୟାନ ଓ ପ୍ରାର୍ଥନା କରିପାରିବେ, ନାଟମନ୍ଦିରରେ ଗହଳି କମିଯିବ। ପରୀକ୍ଷାମୂଳକ ଭାବେ ଆଗାମୀ ଛଅମାସ ପାଇଁ ହବିଷ୍ୟାଳୀ ଭବନଗୁଡ଼ିକୁ ବିକଳ୍ପ ଆନନ୍ଦ ବଜାରରେ ରୂପାନ୍ତରିତ କରି ଦେଖାଯାଉ, ଭିଡ଼ କମୁଛି କି ନାହିଁ। ଆଶା, ସରକାର, ଶ୍ରୀମନ୍ଦିର ପରିଚାଳନା ପରିଷଦ ଓ ମୁଖ୍ୟ ପ୍ରଶାସକ ଆମର ମତାମତଗୁଡ଼ିକୁ ବିଚାର କରି କାର୍ଯ୍ୟକାରୀ କରିବେ। ଫଳରେ ଆଗାମୀ ଦିନରେ ବିମାନ, ମେଟ୍ରୋ ଟ୍ରେନ୍ ? ଓ ଗାଡ଼ି ମଟରରେ ଆସୁଥିବା କ୍ରମବର୍ଦ୍ଧିଷ୍ଣୁ ଭକ୍ତଜନଙ୍କ ପାଇଁ ଚକାଡୋଳା ଦର୍ଶନ ସରଳ, ସୁଗମ ଓ ଭାବପୂର୍ଣ୍ଣ ରହିବ।

# ଉତ୍ତର ପାଇଗଲ

## ସୁଭାଷ ପଟ୍ଟନାୟକ

ଯୁବକ ଜଣେ ଗୁରୁଙ୍କୁ ପଚାରିଲା- ମହାଶୟ, ଗୁରୁ କାହିଁକି ଦରକାର ? ଗୁରୁ କେ ?ଣସି ଉତ୍ତର ନ ଦେଇ ନଇଁ ପଡ଼ି ଟେଳାଏ ମାଟି ଉଠାଇ ଯୁବକକୁ ଧରାଇ ଦେଲେ ଓ କହିଲେ- ବାବୁ, ଏଇ ମାଟି ଟେଳାଟି ନେଇ ଯାଅ। ପନ୍ଦର ଦିନ ପରେ ଯାକୁ ଧରି ପୁଣି ଆସିବ। ଗୁରୁ କେ ?ଣସି ଉତ୍ତର ନ ଦେଇ ନଇଁ ପଡ଼ି ଟେଳାଏ ମାଟି ଉଠାଇ ଯୁବକକୁ ଧରାଇ ଦେଲେ ଓ କହିଲେ- ବାବୁ, ଏଇ ମାଟି ଟେଳାଟି ନେଇ ଯାଅ। ପନ୍ଦର ଦିନ ପରେ ଯାକୁ ଧରି ପୁଣି ଆସିବ। ଯୁବକ ମାଟି ଟେଳାକୁ ଏପଟ ସେପଟ କରି ଦେଖିଲା ଏବଂ ତାକୁ ଧରି ଫେରିଲା। ଫେରିଲା ବେଳକୁ ଭାବିଲା ମାଟି ଟେଳାକୁ ଫୋପାଡ଼ିଦେବ। କିନ୍ତୁ କଅଣ ଭାବି ଟିକିଏ ରହିଗଲା ଏବଂ ମାଟି ଟେଳାର କି ଉପଯୋଗ କରି ହେବ ବୋଲି ଚିନ୍ତା କରିବାକୁ ଲାଗିଲା। ବାଟରେ ସେ ଗୋଟିଏ ଗଛ ମୂଳରେ ବିଶ୍ରାମ ନେଲା। ସେଠି ଜଣେ ମୂର୍ତ୍ତିକାର ଛୋଟ ଛୋଟ ମୂର୍ତ୍ତି ଗଢୁଥିଲେ ଏବଂ ବିକ୍ରି ଲାଗି ରଖୁଥିଲେ। ହଠାତ୍ ? ଯୁବକଟି ବାଟ ପାଇଗଲା। ସେ ମାଟି ଟେଳାକୁ ନେଇ ମୂର୍ତ୍ତିକାରଙ୍କୁ କହିଲା- ଆପଣ ମୋତେ ମୂର୍ତ୍ତିଟିଏ ଗଢ଼ି ଦିଅନ୍ତୁ ଏବଂ ମୂର୍ତ୍ତି ଗଢ଼ିବାର କଳା ଶିଖାଇ ଦିଅନ୍ତୁ। ମୂର୍ତ୍ତିକାରଙ୍କ ସହିତ ସପ୍ତାହେ କାଳ କାଟି ଯୁବକ ମୂର୍ତ୍ତି ଗଢ଼ା ଶିଖିଗଲା। ସେଇ ମାଟି ଟେଳାରୁ ସୁନ୍ଦର ମୂର୍ତ୍ତିଟିଏ ଗଢ଼ିଲା। ପନ୍ଦର ଦିନ ପରେ ସେ ଗୁରୁଙ୍କ ଆଶ୍ରମକୁ ଫେରିଲା। ଗୁରୁ ତାକୁ ପଚାରିଲେ- ମାଟି ଟେଳାଟି କାହିଁ ?ଯୁବକ ମୁଣିରୁ ଛୋଟ ଏବଂ ସୁନ୍ଦର ମୂର୍ତ୍ତିଟିଏ ବାହାର କରି କହିଲା- ୟେ ?ସହି ମାଟି ଟେଳା। ଜଣେ ସାଧୁ ଥିଲେ। ସ୍ୱଭାବତଃ ସେ ଥିଲେ ଜଣେ ଯାଯାବର। ସାରା ଜୀବନ ସେ ଏଣେତେଣେ ଘୂରି ବୁଲୁଥିଲେ। ଦିନକର ଘଟନା। ସେ ଯେଉଁ ରାଜ୍ୟ ଭିତର ଦେଇ ଯାଉଥିଲେ, ତା'ର ରାଜା ଥିଲେ ଭାରୀ ଧର୍ମପରାୟଣ। ସାଧୁ ସନ୍ଥମାନଙ୍କୁ ସେ ଆଦର କରୁଥିଲେ। ସାଧୁଙ୍କ ସହିତ ତାଙ୍କର ସାକ୍ଷାତ ହୋଇଗଲା। ସେ ତାଙ୍କୁ ନିଜ ନଅରକୁ ନେଇ ଗଲେ। ସେଠାରେ ତାଙ୍କୁ ଆତିଥ୍ୟ ପ୍ରଦାନ କରାଗଲା। ସାଧୁଙ୍କୁ ସବୁ ପ୍ରକାର ସୁବିଧା ଖଂଜି ଦିଆଗଲା। ସାଧୁ ଆରାମରେ ରହିଲେ। ଏମିତି କିଛି କାଳ ଗଲା ପରେ ମନ୍ତ୍ରୀଙ୍କ ମନରେ ସନ୍ଦେହ ଉତ୍ପନ୍ନ ହେଲା। ସେ ରାଜାଙ୍କ ମୁଣ୍ଡରେ ସନ୍ଦେହର ବୀଜ ବୁଣିଦେଲେ। ସେ କହିଲେ- ମହାରାଜ, ମୋତେ ଲାଗୁଛି ଯେ ?ୟ ଗୋଟିଏ ଠକ। ଆପଣଙ୍କ ଗୁଣ ଜାଣି ସାଧୁ ବେଶରେ ଆସି ପହଞ୍ଚିଛି। କାରଣ ଆଗରୁ ଆମେ ଯେତେ ସାଧୁଙ୍କୁ ଦେଖିଛେ, ସେମାନେ ସମସ୍ତେ ବେ ?ରାଗୀ। ସେମା ?ନଙ୍କୁ ଯେ ?ତ ସୁବିଧା ଓ ସାହଚର୍ଯ୍ୟ ଦେଲେ ବି ତାହା ଗ୍ରହଣ ନ କରି ସେମାନେ ସ୍ୱଇଚ୍ଛାରେ ବେ ?ରାଗ୍ୟମୟ ଜୀବନ କାଟନ୍ତି। କିନ୍ତୁ ୟେ ତ ମହା ଆରାମରେ ଅଛନ୍ତି।ରାଜାଙ୍କ ମନକୁ କଥାଟି ପାଇଲା। ସେ ସାଧୁଙ୍କୁ କହିଲେ- ଆପଣ ତ ଜଣେ ସାଧୁ। କିନ୍ତୁ ବେ ?ରାଗୀ ଭଳି ଲାଗୁ ନାହାନ୍ତି ? ସାଧୁ ହସିଲେ ଓ କହିଲେ- ଲାଗୁନି ? ହଉ ଦେଖ ଏବେ ଏଠି ଆରାମରେ ଶୋଇଥିଲି, ତୁମ ଆଗରେ ଆନନ୍ଦରେ ମୋ ମୁଣି ଧରି କେ ?ପୁନି ପିନ୍ଧି ବାହାରି ଯିବି। ଟିକିଏ ବି ଫରକ ପଡ଼ିବ ନାହିଁ। ତୁମ ଆତିଥ୍ୟ ବା ସାହଚର୍ଯ୍ୟ ମୋତେ ଟିକିଏ ବି ଛୁଇଁ ନାହିଁ, ଅଥଚ ଯେତିକି ମିଳିଛି ତାକୁ ସାଦରେ ସ୍ୱୀକାର କରିଛି। ଏଭଳି ସହଜ ଅସଂପୃକ୍ତି ହିଁ ବେ ?ରାଗ୍ୟ। ଯେଉଁମାନେ ବେ ?ରାଗୀ ବୋଲି ପ୍ରମାଣ କରିବାକୁ ଚେଷ୍ଟା କରନ୍ତି, ସେମାନଙ୍କ ପାଖରେ ବେ ?ରାଗ୍ୟ ପ୍ରଦର୍ଶନର ଆଡ଼ମ୍ବର ଥାଏ। ଗୁରୁ କହିଲେ- ଧନ୍ୟବାଦ। ତୁମ ପ୍ରଶ୍ନର ଉତ୍ତର ତୁମେ ପାଇ ସାରିଛ। ତୁମେ ଯଦି ମୋ ପାଖକୁ ସେହି ମାଟି ଟେଳାଟି ଧରି ଫେରି ଥାଆନ୍ତ ତେବେ କହିଥାଆନ୍ତି ଯେ ବାବୁ ଏଥିରୁ ମୂର୍ତ୍ତିଟିଏ ଗଢ଼ାଯାଇ ପାରିଥାଆନ୍ତା। ମାଟିରୁ ଯେ ମୂର୍ତ୍ତି ଗଢ଼ାଯାଇପାରେ ସେହି ବାଟ ଦେଖାଇବାକୁ ଗୁରୁ ଲୋଡ଼ା। କିନ୍ତୁ ତୁମେ ବୁଦ୍ଧିମାନ, ?ତଣୁ ତୁମେ ନିଜେ ନିଜ ପ୍ରଶ୍ନର ଉତ୍ତର ପାଇଗଲ !



# ଭସା ଜଙ୍ଗଲ ପାଲଟିଛି ୧୦୨ ବର୍ଷର ଜାହାଜ

ପୁରୁଣା ଓ ପରିତ୍ୟକ୍ତ ସାମଗ୍ରୀ ଦେଖିବା ମାତ୍ରେ ଯେଉଁମାନଙ୍କର ହୃଦ୍‌ସ୍ପନ୍ଦନ ବଢ଼ିଥାଏ, ସେମାନେ ଅନ୍ତତଃ ଜୀବନରେ ଥରେ ଅଷ୍ଟ୍ରେଲିଆର ସିଡନୀ ନିକଟ ହୋମ୍‌ବୁସ୍ ଉପସାଗର ବୁଲି ଆସିବା ଦରକାର। ସେଠା ଉପକୂଳରେ ବିଂଶ ଶତାବ୍ଦୀରେ କାର୍ଯ୍ୟକ୍ଷମ ଥିବା ଅନେକ ପାଣିଜାହାଜ ଏବେ ଅବ୍ୟବହୃତ ଓ ପରିତ୍ୟକ୍ତ ଅବସ୍ଥାରେ ଠୁଳ ହୋଇ ରହିଛି। ସେମାନଙ୍କ ଭିତରେ ରହିଥିବା 'ଏସ୍‌ଏସ୍ ଆୟାରଫିଲ୍‌ଡ' ନାମକ ୧୦୨ ବର୍ଷର ଜାହାଜଟି ପର୍ଯ୍ୟଟକମାନଙ୍କୁ ବିଶେଷ ଭାବେ ଆକର୍ଷିତ କରୁଛି। ଏହାର କଳଙ୍କିଲଗା ପୃଷ୍ଠଦେଶରେ ବିଭିନ୍ନ ବୃକ୍ଷରାଜିର ସମାହାର ପର୍ଯ୍ୟଟକଙ୍କ ମନରେ ଏକ ଭାସମାନ ଜଙ୍ଗଲର ଭ୍ରମ ଆଣିଥାଏ। ୧,୧୪୦ ଟନ୍ ଓଜନର ଏହି ପରିହାର୍ଯ୍ୟ ଜାହାଜଟି ମଧ୍ୟ ସ୍ଥାନୀୟ ଲୋକଙ୍କ ଭିତରେ 'ଭସା ଜଙ୍ଗଲ' ଭାବେ ପରିଚିତ। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଏହି ଜାହାଜଟି ପ୍ରଶାନ୍ତ ମହାସାଗରରେ ଡେରା ପକାଇଥିବା ଆମେରିକୀୟ ସୈନିକମାନଙ୍କ ପାଇଁ ବିଭିନ୍ନ ସାମଗ୍ରୀ ପରିବହନ କରିବାକୁ ନିଉକ୍ୟାସଲ ଓ ସିଡନୀ ମଧ୍ୟରେ ଯାତ୍ରା କରୁଥିଲା। ୧୯୭୨ ମସିହାରେ ଏହା ଅବସର ନେବା ସହ ତାହାକୁ ଭାଙ୍ଗି କବାଡ଼ି ସାମଗ୍ରୀରେ ପରିଣତ କରିବା ପାଇଁ ନିର୍ଦ୍ଦେଶ ମିଳିଥିଲା। ମାତ୍ର କୌଣସି କାରଣରୁ ତାହା କାର୍ଯ୍ୟକାରୀ ହୋଇପାରିନଥିଲା ଏବଂ ହୋମ୍‌ବୁସ୍ ଉପକୂଳ ମଧ୍ୟ ଆଉ ଜାହାଜର ଧ୍ୱଂସସ୍ଥାନ ହୋଇ ରହିଲା ନାହିଁ। ଫଳରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ବ୍ୟବହୃତ ଅନେକ ଜାହାଜ ସମୁଦ୍ର କୂଳରେ ପଡ଼ି ରହି ପ୍ରକୃତିରେ ବିଲୀନ ହେବାକୁ ଅପେକ୍ଷା କରିଛନ୍ତି। ତେବେ କାଳକ୍ରମେ 'ଏସ୍‌ଏସ୍ ଆୟାରଫିଲ୍‌ଡ'ରେ ଆପଣା ଛାଏଁ ବିକଶିତ ହୋଇଥିବା ବୃକ୍ଷରାଜି ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟ ବହନ କରିବା ସହ ପର୍ଯ୍ୟଟକମାନଙ୍କ ପାଇଁ ଏକ ନିଆରା ଭସା ଜଙ୍ଗଲ ପାଲଟିଛି।



ବର୍ତ୍ତମାନ ଟାଟୁକୁ ନେଇ ସବୁଆଡେ ଟ୍ରେଣ୍ଡ ଚାଲିଛି। ଯାହାକୁ ଦେଖିବ ପୁଅ ହେଉ କିମ୍ବା ଝିଅ ସମସ୍ତେ ଟାଟୁ କରୁଛନ୍ତି। ଶରୀରର ବିଭିନ୍ନ ଅଙ୍ଗରେ ଟାଟୁ କରିବା ପାଇଁ ଲୋକମାନେ ପାଗଳ ହେଉଛନ୍ତି। କିଛି ଲୋକ ସୀମା ଅତିକ୍ରମ କରି ନେଉଛନ୍ତି। ଶରୀରର ଅଧିକାଂଶ ଅଂଶରେ ଟାଟୁ କରୁଛନ୍ତି। ଯାହା ଅନେକ ଲୋକଙ୍କ ପାଇଁ ସାଧାରଣ କଥା। ହେଲେ ବର୍ତ୍ତମାନ ଏପରି ଜଣେ ବ୍ୟକ୍ତିଙ୍କ କଥା କହିବୁ ଯାହାର ରହିଛି ଅଜବ ଇଚ୍ଛା। ଟାଟୁ ସହ ତାଙ୍କ ମୁହଁରେ ଅଧିକରୁ ଅଧିକ ପିୟରିଂ କରାଇଛନ୍ତି। ତାହା ପୁଣି ଗୋଟିଏ କିମ୍ବା ଦୁଇଟି ନୁହେଁ ୫୧୬ଟି ଛିଦ୍ର କରିଛନ୍ତି। ଜର୍ମାନୀର ରୋଲଫ୍ ବୁଖୋଲଜ୍ ନାମକ ବ୍ୟକ୍ତି ଜଣଙ୍କର ଜୀବନ ଶୈଳୀ ସମ୍ପୂର୍ଣ୍ଣ ଅଲଗା। ସେ ଟାଟୁ ଏବଂ ପିୟରିଂ କରିବାରେ ଏତେ ଆଗ୍ରହୀ ଶରୀରର ଅଧିକାଂଶ ପରିବର୍ତ୍ତନ କରିକି ଗିନିଜ ୱାର୍ଲ୍ଡ ରେକର୍ଡ କରିଛନ୍ତି। ତାଙ୍କ ଶରୀରରେ ୫୧୬ରୁ ଅଧିକ ମୋଡିଫିକେଶ ହୋଇଛି। ତେବେ ଗିନିଜ ୱାର୍ଲ୍ଡ ରେକର୍ଡ ଅନୁଯାୟୀ ୬୨ ବର୍ଷୀୟ ରୋଲଫ ଯୌନାଙ୍ଗରେ ୨୭୮ ସହିତ ୬୧୬ ଟି ଛିଦ୍ର କରିଛନ୍ତି।





# ଶରୀରରେ ୫୧୬ ଛିଦ୍ର, ମୁଣ୍ଡରେ ଶିଙ୍ଗ

କେବଳ ଏତିକି ନୁହେଁ, ବ୍ୟକ୍ତିର ଶିଙ୍ଗ ପ୍ରତିରୋପଣ ଏହା ବ୍ୟତୀତ ଟାଟୁର ଆଖି, ଜିଭକୁ ଦୁଇ ଭାଗ କରିବା ସହ ଆଙ୍ଗୁଠିରେ ମଧ୍ୟ ପିୟରିଂ କରାଯାଇଛି। ଏକ ସାକ୍ଷାତକାରରେ ତାଙ୍କୁ ଏ ବିଷୟରେ ପଚରାଯାଇଥିଲା କି ଏହା ଆପଣଙ୍କୁ କଷ୍ଟ ହୁଏ ନା ନାହିଁ। ରୋଲଫ କହିଛନ୍ତି ଯେ ପିୟରିଂ କରିବାରେ କଷ୍ଟ ହୁଏ ନାହିଁ, ହେଲେ ଯେ ସବୁଠାରୁ କଷ୍ଟ ହେଉଛି ପାପୁଲିରେ ଟାଟୁ କରିବା। ହେଲେ ଏହାକୁ ମୁଁ ଏହାକୁ ଭଲ ପାଏ। ଟାଟୁ କରିବା ପାଇଁ ମଜା ଲାଗେ। ଏଥିପାଇଁ ମୁଁ ଅଧିକରୁ ଅଧିକ କରିବାକୁ ଲାଗିଲି। ଆଜି ମୁଁ ଗିନିଜ୍ ୱାର୍ଲ୍ଡ ରେକର୍ଡ ମଧ୍ୟ କରି ପାରିଛି। ଗିନିଜ ୱାର୍ଲ୍ଡ ରେକର୍ଡ ଅନୁଯାୟୀ, ରୋଲଫ ଜର୍ମାନୀର ଏକ ଟେଲିକମ କମ୍ପାନୀ ପାଇଁ ସୂଚନା ପ୍ରଯୁକ୍ତିବିଦ୍ୟାରେ କାମ କରନ୍ତି। ଯେତେବେଳେ ସେ ପ୍ରଥମ ଟାଟୁ ଏବଂ ପିୟରିଂ କରିଥିଲେ ସେତେବେଳେ ରୋଲଫ୍ ୪୦ ବର୍ଷ ବୟସ ହୋଇଥିଲା। ଏହା ପରେ ତାଙ୍କର ଏହି ପରିବର୍ତ୍ତନ ଆରମ୍ଭ ହୋଇଥିଲା।

# ନବଜାତକଙ୍କ ଶୋଇବା ପାଇଁ ଟ୍ରେନରେ ନୂଆ ବ୍ୟବସ୍ଥା

ଭାରତରେ ପ୍ରତିଦିନ କୋଟି କୋଟି ଯାତ୍ରୀ ଟ୍ରେନରେ ଯାତ୍ରା କରନ୍ତି। ଏହି କୋଟି କୋଟି ନାଗରିକଙ୍କ ମଧ୍ୟରେ ବହୁ ସଂଖ୍ୟକ ମା ଓ ନବଜାତ ଶିଶୁ ମଧ୍ୟ ଟ୍ରେନରେ ଯାତ୍ରା କରନ୍ତି। ଛୋଟ ପିଲାମାନଙ୍କୁ ଟ୍ରେନରେ ବୋହିକି ନେବାରେ ମା'ମାନେ ବହୁତ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ବିଶେଷକରି ସେମାନଙ୍କୁ ରାତିରେ ଶୋଇବାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ। କାରଣ ଗୋଟିଏ ବର୍ଥରେ ଉଭୟ ମା ଓ ଶିଶୁ ଶୋଇବା କଷ୍ଟକର ହୋଇଥାଏ। ଏଭଳି କିଛି ଅସୁବିଧାକୁ ଅନୁଭବ କରି ବର୍ତ୍ତମାନ ରେଳବାଇ ଏକ ନିଆରା ପ୍ରୟାସ କରିଛି, ଯେଉଁଥିରେ ମା' ଏବଂ ପିଲାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବର୍ଥ ପ୍ରସ୍ତୁତ କରାଯାଇଛି। ଏହି ବ୍ୟବସ୍ଥା ବର୍ତ୍ତମାନ ପାଇଁ ପରୀକ୍ଷାମୂଳକ ଭାବରେ ବ୍ୟବହାର କରାଯାଇଥିବା ବେଳେ ଯଦି ଏହା ସଫଳ ହୁଏ ତେବେ ଆଗାମୀ ଦିନରେ ଏହି ବ୍ୟବସ୍ଥା ସବୁ ଟ୍ରେନରେ ରହିବ। ମିଳିଥିବା ସୂଚନା ମୁତାବକ ଭାରତୀୟ ରେଳବାଇ ଲକ୍ଷ୍ନୌରୁ ଦିଲ୍ଲୀ ଯାଉଥିବା ଲକ୍ଷ୍ନୌ ମେଲ(୧୨୨୩୦)ର କୋଚ୍ ନମ୍ବର ୧୯୪୧୨୯ରେ ବର୍ଥ ନମ୍ବର ୪,୧୨ ଏବଂ ୬୦ରେ ସ୍ୱତନ୍ତ୍ର ବ୍ୟବସ୍ଥା କରିଛି। ଅର୍ଥାତ ଏହି ବର୍ଥରେ ମା-ଶିଶୁଙ୍କ ପାଇଁ ଅତିରିକ୍ତ ସିଟ ବ୍ୟବସ୍ଥା କରାଯାଇଛି। ଏହା ଦ୍ୱାରା ମା'ମାନଙ୍କୁ ଶିଶୁମାନଙ୍କ ସହିତ ଆରାମରେ ଶୋଇବାର ସୁବିଧା ଯୋଗାଇ ଦେବ। ଟ୍ରେନରେ ଯାଉଥିବା ମା'ମାନଙ୍କଠାରୁ ପ୍ରାପ୍ତ ମତାମତ ଆଧାରରେ ଭବିଷ୍ୟତରେ ଏହିପରି ବର୍ଥ ବ୍ୟବହାର କରାଯିବ। ଏଭଳି ବର୍ଥର ନାମ 'ଫିଟ୍ ବେବି ସିଟ୍' ରଖାଯାଇଛି । 'ଫିଟ୍ ବେବି ସିଟ୍'ରେ ଫୋଲ୍ଡବେଲ୍ ସିଷ୍ଟମ ରହିଛି ଅର୍ଥାତ ଯେତେବେଳେ ସିଟ୍ ବ୍ୟବହାର ହୋଇନଥାଏ ଏହାକୁ ଫୋଲଡ଼ କରିହେବ। ସେହିପରି ଏହି ବର୍ଥରେ ଯେଭଳି ଶିଶୁଟି ପଡିଯିବନାହିଁ ସେଥିପାଇଁ ବାଡ଼ ମଧ୍ୟ ଦିଆଯାଇଛି।

# ୧୧ ବର୍ଷ ପରେ ପୁଣି ପରଦାକୁ ଫେରିବେ ଶର୍ମିଳା

ପୁଣି ପରଦାକୁ ଫେରିବେ ୭୦ରୁ ୮୦ ଦଶକ ଭିତରେ ବଲିଉଡରେ ରାଜ କରିସାରିଥିବା ଅଭିନେତ୍ରୀ ଶର୍ମିଳା ଟାଗୋର। ଦୀର୍ଘ ୧୧ ବର୍ଷ ପରେ ବଲିଉଡକୁ କରିବେ କମ୍‌ବ୍ୟାକ୍ ପଦ୍ମଭୂଷଣ ଓ ଜାତୀୟ ଫିଲ୍ମ ପୁରସ୍କାର ବିଜେତା ଶର୍ମିଳା। ଅପ୍‌କମିଂ ଫିଲ୍ମ 'ଗୁଲମୋହର'ରୁ ସେ ହିନ୍ଦୀ ଫିଲ୍ମ ଜଗତରେ ପୁଣି ଥରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ନିଜର ସୁନ୍ଦରତା ଓ ଅଭିନୟର ଯାଦୁ ବଳରେ ଶର୍ମିଳା ଦୀର୍ଘ ଦିନ ଧରି ବଲିଉଡରେ ରାଜ କରିସାରିଛନ୍ତି। ତାଙ୍କୁ ଅନେକ ଆୱାର୍ଡ ମଧ୍ୟ ମିଳିସାରିଛି। ଏବେ ଏହି ଫିଲ୍ମ ଜରିଆରେ ପୁଣି ଥରେ ସେ ନିଜ ଅଭିନୟର ଯାଦୁ ଦେଖାଇବା ପାଇଁ ଆସୁଛନ୍ତି। ଏହି ଫିଲ୍ମରେ ତାଙ୍କୁ ଜଣେ ରାଜ ମାତା ଚରିତ୍ରରେ ଦେଖିବାକୁ ମିଳିବ। ତାଙ୍କ ବ୍ୟତୀତ ଏହି ଫିଲ୍ମର ଲିଡ୍ ରୋଲରେ ମନୋଜ ବାଜପେୟୀ, ଅମୋଲ ପାଲେକର, ସୁରଜ ଶର୍ମା ଓ ସିମରନ୍ ଋଷୀ ବଗ୍ଗା ଅଛନ୍ତି। 'ଗୁଲମୋହର' ଏକ ପାରିବାରିକ ଫିଲ୍ମ। ଯାହାର କାହାଣୀ ମଲ୍ଟି ଜେନେରେସନ, ବାତ୍ରା ପରିବାରର ଚାରିପଟେ ବୁଲେ। ଯେଉଁମାନେ ସେମାନଙ୍କର ୩୪ ବର୍ଷ ପୁରୁଣା ପୈତୃକ ଘରକୁ ଛାଡି ଅନ୍ୟତ୍ର ଯିବାକୁ ପ୍ରସ୍ତୁତ। ଏହି ପରିସ୍ଥିତି ହିଁ ସେମାନଙ୍କ ସମ୍ପର୍କର ଶକ୍ତିକୁ ମଜଭୁତ କରିବାର ସୁଯୋଗ ଦେଇଥାଏ। ଏଭଳି ହିଁ କିଛି କାହାଣୀ ଉପରେ ଏହି ଫିଲ୍ମ ଆଧାରିତ। ଫିଲ୍ମଟି ଆସନ୍ତା ଅଗଷ୍ଟ ମାସରେ ରିଲିଜ ହେବ। ସେପଟେ ଏହି ଫିଲ୍ମକୁ ନେଇ ବଲିଉଡର ବର୍ଷିଆନ୍ ଅଭିନେତ୍ରୀ ଶର୍ମିଳା ଟାଗୋର ବେଶ୍ ଉତ୍ସାହିତ ଅଛନ୍ତି। ସେ କହିଛନ୍ତି, 'ମୁଁ ଏହି ପ୍ରୋଜେକ୍ଟ ସହିତ ଯୋଡି ହୋଇ ବହୁତ ଖୁସି ଅନୁଭବ କରୁଛି। ଯେତେବେଳେ ମୁଁ ଫିଲ୍ମର କାହାଣି ଶୁଣିଲି, ମୁଁ ସଙ୍ଗେ ସଙ୍ଗେ ରାଜି ହେଲି କାରଣ କାହାଣୀର ପାରିବାରିକ ସ୍ପର୍ଶ ମୋତେ ଛୁଇଁଗଲା। ଏହା ଏକ ବେଶ୍ ସୁନ୍ଦର ଫିଲ୍ମ ଯାହା ଆଜିକାଲିର ଲୋକଙ୍କୁ ବେଶ୍ ପସନ୍ଦ ଆସିବ।'

# 'ପତ୍ନୀବୁହା ଦୌଡ଼ ପ୍ରତିଯୋଗିତା'

ଦାମ୍ପତ୍ୟ ଜୀବନକୁ ଅଧିକ ରୋମାଞ୍ଚକର କରିବା ଲାଗି ଫିନ୍‌ଲାଣ୍ଡରେ ପ୍ରଚଳିତ ଏକ ନିଆରା ପ୍ରତିଯୋଗିତା ବିଶ୍ୱବ୍ୟାପୀ ଉତ୍ସାହୀ ଦମ୍ପତିଙ୍କ ମନରେ ଭିନ୍ନ ପୁଲକ ଭରିଚାଲିଛି। ରାଜଧାନୀ ହେଲସିଙ୍କିଠାରୁ ୩୦୦ ମାଇଲ୍ ଦୂର ସୋଙ୍କାଜାର୍ବି ମ୍ୟୁନିସିପାଲିଟିରେ ଆୟୋଜିତ ହୋଇ ଆସୁଥିବା ଏହି ବାର୍ଷିକ ଉତ୍ସବରେ ଜଣେ ପୁରୁଷ ନିଜ ପତ୍ନୀଙ୍କୁ କାନ୍ଧରେ ବସାଇ ନିର୍ଦ୍ଦିଷ୍ଟ ଦୂରତା ଅତିକ୍ରମ କରିଥା'ନ୍ତି। ଫିନ୍‌ଲାଣ୍ଡରେ ଊନବିଂଶ ଶତାବ୍ଦୀର ଏକ ଗଳ୍ପ ଅନୁସାରେ କିମ୍ବଦନ୍ତୀ ଲୁଟେରା 'ରୋଙ୍କାଇନେନ୍' ନିଜ ସହଯୋଗୀମାନଙ୍କ ସହ ବିଭିନ୍ନ ଗ୍ରାମରେ ପଶି ଅନ୍ୟର ପତ୍ନୀମାନଙ୍କୁ ଅପହରଣ କରି ନେଉଥିଲା। ଉକ୍ତ କାହାଣୀ ଦ୍ୱାରା ଅନୁପ୍ରାଣିତ ହୋଇ 'ପତ୍ନୀବୋହା ଦୌଡ଼ ପ୍ରତିଯୋଗିତା' ଅନୁଷ୍ଠିତ ହୋଇ ଆସୁଛି। ଏଥିରେ ଭାଗ ନେବା ପାଇଁ ସଂପୃକ୍ତ ମହିଳା (ପ୍ରତିଯୋଗୀଙ୍କ ସାଥୀ)ଙ୍କର ବୟସ ସର୍ବନିମ୍ନ ୧୭ ବର୍ଷ ଏବଂ ଓଜନ ୪୯ କି.ଗ୍ରା. ହେବା ଜରୁରୀ। ଯଦିଓ ପ୍ରତିଯୋଗିତାରେ କେବଳ ଦମ୍ପତିମାନେ ଭାଗ ନେବା ଯଥାର୍ଥ, ତେବେ କୌଣସି ପୁରୁଷଙ୍କର ଉପଯୁକ୍ତ ପତ୍ନୀ ନଥିଲେ ଯୋଗ୍ୟା ପଡ଼ୋଶିନୀଙ୍କୁ ସାଙ୍ଗରେ ଆଣିବା ପାଇଁ ଆୟୋଜକମାନେ ଅନୁମତି ଦେଇଛନ୍ତି। ତେବେ ପ୍ରତିଯୋଗିତାର ପଥଟି ସରଳ ଓ ସୁଗମ ନହୋଇ ସେଥିରେ ନାନା ପ୍ରତିବନ୍ଧକ ରହିଥାଏ। କେଉଁଠି ପ୍ରତିଯୋଗୀଙ୍କୁ କାଠଗଣ୍ଡି ଉପରେ ଚାଲିବାକୁ ପଡ଼ିଥାଏ ତ କେଉଁଠି ଅଣ୍ଟାଏ ପାଣି ଭିତରେ ପଶି ଯିବାକୁ ହୋଇଥାଏ। ସେହିପରି ଏହି ପ୍ରତିଯୋଗିତାର ବିଜେତାଙ୍କୁ ମଧ୍ୟ ପତ୍ନୀଙ୍କ ଓଜନର ସୁରା ପରି ଏକ ନିଆରା ପୁରସ୍କାର ମିଳିଥାଏ। ପତ୍ନୀ ଯେତେ ଓଜନିଆ ହେବେ, ସ୍ୱାମୀଙ୍କୁ ସେତେ ଅଧିକ ସୁରା ମିଳିବ। ଏହି ପ୍ରତିଯୋଗିତା ଏବେ ଫିନ୍‌ଲାଣ୍ଡ୍ ବାହାରେ ଅଷ୍ଟ୍ରେଲିଆ, ପୋଲାଣ୍ଡ୍, ଇଂଲଣ୍ଡ୍ ଏବଂ ଆମେରିକା ଆଦି ଦେଶରେ ଆଦୃତ ହେବାରେ ଲାଗିଛି।





# 'ଲାଲ ସିଂହ ଚଢା'

ବଲିଉଡ଼ର ମିଷ୍ଟର ପରଫେକ୍ଟ ଭାବେ ପରିଚିତ ଅମୀର ଖାନ। ପ୍ରତିଟି ଫିଲ୍ମ ତାଙ୍କର ବକ୍ସ ଅଫିସରେ ସୁପର ହିଟ୍ ହୋଇଥାଏ। ଫ୍ୟାନ୍ସମାନେ ବହୁ ପ୍ରତିକ୍ଷାର ସହ ତାଙ୍କ ଫିଲ୍ମକୁ ଅପେକ୍ଷା କରିଥାନ୍ତି। ପ୍ରାୟ କିଛି ବର୍ଷ ହେବ ଅମିରଙ୍କ ଫ୍ୟାନ୍ସମାନେ ନିରୁତ୍ସାହିତ ଅଛନ୍ତି। କାହିଁକି ନା ବହୁ ଦିନରୁ ଅମୀରଙ୍କ କିଛି ଫିଲ୍ମ ପରଦାକୁ ଆସିନି। ମାତ୍ର ଏବେ ଅମୀରଙ୍କ ଫ୍ୟାନ୍ସମାନଙ୍କ ଲାଗି ଖୁସି ଖବର। ତାଙ୍କର ବହୁ ପ୍ରତିକ୍ଷୀତ ଫିଲ୍ମ 'ଲାଲ ସିଂହ ଚଢା' ରିଲିଜ୍ ହେବାକୁ ଯାଉଛି। ଏହା ପୂର୍ବରୁ 'ଲାଲ ସିଂହ ଚଢାର କାହାଣୀ' ନାମରେ ସେ ନିଜର ଏକ ପୋଡ଼କାଷ୍ଟ ଆରମ୍ଭ କରିଛନ୍ତି। ସେ ଏହା ମାଧ୍ୟମରେ ନିଜର ଅପକମିଂ 'ଫିଲ୍ମ ଲାଲ ସିଂହ ଚଢା'ର ନିର୍ମାଣ ବିଷୟରେ କହୁଛନ୍ତି। ସେହିଭଳି କିଛି ଦିନ ପୂର୍ବରୁ ରିଲିଜ ହୋଇଥିବା ଗୀତ 'କହାନୀ'ସହ ଯୋଡ଼ି ହୋଇଥିବା କେତେକ ଆଶ୍ଚର୍ଯ୍ୟର କଥା କହିଛନ୍ତି। ଅମୀର ଖାନ ଅଦ୍ୱୈତ ଚନ୍ଦନଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହୋଇଥିବା ଫିଲ୍ମ 'ଲାଲ ସିଂହ ଚଢା'କୁ ପ୍ରତି ସ୍ତରରେ ପ୍ରଚାର ପ୍ରସାର କରୁଛନ୍ତି। ଅମୀର ପ୍ରଥମେ ଫିଲ୍ମରେ ଥିବା ଗୀତ କହାନୀ ସହ ଯୋଡ଼ି ହୋଇଥିବା କେତେକ ଘଟଣା ବିଷୟରେ କହିଛନ୍ତି। ଫିଲ୍ମକୁ ନେଇ ଅମୀର କହିଛନ୍ତି କି ଏହାକୁ ନିର୍ମାଣ କରିବାକୁ ବହୁ ବର୍ଷ ଲାଗିଛି। ଚଳିତ ଜୁନ-ଜୁଲାଇକୁ ଏହାକୁ ୧୪ବର୍ଷ ପୂରିବ। ପ୍ରଥମେ କିଛି ବର୍ଷ ଆମେ ଫିଲ୍ମର ରାଇଟ୍ସ ପାଇବା ଲାଗି ଦୌଡ଼ିଥିଲୁ। ଅମୀରଙ୍କ ଏହି ଫିଲ୍ମ କିରଣ ରାଓ ଏବଂ ୱାୟଫର୍ମ୧୮ ଷ୍ଟୁଡ଼ିଓ ମିଶି ପ୍ରଯୋଜନା କରିଛନ୍ତି। ୨୦୨୨ ଅଗଷ୍ଟ ୧୧ରେ ଏହା ରିଲିଜ ହେବାକୁ ପ୍ରସ୍ତୁତ ହେଉଛି। ତାଙ୍କର ଫ୍ୟାନ୍ସମାନେ ଏହାକୁ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।

# ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା କାର୍ଯ୍ୟ ନିମ୍ନମାନର ନେଇ ଅଭିଯୋଗ

ନିଶ୍ଚିନ୍ତକୋଇଲି, ୨୧/୧୨ (ନି.ପ୍ର): ପଞ୍ଚଦଶ ଅର୍ଥ କମିଶନ ୨୦୨୧-୨୨ ଆର୍ଥିକ ବର୍ଷରେ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ବିଭାଗୀୟ ନାମେ କାର୍ଯ୍ୟାଦେଶ ଥାଇ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଭଗବାନପୁର ଠାରୁ ରବିନାରାୟଣ ପୀଠ ପର୍ଯ୍ୟନ୍ତ କରାଯାଉଥିବା ଢଳେଇ ରାସ୍ତା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଉଥିବା ନେଇ ସ୍ଥାନୀୟ ଗ୍ରାମବାସୀ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି । କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ତିଳକଣା ଗ୍ରାମ ପଂଚାୟତ ଅଧିନସ୍ଥ ଭଗବାନପୁର ଠାରୁ ରବିନାରାୟଣ ପୀଠ ପର୍ଯ୍ୟନ୍ତ ଢଳେଇ ରାସ୍ତା ନିର୍ମାଣ ପାଇଁ ୩ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ମଞ୍ଜୁର ହୋଇଥିବା ବେଳେ ଉକ୍ତ କାର୍ଯ୍ୟ ନିମନ୍ତେ ସ୍ଥାନୀୟ ଅଂଚଳର କେତେଜଣ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ବିଭାଗୀୟ ଅଧିକାରୀଙ୍କୁ ତୋଷାମଦିଆ କରି ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ କରୁଛନ୍ତି । ଢଳେଇ ରାସ୍ତା ନିର୍ମାଣ କାର୍ଯ୍ୟ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ନିମ୍ନମାନର ନିର୍ମାଣସାମଗ୍ରୀ ବ୍ୟବହାର କରାଯାଇ କାର୍ଯ୍ୟ କରାଯାଉଥିବାରୁ ଏହି ରାସ୍ତା ର ସ୍ଥାୟିତ୍ୱ ନେଇ ସନ୍ଦେହ ଉପୁଜିଛି । ଖୁବ୍ କମ ଦିନରେ ଏହି ଢଳେଇ ରାସ୍ତା ଖରାପ ହୋଇଯିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ବ୍ୟୟ ଅଟକଳ ମୂଲ୍ୟ ଅନୁସାରେ କାର୍ଯ୍ୟ କରାନଯାଇ ବିଭାଗୀୟ ଯନ୍ତ୍ରୀ ଓ ସ୍ଥାନୀୟ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିଙ୍କ ଭିତରେ ବୁଝାମଣା ହୋଇ କାର୍ଯ୍ୟ ହେଉଥିବା ନେଇ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଯନ୍ତ୍ରୀ ଓ କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିଙ୍କ ଭଉିରି ହିସାବ କିତାବରେ ମୋଟା ଅଙ୍କର ଅର୍ଥ କାରବାର ହୋଇଥିବା ନେଇ ଅଭିଯୋଗ ହେଉଛି । ଏହାର ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଗ୍ରାମବାସୀ ନରେନ୍ଦ୍ର ବାରିକ,ଧ୍ରୁବଚରଣ ବାରିକ, ଶତ୍ରୁଘ୍ନ ବାରିକ ପ୍ରମୁଖଙ୍କ ସମେତ ଭଗବାନପୁର ଗ୍ରାମର ବହୁ ଗ୍ରାମବାସୀ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ନିବେଦନ କରିଛନ୍ତି ।

## ଓଡିଶା ଆଦର୍ଶ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ

ବାଲିଗୁଡା ୨୧/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଦଣ୍ଡପଦର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଦୁଇଦିନ ଧରି ବାର୍ଷିକ କ୍ରୀଡା ଉତ୍ସବ ଆୟୋଜିତ ହେବାପରେ ଉଦଯାପିତ ହୋଇଯାଇଛି । ପ୍ରଥମ ଦିନ ଉଦଘାଟନ ଉତ୍ସବରେ ବିଦ୍ୟାଳୟର ଅଧକ୍ଷା ସୁଶ୍ରୀ ଇତିଶ୍ରୀ ସାହୁ ଦୀପ ଧୂପ ପ୍ରଜ୍ଜଳନ କରି କ୍ରୀଡା ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଦ୍ୱିତୀୟ ତଥା ଉଦଯାପନୀ ଉତ୍ସବରେ ସ୍ଥାନୀୟ ବିଏସଏଫର ୧୩୬ ବାଟାଲିଆନ କ୍ୟାମ୍ପ ସେକେଣ୍ଡ ଅଫିସର ପରାଗ ଦେଓ ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ କ୍ରୀଡା ସମ୍ପର୍କୀୟ ବିଭିନ୍ନ ବିଷୟରେ ବୁଝାଇବା ସହ ଉତ୍ସାହିତ କରିଥିଲେ । ୩୨ ଗୋଟି ଦୌଡକୁଦ ପ୍ରତିଯୋଗିତାରେ ପ୍ରାୟ ୩୦୦ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ ଏଥିରେ କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ଦୁଇ ଦିନିଆ କ୍ରୀଡା ପ୍ରତିଯୋଗିତାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

## ମହିମା କ୍ରିକେଟ ପ୍ରତିଯୋଗୀତା କବିତ୍ରା ଦଳ ଚମ୍ପିୟାନ

ପାଟଣା ୨୧/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କେନ୍ଦେଇପଶି ପଞ୍ଚାୟତ ସିଲିଦା ଗ୍ରାମରେ ଡିସେମ୍ବର ୧୬ ତାରିଖରୁ ଚାଲିଥିବା ମହିମା କ୍ରିକେଟ ପ୍ରତିଯୋଗିତା ଆଜି ଉଦଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତା ରେ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ କବିତ୍ରା ଏବଂ ବେଗେନା ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଉଦଯାପନୀ ଦିବସରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଫାଇନାଲ ମ୍ୟାଚର ଶୁଭାରମ୍ଭ କରି ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବେଗେନା ଦଳକୁ ପରାସ୍ତ କରି କବିତ୍ରା ଦଳ ଚମ୍ପିୟାନ ହୋଇଛି । ଏହି ଅବସରରେ ବିଧାୟକ ଶ୍ରୀ ନାଏକ ଚମ୍ପିୟାନ ଦଳକୁ ୧୮ ହଜାର ଟଙ୍କା ଓ ବଡ଼ ଟ୍ରଫି ଓ ରନର୍ସ ଅପ ଦଳକୁ ୧୪ହଜାର ଟଙ୍କା ସହିତ ସାନ ଟ୍ରଫି ପୁରସ୍କାର ରୂପେ ପ୍ରଦାନ କରିଥିଲେ । ଉଦଯାପନୀ ଉତ୍ସବରେ ବିଜେପି ଯୁବ ନେତା ଦିପୁ ଖାଟୁଆ ,ସମାଜ ସେବୀ ଯୋଗେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## କ୍ଷତ୍ରିୟବରପୁର ସରକାରୀ ନୋଡ଼ାଲ୍ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବେଲଗୁଣ୍ଠା ୨୧/୧୨ (ନି.ପ୍ର): ବେଲଗୁଣ୍ଠା ବ୍ଲକ୍ କ୍ଷତ୍ରିୟବରପୁର ସରକାରୀ ନୋଡ଼ାଲ୍ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲୋପାମୁଦ୍ରା ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ସୋରଡା ବିଧାୟକ ନୀଳମଣି ବିଷୋୟୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ କମଳ କୁମାରୀ ପ୍ରଧାନ, ମହନ୍ତ ମହାରାଜ୍ ରାମକୃଷ୍ଣ ଦାସ, ସ୍ଥାନୀୟ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକ,ଡିଗ୍ରୀ କଲେଜ୍ ଅଧକ୍ଷ ସୁବାଷ ଚନ୍ଦ୍ର ସାମଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ମାନସ ରଞ୍ଜନ ଡାକୁଆ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ଶତପଥି, ସିଆରସିସି ଛାୟାକାନ୍ତ ମହାପାତ୍ର ଏବଂ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ରଞ୍ଜିତ କୁମାର ତ୍ରିପାଠି ମଞ୍ଚାସୀନ ଥିଲେ ।

## ଗୋପପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମାତୃ କର୍ମଶାଳା

ନିଶ୍ଚିନ୍ତକୋଇଲି,୨୧/୧୨ (ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ବଡଖିର ଗ୍ରାମାପଂଚାୟତ ଗୋପପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ଏକ ମାତୃକର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କର୍ମଶାଳାରେ ବିଦ୍ୟାଳୟ ପରିଚାଳନାକମିଟି ସଭାପତି ଜ୍ଞାନରଞ୍ଜନ ଦାସ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥିରୂପେ ବିଶିଷ୍ଟ ଔପନାସିକା ଶ୍ରୀମତୀ ବିଦ୍ୟୁଲତା ପ୍ରଧାନ , ମୁଖ୍ୟବକ୍ତା ଭାବେ ସାମ୍ବାଦିକ ବଲ୍ଲଭ ଚରଣ ପଲେଇ, ସମ୍ମାନିତ ଅତିଥିରୂପେ ସାହିତ୍ୟିକ ଫକୀର ଚରଣ ନାୟକ ,ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଞ୍ଜନ କୁମାର ସ୍ୱାଇଁ, ସମ୍ପାଦକ ସୁରେନ୍ଦ୍ରନାଥ ସାଥୁଆ ପ୍ରମୁଖ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଆଚାର୍ଯ୍ୟା ତଥା ଶିଶୁ ବାଟିକା ପ୍ରମୁଖ ସେଫାଳି ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଆଚାର୍ଯ୍ୟା କାଦମ୍ବିନୀ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଉପସ୍ଥିତ ମାଆ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି କୃତୀ ଛାତ୍ର ଛାତ୍ରୀ ଓ ମାଆ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ନିୟମିତ ହେଲେ ୭୭ଜଣ କନିଷ୍ଠଶିକ୍ଷକ

କୋଟପାଡ଼ ୨୧/୧୨ (ନି.ପ୍ର): କୋଟପାଡ଼ ବ୍ଲକରେ କାର୍ଯ୍ୟରତ ମୋଟ ୭୭ଜଣ କନିଷ୍ଠଶିକ୍ଷକ ନିୟମିତ ଶିକ୍ଷକର ମାନ୍ୟତା ପାଇଥିବା ଖବର ହସ୍ତଗତ ହୋଇଛି ।ଏହି ଆଦେଶ କୋଟପାଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ସ୍ୱପ୍ନେଶ୍ୱର ନାୟକ ପ୍ରଦାନ କରିଥିବାବେଳେ ଏହି ଅବସରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଖଗେଶ୍ୱର ଗୋଲରୀ, ସିଆରସିସି ଦୁର୍ଗାପ୍ରସାଦ ନାୟକ, ଅକ୍ଷୟ କୁମାର ବଳ,ପିଷ୍ଟା କୋଟପାଡ଼ ବ୍ଲକ ସଭାପତି ସନ୍ତୋଷ କୁମାର ଦୁର୍ବେ,ଅଜେଟିଏ ସଂଘ ସଭାପତି ମାନସ ମଣ୍ଡଳ,ଏୟୁପିଟିଏଫ ସଂଘ ସଭାପତି ଧୀରଜ ଭତରାଙ୍କ ସହ ସଂଘୀୟ କର୍ମକର୍ତ୍ତାବୃନ୍ଦ ଉପସ୍ଥିତ ଥିଲେ ।

## କଣାସରେ ଯୋଗଦେଲେ ନୂତନ ଥାନା ଅଧିକାରୀ

କଣାସ ୨୧/୧୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ଥାନାରେ ନୂତନ ଥାନା ଅଧିକାରୀ ଭାବେ ଯୋଗ ଦେଇଛନ୍ତି ଦୀପକ କୁମାର ଜୁଝାରସିଂହ ।ଏଠାରେ ପୂର୍ବରୁ ଥିବା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀଙ୍କ ଯାଜପୁର ଜିଲ୍ଲାକୁ ବଦଳି ହୋଇଥିବା ଜଣାପଡିଛି । ଶ୍ରୀ ଜୁଝାରସିଂହ ପୂର୍ବରୁ ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଦକ୍ଷତାର ସହ କାର୍ଯ୍ୟ କରୁଥିଲେ । ବୁଧବାର ଦିନ ପୂର୍ବତନ ଆଇଆଇସି ନୂତନ ଆଇଆଇସିଙ୍କୁ କାର୍ଯ୍ୟଭାର ହସ୍ତାନ୍ତର କରିଛନ୍ତି । କଣାସ ଅଞ୍ଚଳରେ ଅପରାଧ ନିୟନ୍ତ୍ରଣ ,ନିଶାକାରବାର ରୋକିବା ସହ କିଭଳି ଆଇନ୍ ଶୃଙ୍ଖଳା ପରିସ୍ଥିତି ବଜାୟ ରହିବ ତାଉପରେ ଗୁରୁତ୍ୱ ଦେବେ ବୋଲି ନୂତନ ଥାନା ଅଧିକାରୀ ଶ୍ରୀ ଜୁଝାରସିଂହ ପ୍ରକାଶ କରିଛନ୍ତି ।

## ଅସହାୟଙ୍କୁ କମ୍ବଳ ବଣ୍ଟନ

ମାହାଙ୍ଗା,୨୧/୧୨ (ନି.ପ୍ର): ମାହାଙ୍ଗା ବ୍ଲକ ଅନ୍ତର୍ଗତ ଓସ୍ତପୁର ଠାରେ ଥିବା ମହେଶ୍ୱର ପ୍ରତିଭା ପରିଷଦ ଆନୁକୂଲ୍ୟରେ ଓଁ ଶ୍ରୀରାମ ଟ୍ରଷ୍ଟ ସତ୍ୟଭାମାପୁର ପକ୍ଷରୁ ଓସ୍ତପୁର ଅ□ଳର ଗରିବ, ଅସହାୟ ମହିଳା ଓ ପୁରୁଷଙ୍କୁ ଶୀତବସ୍ତ୍ର (କମ୍ବଳ) ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଶ୍ରୀରାମ ଟ୍ରଷ୍ଟ ସଭାପତି ରାମଚନ୍ଦ୍ର ପାଣି, ମୁଖ୍ୟ ଉପଦେଷ୍ଟା ଅବତାନ ଷଡଙ୍ଗୀ, ସମାଜସେବୀ ଡ଼ମ୍ବରୁଧର ମହାରଣା, ସରୋଜ ସାହୁ,ମହେଶ୍ୱର ପ୍ରତିଭା ପରିଷଦର ସଭାପତି ରବୀନ୍ଦ୍ରନାଥ ପଣ୍ଡା, ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁ,ଶରତଚନ୍ଦ୍ର ନାୟକ, ତ୍ରିଲୋଚନ ପାଲ, ସୁବାଷ ଚନ୍ଦ୍ର ଓଝା,ଗୁନ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଅମଲିପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ମହକ' ମହାସମାରୋହରେ ପାଳିତ ,ଯୋଗଦେଲେ ବିଧାୟକ

ଅତାବିରା ୨୧/୧୨ (ନି.ପ୍ର): ଅତାବିରା ବ୍ଲକ ଅଧିନ ଅମଲିପାଲି ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହକ ଅନୁଷ୍ଠିତ ହୋଇଯାଇଛି ।ଆୟୋଜିତ ସଭାରେ ସଭାପତି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରବୀନା ସୁନା, ସମ୍ପାଦକ ଝଗଉ ଅଧକ୍ଷ ଅଶୋକ କୁମାର ସାହୁ, ମୁଖ୍ୟ ଅତିଥି ଭାବେ ଅତାବିରା ନିର୍ବାଚନମଣ୍ଡଳୀର ବିଧାୟକ ନିହାର ରଞ୍ଜନ ମହାନନ୍ଦ, ସମ୍ମାନୀତ ଅତିଥି ଭାବେ ଅବସପ୍ରାପ୍ତ କଲେଜ ଅଧକ୍ଷ ବିହାରୀ ବାଗ, ଅମଲିପାଲି ସରପଞ୍ଚ ସୁନନ୍ଦା ବିଶ୍ୱାଳ, ତେଜାଗୁଲା ହାଇ ସ୍କୁଲ୍ ଶିକ୍ଷକ ଚନ୍ଦ୍ରକାନ୍ତ ସାହୁ, ଅବସରପ୍ରାପ୍ତ ଶିକ୍ଷକ କର୍ଣ୍ଣ ପ୍ରଧାନ, ପୁରାତନ ଛାତ୍ର ରମାକାନ୍ତ ବିଶ୍ୱାଳ, ପ୍ରଦୀପ ମହାପାତ୍ର ଆଦି ମଂଚାସୀନ ଥିଲେ । ଉତ୍ସବରେ ବିଗତ ଶିକ୍ଷାବର୍ଷ ୨୦୨୩-୨୪ HSC ପରୀକ୍ଷାରେ ବିଦ୍ୟାଳୟରେ ଟପ୍ପର ହୋଇଥିବା ଛାତ୍ରୀ ଦିପ୍ତିମୟୀ ମାଝୀଙ୍କୁ ସମ୍ମାନୀତ କରାଗଲା । ବାର୍ଷିକକ୍ରୀଡା ପ୍ରତିଯୋଗିତାରେ ବିଭିନ୍ନ ବିଭାଗରେ ଚମ୍ପିଆନ୍ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ମହେଶ ଭୁଏ, ଶ୍ରୁତିମୟୀ ମାଝୀ, ମୌସମ ବାଗ, ଡୋଲେଶ୍ୱରି ରଣା, ଉତ୍କର୍ଷ ବିଶ୍ୱାଳ, ଅଙ୍କିତା କୁମ୍ଭାର, ଆଦର୍ଶ ଖଡିଆ, ସବ୍ୟା ବାଗ ଆଦିଙ୍କୁ ଟ୍ରଫି ପ୍ରଦାନ କରାଯାଇ ସମ୍ମାନୀତ କରାଗଲା । ଶିକ୍ଷକ ରବୀନ୍ଦ୍ରନାଥ ଭୋଇ ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷକ ଜିତୁ ମହାନନ୍ଦ, ଶିକ୍ଷୟିତ୍ରୀ ଗୀତା ପଧାନ ଏବଂ ଶିକ୍ଷକ ସଞ୍ଜୟ କୁମାର ଭୋଇ ପୁରସ୍କାର ବିତରଣ ରେ ସହଯୋଗ କରିଥିଲେ । ଶିକ୍ଷକ ରିକୁନାଥ ଦାସ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଅତିଥି ମାନଙ୍କ ସ୍ୱାଗତ ସହ ସମସ୍ତଙ୍କ ଜଳଖିଆ ଓ ଭୋଜନରେ ଶିକ୍ଷୟିତ୍ରୀ ଗିରିଜା ପ୍ରଧାନ,ରିତା ପ୍ରଧାନ, ଶିକ୍ଷକ ଗୁଣମଣି ଲୁହା, ରାକେଶ ଧରୂଆ, ଶିକ୍ଷୟିତ୍ରୀ ସଞ୍ଜୁ ଭୁଏ ଓ ରଞ୍ଜିତା ଭୋଇ ପ୍ରଭୃତି ସହଯୋଗ କରିଥିଲେ । ସାଂସ୍କୃତିକ କାର୍ଯକ୍ରମ ଖୁବ୍ ଆନନ୍ଦ ଦାୟକ ଥିଲା । ଫୁଲର ମହକରେ ଚତୁର୍ଦ୍ଦିଗ ମହକି ଉଠିଲା ଭଳି ପିଲାମାନଙ୍କ ଅନ୍ତର୍ନିହିତ କଳାରେ କାର୍ଯକ୍ରମଟି ଉତ୍ସବ ମୁଖର ହୋଇପଡ଼ିଥିଲା । ତୁଳାରାମ୍ ପଟେଲ, ମଧୁସୂଦନ ରଣା, ଶଶିମୁଖି ସାହୁ,ସୌଦାମିନୀ ଭୁଏ ବିଦ୍ୟାଳୟ ପରିଚାଳନା କମିଟି, ଗିରିଜା ଝଏଏ ଓ ଛାତ୍ରଛାତ୍ରୀ ବୃନ୍ଦ ଉତ୍ସବକୁ ସହଯୋଗ କରିଥିଲେ । ସମସ୍ତଙ୍କ ଆପ୍ରାଣ ଉଦ୍ୟମ ଉତ୍ସବ କୁ ସାଫଲ୍ୟ ମଣ୍ଡିତ କରିଥିଲା ।

## ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୂର ମହାସଂଘ ଆନୁକୂଲ୍ୟରେ ବିଦ୍ୟୁତ୍ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ



ନିଶ୍ଚିନ୍ତକୋଇଲି, ୨୧/୧୨ (ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ସ୍ଥିତ କ୍ଷୀରୋଦ ମଣ୍ଡପରେ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୂର ମହାସଂଘ ଆନୁକୂଲ୍ୟରେ ମା' ସାହେଶ୍ୱରୀ ଠିକା ବିଦ୍ୟୁତ୍ କର୍ମଚାରୀ ସଂଘ ସାଲେପୁର ପକ୍ଷରୁ ଏକ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଛି । ସଂଘର ଉପଦେଷ୍ଟା ଉମାକାନ୍ତ ସାହୁ ଙ୍କ ସଭାପତିତ୍ୱ ଏବଂ ସଭାପତି ଦୀନବନ୍ଧୁ ମୁଦୁଲିଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୂର ମହାସଂଘ ରାଜ୍ୟ ସମ୍ପାଦକ ସତ୍ୟବ୍ରତ ପରିଡ଼ା, ମୁଖ୍ୟବକ୍ତା ଭାବେ ଭାରତୀୟ ମଜଦୁର ସଂଘ ସଭ୍ୟ ବସନ୍ତ କୁମାର ସାହୁ , ସମ୍ମାନିତ ଅତିଥି ଭାବେ ଉପସଭାପତି ପ୍ରଦ୍ୟୁମ୍ନ ସାମନ୍ତରାୟ,କୋଷାଧକ୍ଷ ଜ୍ୟୋତିପ୍ରକାଶ ଦାସ,ସମ୍ପାଦକ ସନ୍ତୋଷ କୁମାର ପରିଡ଼ା ଯୋଗଦାନ କରି ଠିକା ବିଦ୍ୟୁତ୍ କର୍ମଚାରୀ ମାନଙ୍କର ସ୍ଥାୟୀ ନିଯୁକ୍ତି, କାର୍ଯ୍ୟବେଳେ ଆତ୍ମସୁରକ୍ଷା, ବିଭିନ୍ନ ସରକାରୀ ସୁବିଧା ପାଇବା ଓ କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ସମାଧାନ କରାଯିବା ସଂକ୍ରାନ୍ତରେ ବିଷଦ ଆଲୋଚନା କରିଥିଲେ । ଠିକା ବିଦ୍ୟୁତ୍ କର୍ମଚାରୀ ମାନଙ୍କର ନାର୍ଯ୍ୟ ଦାବୀ ସରକାର ପୂରଣ ନକଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ନିରଞ୍ଜନ ଜେନା,ତାରିଣୀ ପ୍ରସାଦ ନାୟକ,ସବ୍ୟସାଚୀ ମହାନ୍ତି,ରମେଶ କୁମାର ଚଇନୀ,ଡ଼ମ୍ବରୁଧର ମହାରଣା,ରାକେଶ କୁମାର ବିଶ୍ୱାଳ,ମାନସ କୁମାର ଦାସ,ସୁନିଲ କୁମାର ଭୋଇ,ସରୋଜ ଦାସ,ସମୀର ରାଉତରାୟ,ସେକ ସନିଫ,ହରେକୃଷ୍ଣ ମହାନ୍ତି ଙ୍କ ସମେତ ମା ସାହେଶ୍ୱରୀ ଠିକା ବିଦ୍ୟୁତ୍ କର୍ମଚାରୀ ସଂଘର ସମସ୍ତ ସଭ୍ୟ ଯୋଗଦାନ କରିଥିଲେ ।

## କେତାଙ୍ଗ ରେ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ମେଳା




ପାଟଣା ୨୧/୧୨ (ନି.ପ୍ର): ମାଣ୍ଡିଆ ଚାଷକୁ ଆଦିବାସୀ ଅଧୁଷିତ ଅଞ୍ଚଳରେ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆଜି ମିଲେଟ ମିଶନ ପକ୍ଷରୁ ପାଟଣା ବ୍ଲକ ଅନ୍ତର୍ଗତ ଚିନାମାଳିପଶି ପଞ୍ଚାୟତ କେତାଙ୍ଗ ଆଶ୍ରମ ବିଦ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଛି ।ଜିଲ୍ଲା ଖଣିଜ ପାଣ୍ଠି ଓ ଆମ୍ବା କେନ୍ଦୁଝର ଙ୍କ ଦ୍ୱାରା ଭାରତ ସଂଗଠନ ସହଯୋଗ ରେ ଏହି ଖାଦ୍ୟ ମେଳାରେ ମାଣ୍ଡିଆ ପ୍ରସ୍ତୁତ କ୍ଷୀରି, ବରା କାକରା,ଲଡୁ ,କେକ,ପିଠା ଆଦି ସ୍ୱାଦିଷ୍ଟ ଖାଦ୍ୟ ବିଦ୍ୟାଳୟ ର ଛାତ୍ରଛାତ୍ରୀ ଅଭିଭାବକ ଅଭିଭାବିକା ମାନଙ୍କୁ ପରିବେଷଣ କରାଯାଇଥିଲା ।ଭାରତ ସଂଗଠନ ର ପ୍ରତିନିଧି ତଥା ଶ୍ରୀ ଅନ୍ନ ଅଭିଯାନ ବ୍ଲକ ସହ ସଂଯୋଜକ ତ୍ରିଲୋଚନ ମହାନ୍ତ, ଖାଦ୍ୟ ପ୍ରସ୍ତୁତ କର୍ତ୍ତା ବଡ ମହୁଲଡିହା ମା ପାର୍ବତୀ ଏସ ଏଚ ଜି ର ମିନତୀ ନାଏକ ସମ୍ବଳ ବ୍ୟକ୍ତି ଅର୍ଜୁନ ସେଠୀ, ହଳଧର ନାଏକ,ରଶ୍ମିରେଖା ମହାନ୍ତ ପ୍ରମୁଖ ସ୍ଥାନୀୟ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଦୁଲ୍ଲଭ ଚରଣ ମହାନ୍ତ ଙ୍କ ଉପସ୍ଥିତି ରେ ଖାଦ୍ୟ ମେଳା ରେ ଖାଦ୍ୟ ପରିବେଷଣ ସହ ମାଣ୍ଡିଆ ଚାଷ ଉପରେ ଅଭିଭାବକ ମାନଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ ।

## ସତ୍ୟନାରାୟଣ ବିଦ୍ୟାପୀଠ ବାର୍ଷିକ କ୍ରୀଡା ଉଦଯାପିତ

ପାଟଣା ୨୧/୧୨ (ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ର ସତ୍ୟନାରାୟଣ ବିଦ୍ୟାପୀଠ ର ବାର୍ଷିକ ୨ ଦିନିଆ କ୍ରୀଡା ସମାରୋହ ଶୁକ୍ରବାର ଉଦଯାପିତ ହୋଇଛି ।ପ୍ରଧାନ ଶିକ୍ଷକ ଫକୀର ଚରଣ ସାହୁଙ୍କ ସଭାପତିତ୍ୱ ରେ ତଥା ବରିଷ୍ଠ ଶିକ୍ଷୟତ୍ରୀ ଦୀପ୍ତି ଶୋଭା ବେହେରା ଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଖଇର ନାଏକ , ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ପ୍ରାଧ୍ୟାପକ ଭାଗିରଥି ପୃଷ୍ଟି, ସମ୍ମାନୀତ ଅତିଥି ଭାବେ ଉତ୍ତର ଓଡିଶା ସାହିତ୍ୟ ସଂସ୍କୃତି ସମ୍ମେଳନ ର ସଭାପତି ନୃସିଂହ ନାଥ ସିଂହ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ଙ୍କୁ ମାର୍ଗ ଦର୍ଶନ ଦେବାସହ କୃତି ଖେଳାଳି ମାନଙ୍କୁ ପଦକ ଓ ପ୍ରମାଣ ପତ୍ର ଦେଇ ସମ୍ମାନୀତ କରିଥିଲେ ।କ୍ରୀଡା ଶିକ୍ଷକ ପ୍ରଶାନ୍ତ ମହାନ୍ତି ,ସହକାରୀ ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ମଧ୍ୟରେ ଦୀପଞ୍ଜଳି ସେଠୀ, ମଦନ ମୋହନ ମହାନ୍ତ ,ଦୀନବନ୍ଧୁ ପଣ୍ଡା ପ୍ରମୁଖ ଦୌଡ଼କୁଦ ,ଲମ୍ବ ଓ ଉଚ୍ଚ ଡିଆଁ ,ସର୍ଟ ଫୁଟ,ଡିସକସ ଥ୍ରୋ ,ଜାଭିଲିନ ଥ୍ରୋ ,ମ୍ୟୁଜିକ ଚେୟାର ,ପଟାଟୋ ରେଶ ,କବାଡି, ଓ ଭଲିବଲ ପ୍ରତିଯୋଗିତା ପରିଚାଳନା କରିଥିଲେ ।

## ପୁଅ କୁ ଦେଖିବା ପୂର୍ବରୁ ବାଇକ୍ ଦୁର୍ଘଟଣା ରେ ବାପା ଙ୍କ ମୃତ୍ୟୁ



ପାଟଣା ୨୧/୧୨ (ନି.ପ୍ର): ପାଟଣା - ଢେଙ୍କିକୋଟ ୨୨୦ ନମ୍ବର ଜାତୀୟ ରାଜପଥର ମଲ୍ଲିପଶି ଗ୍ରାମ ଦାରାସିଂ ଛକ ନିକଟରେ ଆଜି ମଧାହ୍ନ ରେ ଏକ ମଟର ସାଇକେଲ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଯୁବକ ଗୁରୁତର ହୋଇଥିଲେ ।ସୂଚନା ଅନୁଯାୟୀ ଘଟଗାଁ ବ୍ଲକ ମେଲାଣ ଗ୍ରାମର ବାସିନ୍ଦା ତଥା ଜଣେ ଗାଡି ଚାଳକ କୃଷ୍ଣ ମୁଣ୍ଡା(୩୫) ମଲ୍ଲୀପଶି ରେ ଥିବା ଏକ ଘରୋଇ ବିଦ୍ୟାଳୟରେ ରହି ୫ମ ଶ୍ରେଣୀ ରେ ପଢୁଥିବା ପୁଅ ଅଚ୍ୟୁତ ମୁଣ୍ଡା ପାଖକୁ ଭେଟିବାକୁ ଯାଉଥିବା ଥିବା ବେଳେ ଦାରସିଂ ଛକ ବୁଲାଣି ନିକଟରେ ବାଇକ୍ ଟି ଭାରସାମ୍ୟ ହରାଇ ବାରୁ ରାସ୍ତା କଡରେ ଥିବା ଜି ଆଇ ସୁରକ୍ଷା ବାଡ଼ାରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦୁର୍ଘଟଣା ରେ କୃଷ୍ଣ ଗୁରୁତର ଆହତ ହୋଇଥିଲେ ।ଖବର ପାଇ ପାଟଣା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପୁଲିସ ଗାଡ଼ିରେ ତାଙ୍କୁ ତୁରନ୍ତ ପାଟଣା ଡାକ୍ତରଖାନାକୁ ଆଣିଥିଲେ ।ଅଳ୍ପ ସମୟ ପରେ ଚିକିତ୍ସାଧୀନ ଅବସ୍ଥାରେ କୃଷ୍ଣ ମୁଣ୍ଡା ଙ୍କ ମୃତ୍ୟୁ ଘଟିଥିଲା ।ପାଟଣା ଥାନା କେଶ ନଂ ୩୫୬/ ୨୪ ରେ ଏକ ଦୁର୍ଘଟଣା ମାମଲା ରୁଜ୍ଜୁ ହେବା ସହ ଏ ଏସ ଆଇ ନୁଆସ ଲୁଗୁନ ଘଟଣାର ତଦନ୍ତ କରୁଛନ୍ତି । ମାତ୍ର ଗୋଟିଏ ମିଟିଟ ପରେ ପୁଅ କୁ ଭେଟିବା ପୂର୍ବରୁ ଜଣେ ହତ ଭାଗ୍ୟ ପିତାର ଦୁର୍ଘଟଣା ରେ ମୃତ୍ୟୁ ଘଟଣା ରେ ଏଠାରେ ଶୋକ ପ୍ରକାଶ ପାଇଥିଲା । ସୂଚନା ଯୋଗ୍ୟ ଯେ ମୃତକ କୃଷ୍ଣ ନିଜ ଗ୍ରାମର ସମ୍ପର୍କୀୟ ଙ୍କ ଠାରୁ ଦାମିକା କେ ଟି ଏମ ବାଇକ ମାଗି ପୁଅ କୁ ଭେଟିବାକୁ ଆସୁଥିବା ବେଳେ ଏଭଳି ଅଘଟଣ ଘଟିଛି ।

## ଜିଲ୍ଲାସ୍ତରୀୟ ଯୁବ ରେଡ଼କ୍ରସ ସ୍ୱେଚ୍ଛାସେବୀ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ମାହାଙ୍ଗା,୨୧/୧୨ (ନି.ପ୍ର): ଜଣେ ରକ୍ତଦାତା ଅନ୍ୟର ଜୀବନଦାତା, ରକ୍ତଦାନ ମହତଦାନ ଏହାକୁ ସଠିକ୍ ଢଙ୍ଗରେ କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲାସ୍ତରୀୟ ଯୁବ ରେଡ଼କ୍ରସ ସ୍ୱେଚ୍ଛାସେବୀ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ମାହାଙ୍ଗା ମହିଳା ମହାବିଦ୍ୟାଳୟ ପଲ୍ଲୀସାହି ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶ୍ରୀମାନ୍ ଶାରଦାପ୍ରସାଦ ପ୍ରଧାନ ଯୋଗ ଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ଅନୁଷ୍ଠିତ ଏହି ଶିବିରରେ ୩୩ଗୋଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆସି ପ୍ରଶିକ୍ଷଣ ନେବା ସହ ରକ୍ତଦାନ ଶିବିରରେ ଭାଗ ନେଇଥିଲେ । ମହାବିଦ୍ୟାଳୟର ଅଧକ୍ଷ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ସ୍ୱାଗତଭାଷଣ ପ୍ରଦାନ କରିଥିଲା ବେଳେ ସମ୍ମାନୀତ ଅତିଥି ଭାବେ ଅକ୍ଷୟ କୁମାର ମହାନ୍ତି,ଡ଼ଃ ସସ୍ମିତା ପଟ୍ଟନାୟକ, ଚଣ୍ଡିକାପ୍ରସାଦ ଦାସ ଯୋଗ ଦେଇ ଉପସ୍ଥିତ ଯୁବ ପିଢିଙ୍କୁ କାର୍ଯ୍ୟକ୍ରମ ବାବଦରେ ଅବଗତ କରାଇଥିଲେ । ତିନିଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରରେ ପ୍ରଥମ ଦିନରେ ରେଡ଼କ୍ରସ ପକ୍ଷରୁ ବିଦ୍ୟାର୍ଥୀ ମାନଙ୍କୁ ଶପଥ ପାଠ କରାଇଥିଲେ । ଶେଷରେ ଡ଼ଃ ମନସ୍ୱିନୀ କର ଧନ୍ୟବାଦ ଅର୍ପଣ କରିଥିଲେ ।

# ଲଘୁଚାପ ବର୍ଷାରେ କ୍ଷେତ ଓ ଖଳାରେ ଭିଜୁଛି ପାଚିଲା ଧାନ: ଚିନ୍ତାରେ ଚାଷୀ କୂଳ



ବାଲିଗୁଡା ୨୧/୧୨ (ନି.ପ୍ର): ଲଘୁଚାପ ପ୍ରଭାବରେ ଗୁରୁବାର ଠାରୁ ବାଲିଗୁଡା ସମେତ ଆଖପାଖ ଅଞ୍ଚଳରେ ଅଦିନିଆ ଝିପିଝିପି ବର୍ଷା ଲାଗି ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ବିଶେଷ କରି ଏବେ ଶହଶହ ଚାଷୀଙ୍କର କ୍ଷେତ ଓ ଖଳାରେ ପାଚିଲାଧାନ ପଡି ରହି ଥିବାରୁ ଅଦିନିଆ ବର୍ଷାରେ ଭିଜୁଛି । ଚାଷୀମାନେ ଅମଳ ହୋଇଥିବା ପାଚିଲା ଧାନକୁ କିପରି ବର୍ଷା ଦାଉରୁ ରକ୍ଷା କରିବେ ସେଥିପାଇଁ କିଏ ପଲିଥିନ ଢାଙ୍କୁଛି ତ ଆଉ କିଏ ବସ୍ତାରେ ଧାନକୁ ସାଇତି ରଖୁଥିବା ଦେଖିବାକୁ ମିଳୁଛି । ଯାହାକିଛି ଧାନ ଅମଳ ହୋଇଛି ସରକାରୀ ମଣ୍ଡି ଖୋଲିନଥିବାରୁ ଧାନ କିପରି ବିକ୍ରି କରିବେ ସେଥିପାଇଁ ଚିନ୍ତାରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ୨ଦିନ ହେଲା କୋହଲା ପାଗ ସହିତ ଝିପିଝିପି ବର୍ଷା ଲାଗି ରହିଥିବାରୁ ଅନେକ ସ୍ଥାନରେ ଧାନ ଭିଜିବା ସହିତ କ୍ଷେତରେ ପାଣି ଜମିବାରେ ଲାଗିଛି । ଫଳରେ ଧାନ ଗଜା ହୋଇଯିବ ବୋଲି ଚାଷୀମାନେ କହିଛନ୍ତି । ଶହଶହ ଏକର ଚାଷ ଜମିରୁ ଏପର୍ଯ୍ୟନ୍ତ ଧାନ କଟା ହୋଇ ପଡି ରହି ଥିବାରୁ ତାହା କ୍ଷେତରେ ନଷ୍ଟ ହେବାକୁ ବସିଛି । ଏଥିପାଇଁ ବିଭାଗୀୟ ଉଚ୍ଚ କର୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଧାନ ମଣ୍ଡି ଖୋଲିବା ସହ କ୍ଷୟ କ୍ଷତି ଯୋଗାଇ ଦେବା ପାଇଁ ଚାଷୀ ମହଲରୁ ଦାବୀ ହେଉଛି ।

## ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

ପାଟଣା ୨୧/୧୨ (ନି.ପ୍ର): ପାଟଣା ଥାନା ଅଞ୍ଚଳ ସାହାରପଡା ବ୍ଲକ ଶଙ୍ଖୁଆ - ବଡବାଲିପଶି ରାସ୍ତା ମଧ୍ୟରେ ଟ୍ରାକ୍ଟର ଧକ୍କାରେ ଜଣେ ଯୁବକ ଙ୍କ ମୃତ୍ୟୁ ଘଟିଛି ।ମୃତକ ବଡବାଲିପଶି ଗ୍ରାମର ସ୍ୱର୍ଗତ ପ୍ରଫୁଲ୍ଲ ମହାନ୍ତ ଙ୍କ ପୁଅ ସଞ୍ଜିପ କୁମାର ମହାନ୍ତ(୨୭) ବୋଲି ଜଣାପଡିଛି ।ସଞ୍ଜିପ ଚାଲି ଚାଲି ଗ୍ରାମ କୁ ଫେରୁଥିବା ସମୟରେ ଗ୍ରାମ ପୂର୍ବ ବୁଲାଣି ରେ ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇ ଓଲଟି ପଡିଥିଲା ।ଘଟଣା ସ୍ଥଳରୁ ଗୁରୁତର ସଞ୍ଜିପ ଙ୍କୁ ଉଦ୍ଧାର କରି ରୋଗୀଯାନ ରେ କରଞ୍ଜିଆ ଡାକ୍ତରଖାନା କୁ ନିଆ ଯାଇଥିବା ବେଳେ ଡାକ୍ତର ତାଙ୍କୁ ରିସିଭ ଡେଥ ଘୋଷଣା କରିଥିଲେ ।ଏନେଇ ପାଟଣା ଥାନାରେ ୩୫୫/୨୦୨୪ ମୂଳେ ଏକ ଦୁର୍ଘଟଣା ମାମଲା ରୁଜୁ ହେବା ସହ ସାହାରପଡ଼ା ଫାଣ୍ଡି ଏ ଏସ ଆଇ ପଞ୍ଚମୀ ମହାନ୍ତ ଘଟଣାର ତଦନ୍ତ କରିବା ସହ ମୃତକର ଶବ ବ୍ୟବଚ୍ଛେଦ କରାଇଛନ୍ତି ।ଟ୍ରାକ୍ଟର ଟି କୁ ପୁଲିସ ଜବଦ କରିଛି ।

## ଜାମଦା ବ୍ଲକସ୍ତରୀୟକ୍ୟାରିୟର କାଉନସିଲିଂ କାର୍ଯ୍ୟକ୍ରମ

ମୟୂରଭଞ୍ଜ ୨୧/୧୨ (ନି.ପ୍ର): ଜାମଦା ବ୍ଲକ ସ୍ତରୀୟ କାଉନସିଲିଂ କାର୍ଯ୍ୟକ୍ରମ ଏସ୍.ଏସ୍.ଡ଼ି ଠାରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଜାମଦା ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟ ଓ କଲେଜ ର ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ ।ଡ୍ରଇଂ,ଇଂରାଜୀ ଓ ଓଡ଼ିଆରେ ବକ୍ତୃତା,କୁଇଜ(ସାଧାରଣଜ୍ଞାନ)ରେ ପ୍ରତିଯୋଗୀମାନେ ଭାଗନେଇଥିଲେ ।ସମସ୍ତ ବିଭାଗର ପ୍ରଥମ,ଦ୍ୱିତୀୟ,ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀମାନଙ୍କର ନାମ ଉପଖଣ୍ଡସ୍ତରୀୟ ରେ ହେବାକୁ ଥିବା ପ୍ରତିଯୋଗିତା ପାଇଁ ବିଇଓ ଅଫିସ ତରଫରୁ ପ୍ରେରଣ କରାଯାଇଛି ।ଜାମଦା ବିଡିଓ ଦେବାଶିଷ୍ ପଣ୍ଡା,ଜାମଦା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରୀଶଙ୍କର ସା,ଏଲ୍ଏସ୍ବିଏସ୍,ଓଏଭି ଆଦି ଶିକ୍ଷାନୁଷ୍ଠାନର ଶିକ୍ଷକଗଣ ବିଭିନ୍ନ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ।ବିଡ଼ିଓ ଦେବାଶିଷ୍ ପଣ୍ଡା କୁଇଜ୍ ମାଧ୍ୟମରେ ପ୍ରତିଯୋଗୀମାନଙ୍କୁ କ୍ୟାରିୟର ସମ୍ବନ୍ଧରେ ବିଶେଷ ଭାବେ ଅବଗତ କରାଇଥିଲେ ।

# ଲକ୍ଷ୍ମୀନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ବିଦାୟ କାଳୀନ ସମ୍ବର୍ଦ୍ଧନା

ପାଟଣା ୨୧/୧୨ (ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ପିପିଳିଆ ସ୍ଥିତ ଲକ୍ଷ୍ମୀ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦ୍ୱିତୀୟ ବର୍ଷର ଛାତ୍ର ଛାତ୍ରୀଙ୍କ ନିମନ୍ତେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ପ୍ରାଧ୍ୟାପକ ଅମିୟ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ସଭାରେ ଛାତ୍ର ଛାତ୍ରୀଙ୍କ ଦୁଃଖଭରା ଅଭିଭାଷଣ ସମସ୍ତଙ୍କ ଆଖିରେ ଅଶ୍ରୁ ଆଣିଥିଲା ।ମୁଖ୍ୟ ଅତିଥି ରୂପେ ପୂର୍ବତନ ସମ୍ପାଦକ ଜଗବନ୍ଧୁମହାନ୍ତ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ପ୍ରାଧ୍ୟାପକ ଅଲେଖ ପ୍ରସାଦ ସାହୁ କାର୍ଯକ୍ରମ ସଞ୍ଚାଳନ କରିଥିଲେ । ପ୍ରାଧ୍ୟାପକ ସତ୍ୟାନନ୍ଦ ପଣ୍ଡା, ଘନଶ୍ୟାମ ମହାନ୍ତ,ଯତୀନ୍ଦ୍ର ସାହୁ, ରତ୍ନାକର ମହାନ୍ତ, ଚନ୍ଦ୍ରଶେଖର ଭୂୟାଁ, ହେମନ୍ତ ମିଶ୍ର, ସମୀର ସାହୁ, ତନ୍ମୟ ବଳ ,ପ୍ରାଧ୍ୟାପିକା ଅନୁସ୍ମିତା ପାଣିଗ୍ରାହୀ, କାଞ୍ଚନଲତା ସାହୁ, ରଶ୍ମିତା ପୃଷ୍ଟି ପ୍ରମୁଖ ଯୋଗ ଦେଇ ବିଦାୟୀ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ନିଜନିଜର ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର ଅଣ ଶିକ୍ଷକ କର୍ମଚାରୀ ଶ୍ରୀକାନ୍ତ ମହାନ୍ତ, ଫକିର ମହାନ୍ତ,ଜଗମୋହନ ମହାନ୍ତ, ପ୍ରଫୁଲ୍ଲ ମହାନ୍ତ ପ୍ରମୁଖ କାର୍ଯକ୍ରମରେ ସହଯୋଗ କରିଥିଲେ । ନୃତ୍ୟଗୀତ ସହ ବହୁ ଆଡ଼ମ୍ବରରେ ବିଦାୟୀ ସଭା ଅନୁଷ୍ଠିତ ହୋଇଥିଲା ।

## ଝିପିଝିପି ବର୍ଷା ସତ୍ତ୍ୱେ ବାଜିଲା ଚଇତି ଇଡ଼ିତାଲ ର ବିଗୁଲ



ଗୁଣପୁର **୨୧/୧୨ (ନି.ପ୍ର):** ଆଜି ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଜଗନ୍ନାଥ ବଳଭଦ୍ର ଏବଂ ସୁଭଦ୍ରାଙ୍କ ଠାରୁ ଆଜ୍ଞାମାଳ ନେଇ ମୁଣ୍ଡରେ କଳସ ଧରି ଶୋଭାଯାତ୍ରାରେ ବାହାରିଲେ ଉପଜିଲ୍ଲାପାଳ ତଥା ଚଇତିର ଅଧକ୍ଷା କିରନ ଦୀପ କୌର ସହୋତା । ବର୍ଷାକୁ ଖାତିର ନ କରି ପ୍ରାୟ ଦୁଇ ହଜାର ରୁ ଉର୍ଦ୍ଧ ଲୋକଙ୍କ ସମାବେଶ ହୋଇଥିଲା । ପାରମ୍ପରିକ ନୃତ୍ୟ ସହ ପ୍ରଶାସନିକ ଅଧିକାରୀ , ଏନ୍ ସି ସି କ୍ୟାଡେଟ , ପୋଲିସ ପ୍ରଶାସନ , ଅଙ୍ଗନବାଡ଼ି କର୍ମୀ ଓ ଜନସାଧାରଣ ଝୁମିଝୁମି କଳସ ଯାତ୍ରାରେ ଭାଗ ନେଇଥିବା ଦେଖିବାକୁ ମିଳିଥିଲା । ଏହି ଶୋଭାଯାତ୍ରାରେ ସ୍ଥାନୀୟ ବିଧାୟକ ସତ୍ୟଜିତ ଗମାଙ୍ଗ , ଚଇତିର ଆବାହକ ଡ଼କ୍ଟର ଚନ୍ଦ୍ରଧ୍ୱଜ ପଣ୍ଡା, ଆଦିବାସୀ ପ୍ରକଳ୍ପ ଅଧିକାରୀ ଅଜୟ ପ୍ରଧାନ ,ତହସିଲଦାର ଲୀଳାବତୀ ଆଚାର୍ଜୀ ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳି ପ୍ରଧାନ, ଜିଲ୍ଲା ସୂଚନା ଅଧିକାରୀ ବସନ୍ତ ନାୟକ ,ସତ୍ୟଜିତ ନାୟକ, ବିପିନ ନାୟକ ପ୍ରମୁଖ ଏହି ଶୋଭାଯାତ୍ରାରେ ସାମିଲ ହୋଇ ଜଗନ୍ନାଥ ମନ୍ଦିର ଠାରୁ ବାହାରି ସହର ପରିକ୍ରମା କରି ପ୍ରାୟ ତିନି କିଲୋମିଟର କେନ୍ଦ୍ରୀୟ ବିଦ୍ୟାଳୟ ପଡିଆରେ ପହଞ୍ଚି ସେଠାରେ ଚଇତି କଳସକୁ ସ୍ଥାପନା କରିଥିଲେ । ଆଜି ସନ୍ଧ୍ୟାରେ ଜିଲ୍ଲାପାଳ ଏହି ଉତ୍ସବକୁ ଉଦ୍ଘାଟନ କରିବାର ଥିଲା ଓ ବିଶିଷ୍ଟ କଣ୍ଠ ଶିଳ୍ପୀ ଦେବେନ୍ଦ୍ର ଅଧିକାରୀ ଏବଂ ଚଳଚିତ୍ର ଅଭିନେତ୍ରୀ ସୁପ୍ରିୟା ନାୟକଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିଲା , କିନ୍ତୁ ଲଘୁଚାପ ବର୍ଷା ଯୋଗୁଁ ଏହି କାର୍ଯ୍ୟକ୍ରମକୁ ଆଜି ଦିନକ ପାଇଁ ସ୍ଥଗିତ କରାଗଲା । ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଏକ ସାମ୍ବାଦିକ ସମ୍ମିଳନୀ ଡ଼କାଇ ଉପଜିଲ୍ଲାପାଳ ତଥା ଚଇତି ଇଡିତାଲ ଅଧକ୍ଷା କିରନ ଦୀପ କୌର ଆସନ୍ତା କାଲି ଅର୍ଥାତ ୨୧ ଓ ୨୨ ତାରିଖରେ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦେଇଛନ୍ତି ।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଦଶରଥପୁର **୨୧/୧୨ (ନି.ପ୍ର):** ଦଶରଥପୁର ବ୍ଲକ ଡାହାଣହତା ପଞ୍ଚାୟତ ଅନ୍ତର୍ଗତ କୁଆଁସ ଗ୍ରାମର ସନାତନ ଜେନା (୮୨)ଙ୍କର ଆଜି ପୋଖରୀ ରେ ବୁଡ଼ି ମୃତ୍ୟୁ ହୋଇଛି। ଗତକାଲି ରାତିରୁ ସନାତନଙ୍କର ପରିବାର ତାଙ୍କୁ ବହୁ ଖୋଜାଖୋଜି କରି ପାଇନଥିଲେ। କିନ୍ତୁ ଆଜି ସକାଳୁ ମଙ୍ଗଳା ମନ୍ଦିର ନିକଟସ୍ଥ ପୋଖରୀ କୂଳରେ ତାଙ୍କର ବାଡ଼ି ଓ ବାଲ୍ଟିକୁ ପଡିଥିବାର ଦେଖି ସନ୍ଦେହ କରି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀର କର୍ମଚାରୀ ମାନେ ପହଞ୍ଚି ଖୋଜାଖୋଜି କରିବା ପରେ ସନାତନଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏହି ଖବର ଜଣାପଡିବା ପରେ ପୋଖରୀ ନିକଟରେ ଲୋକଙ୍କର ଭିଡ଼ ଜମିଥିଲା ଓ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# ଉଦ୍ୟୋକ୍ତା ସଶକ୍ତିକରଣ ବିଷୟରେ ଜାତୀୟ କର୍ମଶାଳା

ବୁଗୁଡା ,**୨୧/୧୨ (ନି.ପ୍ର):** ଗଞ୍ଜାମ ଜିଲ୍ଲାର ନରେନ୍ଦ୍ରପୁର କ୍ଷେତ୍ରମୋହନ ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ଆନୁକୂଲ୍ୟରେ ଓ ଦକ୍ଷିଣ ଓଡ଼ିଶା ଅର୍ଥନୀତି ସଙ୍ଗଠନ ସହଯୋଗରେ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଜାତୀୟ କର୍ମଶାଳାର ବିଷୟବସ୍ତୁ ଥିଲା :- ' ଉଦ୍ୟୋକ୍ତା ସଶକ୍ତିକରଣ : ପରିବର୍ତ୍ତନୀୟ ପରିସଂସ୍ଥାରେ ଶ୍ରମର ନୈପୁଣ୍ୟ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ନୂତନ ବ୍ୟବସାୟ'। ଉକ୍ତ ଜାତୀୟ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଡକ୍ଟର ସୁଶାନ୍ତ କୁମାର ଦାଶ, ଦକ୍ଷିଣ ଓଡ଼ିଶା ଅର୍ଥନୀତି ସଙ୍ଗଠନର ସାଧାରଣ ସମ୍ପାଦିକା ଡକ୍ଟର ସନ୍ଧ୍ୟାରାଣୀ ଦାଶ ଓ ଅର୍ଥନୀତି ବିଭାଗ ଅଧାପିକା କ୍ଷେତ୍ରଶ୍ରୀ ପଣ୍ଡା, ମୁଖ୍ୟ ବକ୍ତା ଭାବେ କମ୍ପ୍ୟୁଟର ମାଧ୍ୟମରେ ଭାରତ ସରକାରଙ୍କ ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ମନ୍ତ୍ରାଳୟ ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ସୁକାନ୍ତ କୁମାର ସାହୁ ଏବଂ ବକ୍ତାଭାବେ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସହକାରୀ ନିର୍ଦ୍ଦେଶକ ବିଶେଷଜ୍ଞ ଜଗଦୀଶ ସାହୁ ଯୋଗଦେଇଥିଲେ। କଲେଜ ପରିଚାଳନା ପରିଷଦ ସଭାପତି ଡକ୍ଟର ସୁଶାନ୍ତ କୁମାର ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ କଲେଜର ପ୍ରିନ୍ସିପାଲ ଭୂପତି ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଶତପଥୀ କର୍ମଶାଳାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କର୍ମଶାଳାରେ ମୁଖ୍ୟବକ୍ତା ଡକ୍ଟର ସାହୁ ଓ ବକ୍ତା ଶ୍ରୀ ସାହୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ସରକାରୀ ଯୋଜନା ଓ ନୂତନ ଉଦ୍ୟୋଗ ଆରମ୍ଭ ପାଇଁ ତଥ୍ୟ ଉପସ୍ଥାପନ କରିବା ସହ ଛାତ୍ରଛାତ୍ରୀଙ୍କ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟ ସହକାରୀ ପ୍ରଫେସର ଡକ୍ଟର ଜ୍ଞାନ ରଞ୍ଜନ ମହାନ୍ତି, ଭବାନୀପାଟଣା ଯାନ୍ତ୍ରିକ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ଲକ୍ଷ୍ମୀ ପ୍ରସାଦ ପଣ୍ଡା ଏବଂ ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରାଳୟର ଡକ୍ଟର ରାଜେନ୍ଦ୍ର ପ୍ରସାଦ ପାଢ଼ୀ ଯୋଗଦେଇଥିଲେ। ଉଦ୍ୟୋକ୍ତା, ଭୁବନେଶ୍ୱର ଧରିତ୍ରୀ ଉଦ୍ୟୋଗ ପ୍ରାଇଭେଟ ଲିମିଟେଡ଼ର ପରିଚାଳନା ନିର୍ଦ୍ଦେଶକ ନିର୍ଲିପ୍ତା ଓଝା ଓ ନରେନ୍ଦ୍ରପୁରର ନିରୁଜା ରଥ ଉଦ୍ୟୋଗ ସମ୍ପର୍କରେ ନିଜ ନିଜର ଅନୁଭୂତି ପ୍ରକାଶ କରିଥିଲେ। କଲେଜର ଅର୍ଥନୀତି ବିଭାଗର ପୂର୍ବତନ ପ୍ରାଧ୍ୟାପିକା ଧନଲକ୍ଷ୍ମୀ ପଟ୍ଟନାୟକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ କରିଥିବା ବେଳେ ସଂଗଠନ ସମ୍ପାଦିକା ଅଧ୍ୟାପିକା କ୍ଷେତ୍ରଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ମିଳିତ ଖ୍ରୀଷ୍ଟୀୟ ମଞ୍ଚ ପକ୍ଷରୁ ପ୍ରାକ-ଖ୍ରୀଷ୍ଟଜନ୍ମ ମହୋତ୍ସବ ପାଳିତ

ଫୁଲବାଣୀ **୨୧/୧୨ (ନି.ପ୍ର):** ମିଳିତ ଖ୍ରୀଷ୍ଟୀୟ ମଞ୍ଚ ପକ୍ଷରୁ ପ୍ରି-ଖ୍ରୀଷ୍ଟମାସ ମହୋତ୍ସବ ଅନୁଷ୍ଠିତ ହେଇଥିଲା ।ମାଦିକୁଂଦା ଛକ ରେ ଆଚାର୍ଯ୍ୟ ଅମିତ ନାୟକ ପ୍ରାର୍ଥନା କରି ମାଦିକୁଂଦା ଠାରୁ କୋର୍ଟ ଛକ ସ୍ଥିତ ଗାନ୍ଧୀ ସ୍ମୃତି ଭବନ ପର୍ଯ୍ୟନ୍ତ ଶାନ୍ତି ପୂର୍ଣ ଶଭାଯାତ୍ରା ହେଇଥିଲା ।ଖ୍ରୀଷ୍ଟୀୟ ସମ୍ପ୍ରଦାୟର ଲୋକମାନେ ପ୍ରଭୁ ଯୀଶୁଙ୍କ ଗୀତ ପରିବେଷଣ କରି ଆନନ୍ଦର ସହ ନାଚି ନାଚି ମୁଖ୍ୟ ସହର ଦେଇ ଗାନ୍ଧିସ୍ମୃତି ଭବନକୁ ଆସିଥିଲେ ।ଖ୍ରୀଷ୍ଟୀୟ ସମ୍ପ୍ରଦାୟର ଶହଶହ ଲୋକମାନେ ଏହି ମହୋତ୍ସବ ରେ ଯୋଗ ଦେଇଥିଲେ ।ମଞ୍ଚର ସଭାପତି ପ୍ରବୀଣ କୁମାର ନାୟକ ସଭା ପରିଚାଳନା କରିଥିଲେ ।ମୁଖ୍ୟ ବକ୍ତା ଭାବେ ଆଚାର୍ଯ୍ୟ ଆଚାର୍ଯ୍ୟ ପ୍ରମୋଦ କୁମାର ଗୁରୁ ରାୟଗଡା ଓ ମୁଖ୍ୟ ଅତିଥି ଭାବରେବ ବିଶପ ଅବେଦ ନାୟକ ଯୋଗଦେଇଥିଲେ ।ସମ୍ମାନିତ ଅତିଥି ରୂପେ ତାମିଲନାଡୁ ର ପାଳକ ଟି.ଯୋଶେଫ, କାଥଲିକ ଚର୍ଚ୍ଚ ର ଫାଦର ପ୍ରଦୀପ ବେହେରା, ଡ଼ଃ. ଏନ ଲିନାଚନ୍ଦ,ଆଚାର୍ଯ୍ୟ ସୁଇଡ଼ବର୍ଣ ନାୟକ ,ଡ଼ଃ ସୁର୍ଯ୍ୟ ନାରାୟଣ ବେହେରା ,ବିଶ୍ୱବାଣୀ ଚର୍ଚ୍ଚର ଜିଲ୍ଲା କୋଡ଼ିନେଟର ଆଚାର୍ଯ୍ୟ ରଞ୍ଜନ ଦିଗାଲ,ଇମାନୁଏଲ ରଥ,ଆଚାର୍ଯ୍ୟ ତପନ ସାମନ୍ତରାୟ,ପାଳକ ବେଞ୍ଜା ମିନ ,ମୃତ୍ୟୁଞ୍ଜୟ ଦିଗାଲ ଯୋଗଦେଇଥିଲେ ।ପ୍ରଦୀପ ଦିଗାଲ ଉପାସନା ସଂଗୀତ ପରିବେଶଣ କରିଥିଲେ ।ମିରାକିଲ ସଙ୍ଗୀତ ଦଳ ଅତିସୁନ୍ଦର ଭାବେ ଦାନ ସଂଗ୍ରହ ସମୟରେ ଗୀତ ପରିବେଷଣ କରି ସମସ୍ତ ଙ୍କୁ ନଚେଇଥିଲେ ।ସମସ୍ତେ ନାଚି ନାଚି ପ୍ରଭୁଯୀଶୁ ଙ୍କୁ ଧନ୍ୟବାଦ ଦେଇଥିଲେ ।ମୁଖ୍ୟ ବକ୍ତା ଜଗତର ଲୋକମାନଙ୍କ ନିମନ୍ତେ ତ୍ରାଣକର୍ତା ଜନ୍ମ ଗ୍ରହଣ କରିଅଛନ୍ତି ସେ ଖ୍ରୀଷ୍ଟପ୍ରଭୁ ବୋଲି ଲୋକମାନଙ୍କୁ ଈଶ୍ୱର ଙ୍କ ବାକ୍ୟ ପରିବେଷଣ କରିଥିଲେ ।ସନ୍ଧ୍ୟା ରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ହୋଇଥିଲା ।ସମସ୍ତ ଚର୍ଚ୍ଚ ର ପିଲାମାନେ ଗୀତନାଚ କରିଥିଲେ ଓ ସେମାନଙ୍କୁ ଉପହାର ମଧ ଦିଆଯାଇଥିଲା । ଅନେକ ପାଳକ ମାନେ ଯୋଗ ଦେଇଥିଲେ ।ସମ୍ପାଦକ ଲକ୍ଷଣ ବେହେରା, କୋଷାଧକ୍ଷ ମାର୍ଟିନ ପ୍ରଧାନ ,ବନମାଳୀ ଦିଗାଲ,ପ୍ରଦୀପ ଦିଗାଲଓ ସନ୍ତୋଷ ନାୟକ ,ବାଳକୃଷ୍ଣ ଦିଗାଲ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।ସୁନୀଲ, ବବୁଲୁ, ଜଏସ, ଚିଣ୍ଟୁ,ସୁନ୍ଦର ଭାବେ ବାଦ୍ୟଯନ୍ତ୍ରରେ ଗୀତ ପରିବେଷଣ କରିଥିଲେ ଏବଂ ସାଂସ୍କୃତିକ ଭବନ ଟି ନାଚଗୀତ ସହ ଆନନ୍ଦ ଉଲ୍ଲାସର ଛାୟା ଖେଳିଯାଇଥିବା ଦେଖିବାକୁ ମିଳିଥିଲା ।ସୂର୍ଯ୍ୟ ନାରାୟଣ ବେହେରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ସରକାରୀ ଯୋଜନା ଅର୍ଥ ହେରଫେର ମାମଲା

ବ୍ରହ୍ମପୁର **୨୧/୧୨ (ନି.ପ୍ର):** ସରକାରୀ ଯୋଜନା ଅର୍ଥ ହେରଫେର କରିଥିବା ଜଣେ ପଞ୍ଚାୟତ ସେକ୍ରେଟାରୀଙ୍କୁ ୩ ବର୍ଷ ଜେଲ ଦଣ୍ଡ ହୋଇଛି । ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ୨୦୦୭ର ଏହି ମାମଲାର ବିଚାରଣା କରି ଗଞ୍ଜାମ ଜିଲା ବେଗୁନିଆପଡା ବ୍ଲକ ଚନ୍ଦନପୁର ପଞ୍ଚାୟତର ତତକାଳୀନ ଭାରପ୍ରାପ୍ତ ସେକ୍ରେଟାରୀ ବିଜୟ ପ୍ରଧାନ(୬୧) । ଜେଲ ଦଣ୍ଡ ସହ ୨୫ ହଜାର ଟଙ୍କା ଜୋରିମାନା ଦେବାକୁ ନିର୍ଦେଶ ହୋଇଛି । ଜୋରିମାନା ଅନାଦେୟ ଅତିରିକ୍ତ ୧ ବର୍ଷ ;ଜଲ ଦଣ୍ଡ ଭୋଗିବାକୁ ହେବ ବୋଲି ଜଜ୍ ନିଜ ରାୟରେ ଦର୍ଶାଇଛନ୍ତି । ସେହିପରି ଏହି ମାମଲାରେ ସଂପୃକ୍ତ ଥିବା ପଞ୍ଚାୟତର ଭିଏଲଡବ୍ଲ୍ୟୁ କୌଳାସ ସାହୁଙ୍କ ବିଚାରଣା ବେଳେ ଗତବର୍ଷ ପରଲୋକ ହୋଇଯାଇଥିବାରୁ ତାଙ୍କୁ ମାମଲାରୁ ବାଦ ଦିଆଯାଇଛି । ମାମଲାର ବିବରଣୀରୁ ପ୍ରକାଶଯେ, କୋଦଳା ନିକଟ ମୁଣ୍ଡୁଳା ଗ୍ରାମର ବିଜୟଚନ୍ଦ୍ର ପ୍ରଧାନ ୨୦୦୭ରେ ବେଗୁନିଆପଡା ବ୍ଲକ ଚିଙ୍ଗୁଡିଖାଲ ପଞ୍ଚାୟତର ସେକ୍ରେଟାରୀ ରହିଥିବା ବେଳେ ଚନ୍ଦନପୁର ପଞ୍ଚାୟତ ଭାରପ୍ରାପ୍ତ ସେକ୍ରେଟାରୀ ଭାବେ ଦାୟିତ୍ୱ ତୁଲାଉଥିଲେ । ସେହି ସମୟରେ କେନ୍ଦ୍ର ସରକାରଙ୍କ ୨ଟି ଯୋଜନା ଯଥା ସମ୍ପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା ଓ ଜାତୀୟ କର୍ମ ପାଇଁ ଖାଦ୍ୟ ଯୋଜନାରେ ଚନ୍ଦନପୁର ପଞ୍ଚାୟତର ହିତାଧିକାରୀଙ୍କ ପାଇଁ ଆସିଥିବା ୧୯୭ କୁଇଣ୍ଟାଲ ୭୯ କେଜି ୮୦୦ ଗ୍ରାମ ଚାଳଉ ଏବଂ ୬୪ ବସ୍ତା ସିମେଣ୍ଟ ହଡପ କରାଯାଇଥିବା ଅଭିଯୋଗ ହୋଇଥିଲା । ତତକାଳୀନ ପଞ୍ଚାୟତ ସେକ୍ରେଟାରୀ ବିଜୟ ପ୍ରଧାନ ଓ ଭିଏଲଡବ୍ଲ୍ୟୁ କୌଳାସ ସାହୁ ମିଳିତ ଭାବେ ଏହି ୨ ଯୋଜନାରେ ମୋଟ ୨ ଲକ୍ଷ ୬୭ ହଜାର ୬୯୨ ଟଙ୍କା ହୋରଫେର କରିଥିବା ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା । ସେହିକ୍ରମରେ ୨୦୦୭ ଅକ୍ଟୋବର ୭ରେ ଭିଜିଲାନ୍ସ ଟିମ ଚନ୍ଦନପୁର ପଞ୍ଚାୟତରେ ଚଢଉ କରି ଅଭିଯୋଗ ସମ୍ପର୍କିତ ସମସ୍ତ କାଗଜପତ୍ର ଜବତ କରିଥିଲା । ଯାଞ୍ଚ ପରେ ଡିସେମ୍ବର ୨୬ରେ ସେକ୍ରେଟାରୀ ଓ ଭିଏଲଡବ୍ଲ୍ୟୁଙ୍କ ନାଁରେ ଭିଜିଲାନ୍ସ କେସ ନଂ ୨୯/୨୦୦୭ ? ?ର ଏକ ମାମଲା ରୁଜୁ ହେବା ତଦନ୍ତ ଆରମ୍ଭ ହୋଇଥିଲା । ଏହି ମାମଲାର ବିଚାରଣା ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ଚାଲୁଥିବା ବେଳେ ଭିଜିଲାନ୍ସର ତତକାଳୀନ ଇନ୍ସପେକ୍ଟର ଅରୁଣ କୁମାର ନାୟକ ଚାର୍ଜସିଟ ଦାଖଲ କରିଥିଲେ । ବିଚରଣ ବେଳେ ମୋଟ ୧୬ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତି କରି ଅଦାଲତର ଜଜ ଆଜି ଉପରୋକ୍ତ ରାୟ ପ୍ରକାଶ କରିଥିଲେ । ରାୟ ପ୍ରକାଶ ବେଳେ ଅଭିଯୁକ୍ତ ବିଜୟ ପ୍ରଧାନ ଅଦାଲତରେ ଉପସ୍ଥିତ ଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ ।

## ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

ବାଣପୁର **୨୧/୧୨ (ନି.ପ୍ର):** ବାଣପୁର ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତ ଉପେନ୍ଦ୍ର ବିଦ୍ୟାପୀଠ ଓ ଭବାନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ସହଯୋଗରେ ପୁରସ୍କାର ବିତରଣ ଉତ୍ସବ ଗୁରୁବାର ଦିନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀ ମାନେ ପ୍ରତିଦିନ ପିତାମାତା, ଗୁରୁ ଓ ଈଶ୍ୱରଙ୍କୁ ଭକ୍ତି କଲେ ବିଦ୍ୟାଲାଭ ସଫଳ ହେବ ବୋଲି ପରାମର୍ଶ ଦେଇଥିଲେ । ତତ୍ସହିତ ବିଦ୍ୟାଳୟ ଗୃହ ନିର୍ମାଣ, ଖେଳ ପଡିଆ ଉନ୍ନତି କରଣ ସମାଧାନ ସହ ଆଗାମୀ ଦିନରେ ବ୍ଲକ ଗ୍ରାଣ୍ଟ ସ୍କୁଲ ଶବ୍ଦ ରହିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ବକ୍ତା ଭାବେ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ସଦସ୍ୟ ତଥା "ବିଶ୍ୱମୁକ୍ତି" ସଂପାଦକ ପ୍ରଫେସର ଶଶାଙ୍କ ଚୁଡାମଣି ଯୋଗଦେଇଥିବା ବେଳେ ବିଶିଷ୍ଟ ଅତିଥି ରୂପେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ , ସରପଞ୍ଚ ସବିତା ଦାସ, ସମିତି ସଭ୍ୟ କନ୍ଦର୍ପ ଜେନା, ଦୁଇ ବିଦ୍ୟାଳୟର ସଭାପତି ପ୍ରକାଶ ଦାସ ଏବଂ ପବିତ୍ର କୁମାର ବରାଳ ଯୋଗ ଦେଇଥିଲେ । ସଭା ଆରମ୍ଭ ପୂର୍ବରୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଦ୍ୟାଳୟ ରୂପାନ୍ତିକରଣ ଦ୍ୱାରା ନୂତନ ଶ୍ରେଣୀ ଗୃହ, ବିଶୁଦ୍ଧ ପିଇବା ପାଣି, ବିଜ୍ଞାନ ଗୃହ ଓ ଲାଇବ୍ରେରି ଉଦ୍ଘାଟନ କରିଥିଲେ ।

## ଡାବୁଗାଁ ମା ଗୃହରେ ଅସୁରକ୍ଷିତ ଅବସ୍ଥାରେ ଗର୍ଭବତୀ ମହିଳା ମାନେ

### *ସରକାରୀ ଗାଇଡ଼ଲାଇନ କୁ ଅଣଦେଖା କରି ଗର୍ଭବତୀଙ୍କୁ ଅଣ୍ଡା ବଦଳରେ ଦିଅ ଯାଉଛି ଆମ୍ବଳିଆ*

ନବରଙ୍ଗପୁର **୨୧/୧୨ (ନି.ପ୍ର):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ରାଜ୍ୟ ରାଜପଥ କୃଷି କାର୍ଯ୍ୟାଳୟ ନିକଟରେ ଥିବା ମା ଗୃହ ବହୁତ ଅସ୍ୱାସ୍ଥ୍ୟକର ଓ ଖାଦ୍ୟ ସୂଚୀ ଅନୁଯାୟୀ ଗର୍ଭବତୀ ମହିଳାମାନଙ୍କୁ ମିଳୁନି ପୃଷ୍ଟିକର ଖାଦ୍ୟ। ଏପରିକି ଗର୍ଭବତୀ ମହିଳା ମାନେ ଆପରିଷ୍କାର ପରିବେଶରେ ରହୁଥିବା ସୂଚନା ବାରମ୍ବାର ଖବର ପ୍ରସାରଣ ହେଉଥିଲେ ସୁଦ୍ଧା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟ ଏଥିପ୍ରତି କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ଆସିଛି । ଯୋ ଦ୍ୱାରା ମାଁ ଗୃହ ରେ ପ୍ରସବ ଜନିତ ସୁବିଧା ପାଇବାକୁ ଆସୁଥିବା ଗର୍ଭବତୀ ମହିଳା ମାନଙ୍କ ପ୍ରତି ବିପଦ ଦେଖା ଦେଇଛି। ସୂଚନାଯୋଗ୍ୟ :-ମାଁ ଗୃହର କାର୍ଯ୍ୟ ସୂଚୀ ଅନୁଯାୟୀ ଆଜି ଶୁକ୍ରବାର ଅଣ୍ଡା ଦେବା ପରିବର୍ତେ ଗର୍ଭବତୀ ମହିଳାମାନଙ୍କୁ ଭାତ ସହ ଆମ୍ବଳିଆ ତୋରକାରୀ ଦିଆଯାଇଛି। ସୂଚନା ପାଇ ଆମ ଜିଲ୍ଲା ରିପୋର୍ଟର ମାଁ ଗୃହକୁ ଯାଇଥିଲେ। ମାଁ ଗୃହ ଦାୟିତ୍ୱ ରେ ଥିବା ସ୍ୱାସ୍ଥ୍ୟକର୍ମୀ ନିଜେ ପ୍ରକାଶ କରିଛନ୍ତି ଯେ ସେ ଗର୍ଭବତୀ ମହିଳାମାନଙ୍କୁ ଆଜି ଆମ୍ବଳିଆ ତୋରକାରୀ ଦେଇଛନ୍ତି। ଆମ ଖବର ଦାତା ମାନଙ୍କୁ ରସେଇ ସାମଗ୍ରୀ ଦେଖାଇବାକୁ ମନା କରିଦେଇଥିଲେ ।ଏଥିରେ ଜଣା ପଡୁଛି ମାଁ ଗୃହ ରେ ରହୁଥିବା ଗର୍ଭବତୀ ମହିଳା ମାନଙ୍କୁ କି ଭଳି ପୁଷ୍ଟିକର ଖାଦ୍ୟ ଦିଆ ଯାଉଥିବ । ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ କ୍ୟାରମ ବେସରକାରୀ ଅନୁଷ୍ଠାନ ଆନୁକୂଲ୍ୟରେ ଗତ ଚାରି ବର୍ଷ ହେଲା ଡାବୁଗାଁ ଠାରେ 'ମା ଗୃହ' ଚାଲୁ ଅଛି। ଲକ୍ଷ୍ୟ ରହିଛି ଗ୍ରାମାଞ୍ଚଳରେ ଗର୍ଭ ଧାରଣ କରିଥିବା ଅଶିକ୍ଷିତ ଆଦିବାସୀ ମହିଳା ମାନେ ପ୍ରସବ ବେଦନାର ଠିକ୍ ପୂର୍ବରୁ ମା ଗୃହ ଆସି ସେଠାରେ ଉପଯୁକ୍ତ ଯତ୍ନ ଦ୍ୱାରା ଛୁଆ ଜନ୍ମ କରିବେ। ସୁଷମ ଖାଦ୍ୟ ,ଉନ୍ନତ ସ୍ୱାସ୍ଥ୍ୟସେବା, ପୁନର୍ବାସ ଓ ସାମୟିକ ବାସଗୃହ ପ୍ରଦାନ କରି ଗର୍ଭ ଧାରଣ କରିଥିବା ମହିଳା ଙ୍କୁ ସୁବିଧା ପ୍ରଦାନ କରିବେ। କିନ୍ତୁ ଏଠାରେ ଏହାର ଠିକ ବିପରୀତ ସମ୍ପୂର୍ଣ୍ଣ ଅବ୍ୟବସ୍ଥା ଘେରରେ ଚାଲିଛି ମା ଗୃହ। ସୂଚନା ଅନୁଯାୟୀ ଗର୍ଭବତୀ ମା ମାନଙ୍କ ସ୍ୱାସ୍ଥ୍ୟସେବା ରେ ଯତ୍ନ ନେବା ପାଇଁ ମା ଗୃହ ରେ ମହିଳା ସ୍ୱାସ୍ଥ୍ୟ କର୍ମଚାରୀ ନିଯୁକ୍ତି ରେ ଅଛନ୍ତି । ମା ଗୃହର କର୍ମଚାରୀ ମାନେ । ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଡାବୁଗାଁରେ ମା ଗୃହ ଆରମ୍ଭ କରାଯାଇଛି ତାହାର ଓଲଟା ଫଳ ଦେଖିବାକୁ ମିଳିଛି। ଏ ନେଇ ମା ଗୃହ କ୍ୟାରମ୍ ଫାଉଣ୍ଡେସନ ଅନୁଷ୍ଠାନର ମୁଖ୍ୟ ଜୀବନ କୁମାର ଦୀକ୍ଷିତ ଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲୁ କିନ୍ତୁ ଜାଗାଯୋଗ ହୋଇ ପାରି ନ ଥିଲା । କିଛିଦିନ ପୂର୍ବରୁ ଅପରିଷ୍କାର ପରିବେଶ ରେ ମା ଗୃହରେ ରହିବା ଖବର ପ୍ରକାଶ ପାଇଥିଲା କିନ୍ତୁ ଆଜି ପର୍ଯ୍ୟନ୍ତ ମଧ ଏହାର ବିଭାଗୀୟ ତଦନ୍ତ ହୋଇ ପାରିଲା ନାହିଁ। ମା ଗୃହରେ ଥିବା ଗର୍ଭବତୀ ମହିଳା ମାନଙ୍କ ପ୍ରତି ବିପଦ ଥିବାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୁରନ୍ତ ଦୃଷ୍ଟି ଦେବାକୁ ଜନ ସାଧାରଣରେ ଦାବି ହୋଇଛି ।




## ତମ୍ପାଳ ଦାମୋଦର ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସ୍ୱ ଉଦଘାଟନ

ନିମାପଡା **୨୧/୧୨ (ନି.ପ୍ର):** ପୁରୀ ଜିଲ୍ଲା ନିମାପଡା ବ୍ଲକ ତମ୍ପାଳ ଠାରେ ଥିବା ଦାମୋଦର ସରକାରୀ ଉଚ୍ଚ ବିଦ୍ୟାଳୟ ରେ ବାର୍ଷିକ କ୍ରୀଡା ଉତ୍ସ୍ୱ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଦଳାଇ କ୍ରୀଡା ପତକା ଉତ୍ତୋଳନ କରି ପତକା ଦେଖାଇ ଖେଳ ଆରଂମ୍ଭ କରିଥିଲେ ।ଏହି ଖେଳ ଉତ୍ସ୍ୱ କୁ ଖେଳ ଶିକ୍ଷକ ନେତ୍ରାନନ୍ଦ ବାରିକ ପରିଚାଳନା କରିଥିଲେ । ଏହି ଉତ୍ସ୍ୱ ରେ ୧୦୦ ,୨୦୦,୪୦୦,୮୦୦ ଦୌଡ଼ ,ଲଙ୍ଗ ଜମ୍ପ , ହାଇ ଜମ୍ପ ,ମିୟୁଜିକ ଚ୍ୟାରେ , ସଟପୁଟ ପ୍ରମୁଖ ଖେଳ ପ୍ରତିଯୋଗିତା ହୋଇଥିଲା । ଉକ୍ତ କ୍ରୀଡା ଉତ୍ସବ କାର୍ଯ୍ୟକ୍ରମ ରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ରଚିତାନନ୍ଦ ଖଟୋଇ ,ସମିତି ସଭ୍ୟା ସୁମିତ୍ରା ସ୍ୱାଇଁ , ପୂର୍ବତନ ପ୍ରଧାନ ଶିକ୍ଷକ ନିରଞ୍ଜନ କର ,ଚାରିମୌଜା ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶରତ ରଞ୍ଜନ ଭଞ୍ଜ , ପରିଚାଳନା କମିଟିର ସଭାପତି ଲିଙ୍ଗରାଜ ପଣ୍ଡା ,ମୋ ସ୍କୁଲ ର ସଭାପତି ଈଶ୍ୱର ଚନ୍ଦ୍ର ବିଶ୍ୱାଳ , ବରିଷ୍ଠ ଶିକ୍ଷକ ସିସିରେନ୍ଦ୍ର ସାମନ୍ତରାୟ ,ଶିକ୍ଷୟତ୍ରୀ ସଂଗୀତା ବେହେରା ,ସୁଭଲକ୍ଷ୍ମୀ ଦାସ ,ପୁଷ୍ପିତା ମାଝୀ ,ସଂନ୍ଧ୍ୟାରଣୀ ସେଠୀ ,ପିତିକ୍ଷା ବେହେରା ,ନୟନା ସାହୁ ,ନିହାର ରଞ୍ଜନ ବଡ଼ଜେନା ସହିତ ସମସ୍ତ କର୍ମଚାରୀ ଓ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।



## ଷ୍ଟେଟବ୍ୟାଙ୍କ ତରଫରୁ ଅର୍ନଦାତା କାର୍ଯ୍ୟକ୍ରମ



ଜୟପାଟଣା **୨୧/୧୨ (ନି.ପ୍ର):** ଭାରତୀୟ ଷ୍ଟେଟ ବ୍ୟାଙ୍କ ଜୟପାଟଣା ଶାଖା, କଳାହାଣ୍ଡି ତରଫରୁ ସାପ୍ତାହିକ ବଜାର ନିକଟସ୍ଥ ନିତି ନିକେତନ ଫାର୍ମ ହାଉସ ଠାରେ ଅର୍ଣ୍ଣଦାତା ମହୋତ୍ସୋବ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ରେ ବହୁସଂଖ୍ୟାରେ ଚାଷୀ ମାନେ ଅଂଶ ଗ୍ରହଣ କରିଥିଲେ ।ଭାରତୀୟ ଷ୍ଟେଟ ବ୍ୟାଙ୍କ ର ମୁଖ୍ୟ ପ୍ରବନ୍ଧକ ଶ୍ରୀ ପ୍ରଭାକର ଦାଶଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ସଭାରେ ସମ୍ମାନୀତ ଅତିଥି ଭାବେ ପାଇକକେନ୍ଦୁମୁଣ୍ଡି ସରପଞ୍ଚ ଗୀତାଞ୍ଜଳି ପଣ୍ଡା, ଅତିରିକ୍ତ କୃଷି ସହାୟକ ଅଧିକାରୀ ଝରଣା ନାଏକ, ଉଦ୍ୟାନ କୃଷି ସହାୟକ ଅଧିକାରୀ ରଜନୀକାନ୍ତ ,ନ୍ଦିଛୋଡ ମଚାସୀନ କରିଥିଲେ ।ସଫଳ ଚାଷୀ ବିକ୍ରମ ଦେବ ସିଂ, ପ୍ରାଣ ରଞ୍ଜନ ବେହେରା, ଘନଶ୍ୟାମ ଅଗ୍ରୱାଲ ଙ୍କୁ ଏହି ଅବସରରେ ସମ୍ମାନୀତ କରାଯାଇଥିଲା। ଚାରି ଜଣ ଚାଷୀ ୨ କୋଟି ରୁ ଉର୍ଦ୍ଧ୍ୱ ମୂଲ୍ୟର ଲୋନ ନେବାପାଇଁ ଆଗ୍ରହ ପ୍ରକାଶ କରିଥିବା ବେଳେ ବ୍ୟାଙ୍କ ତରଫରୁ ବିଭିନ୍ନ ଯୋଜନା ଓ ସବ୍ସିଡି ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଷ୍ଟେଟବ୍ୟାଙ୍କ ଅଧିକାରୀ ଦେବବ୍ରତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତଙ୍କ ପାଇଁ ଭୋଜନ ର ସୁବନ୍ଦୋବସ୍ତ କରାଯାଇଥିଲା।

# ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିରର ୨୫ ତମ କ୍ରୀଡ଼ା ମହୋତ୍ସବ

ବେଲଗୁଣ୍ଠା **୨୧/୧୨ (ନି.ପ୍ର):** ବେଲଗୁଣ୍ଠା ସହରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିର ରେ ୨୫ ତମ ବାର୍ଷିକ କ୍ରୀଡ଼ା ଉଦଯାପନ ହୋଇଯାଇଅଛି । ଅନୁଷ୍ଠାନର ସମ୍ପାଦକ ସୁଶାନ୍ତ କୁମାର ବେହେରା କ୍ରୀଡ଼ା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ଶିଶୁ ମାନେ ଖେଳରେ ଭାଗ ନେଇ ଖେଳୁଆଡ ମନୋଭାବ ନେଇ ଖେଳିବା ପାଇଁ ଶପଥ ପାଠ କରାଇଥିଲେ ।ତିନିଦିନ ବ୍ୟାପି ଏହି କାର୍ଯ୍ୟକ୍ରମ ଚାଲିବା ମଧରେ ବିଭିନ୍ନ ପ୍ରକାର ଖେଳ ଯଥା ଦୌଡ, ବେଙ୍ଗଡିଆଁ, ଗୋଳା ଫିଙ୍ଗା,ସଙ୍ଗୀତ ଚୌକି, ବର୍ଚ୍ଛା ଫିଙ୍ଗା, ଗୋଟି ଚାଳନା , ଲକ୍ଷ୍ୟ ଭେଦ ଭଳି ବିଭିନ୍ନ ପ୍ରକାରର ଖେଳରେ ଶିଶୁ ମାନେ ଭାଗ ନେଇଥିଲେ । ପ୍ରଥମେ ଗ୍ରାମର ଆରାଧ ଠାକୁର ଶ୍ରୀ ଲକ୍ଷ୍ମୀନୃସିଂହ ପୀଠରୁ ମଶାଲ ଯାତ୍ରା ବାହାରି ଗ୍ରାମ ପରିକ୍ରମା କରି ବିଦ୍ୟାଳୟ ଠାରେ ପହଞ୍ଚିଥିଲାଆ ।ପରେ ପ୍ରଧାନ ଆଚାର୍ଯ୍ୟ କାଶୀନାଥ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥଲେ ।ଶିଶୁ ମାନଙ୍କୁ ୪ ଶ୍ରେଣୀରେ ବିଭକ୍ତ କରି ଖେଳ ଗୁଡିକ ପରିଚାଳନା କରଯାଇଥିଲା । ଜ୍ୟେଷ୍ଠ ବିଭାଗ କୁ ଶିବରାମ ଗୁରୁଜୀ,ମଧ୍ୟମ ବିଭାଗକୁ ସତ୍ୟ ଗୁରୁଜୀ ,କନିଷ୍ଠ ବିଭାଗକୁ ସୁଜାତା ଗରୁମା ଏବଂ ସର୍ବ କନିଷ୍ଠ ବିଭାଗ କୁ ମହାଲକ୍ଷ୍ମୀ ଗରୁମା ପରିଚାଳନା କରିଥିଲେ। ସ୍ୱତନ୍ତ୍ର ଭାବେ ସୂର୍ଯ୍ୟ ନମସ୍କାର ପ୍ରତିଯୋଗୀତା କରଯାଇଥିଲା ଏଥିରେ ଭାବଗ୍ରାହୀ ନାୟକ ୨୭୭ ଥର ରାକେଶ ବେହେରା ୨୫୫ ଥର ଜି. ତୁହାନ ୨୪୦ ଥର ସୂର୍ଯ୍ୟନମସ୍କାର କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ ଏହି କାର୍ଯ୍ୟକ୍ରମ କୁ ରୁନି ଓ ସନ୍ଧ୍ୟା ଗୁରୁମା ପରିଚାଳନା କରିଥିଲେ । ସମସ୍ତ କାର୍ଯ୍ୟକ୍ରମ କୁ ଅନୁଷ୍ଠାନର ବସନ୍ତ, ଗୁଣ୍ଡିଚା, କୀର୍ତ୍ତି ,ସନ୍ତୋଷ ଗୁରୁଜୀ ଓ ପିଙ୍କି, ମାଧୁରୀ, ସିମରନ୍ , ଶୁଭମ୍ ,ପୂଜା, ବିଷ୍ମିତା ଓ ମାହେଶ୍ୱରୀ ଗୁରୁମା ପରିଚାଳନା ରେ ସହଯୋଗ କରିଥିବା ବେଳେ ସହ ପ୍ରଧାନ ଅଚର୍ଯ୍ୟା ଶୁଭଶ୍ରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

## ରାସ୍ତା କଡ଼କୁ ଖସିଲା ଯାତ୍ରୀବାହୀ ବସ, ଅଳ୍ପକେ ବର୍ତିଲେ ଯାତ୍ରୀ



ବାଲୁଗାଁ **୨୧/୧୨ (ନି.ପ୍ର):** ଶୁକ୍ରବାର ଅପରାହ୍ନରେ ବାଲୁଗାଁ ଥାନା ଅନ୍ତର୍ଗତ ନୂଆଗଡ଼ ଓଭର ବ୍ରିଜ ଠାରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଏକ ଯାତ୍ରୀବାହି ବସ ଖସି ପଡ଼ିଥିଲା ।ଯେଉଁଥିରେ ୨୦ ରୁ ଉର୍ଦ୍ଧ୍ୱ ଯାତ୍ରୀ ଯାଉଥିବା ବେଳେ ୧୦ ଜଣ ଆହତ ହୋଇଥିବା ଜଣାପଡିଛି ।ଖବର ମୁତାବକ ବୃନ୍ଦାବନ ନାମକ ଏକ ଯାତ୍ରୀବାହୀ ବସ ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ୧୬ ନଂ ଜାତୀୟ ରାଜପଥ ନାଭାଲ ଫାଣ୍ଡି ନିକଟସ୍ଥ ନୂଆଗଡ଼ ଓଭର ବ୍ରିଜ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଖସି ଯାଇଥିଲା ।ଖବର ପାଇ ଘଟଣା ସ୍ଥଳରେ ନାଭାଲ ଫାଣ୍ଡି ପୋଲିସ ଓ ବାଲୁଗାଁ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ବସରୁ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ ।ତନ୍ମଧ୍ୟରୁ ୧୦ ଜଣ ଆହତ ହୋଇଥିବା ବେଳେ ସେମାନଙ୍କୁ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ।ଅନ୍ୟ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବାବେଳେ ଘଟଣା ସ୍ଥଳରୁ ଡ୍ରାଇଭର,ହେଲ୍ପର,କଣ୍ଡକ୍ଟର ଫେରାର ଥିଲେ ।ଦିନତମାମ ବର୍ଷା ଲାଗି ରହିଥିବା ଯୋଗୁଁ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା ।ପୋଲିସ ସହାୟତାରେ ସମସ୍ତ ଯାତ୍ରୀମାନଙ୍କୁ ନିଜ ନିଜର ଗନ୍ତବ୍ୟ ସ୍ଥାନକୁ ପଠାଯାଇଥିବା ବେଳେ ତଦନ୍ତ ଜାରି ରହିଛି।

## କୁଟିକିଆ ଅଞ୍ଚଳରୁ ୧୨୦ ଏକର ଗଞ୍ଜେଇ ଗଛ ନଷ୍ଟ



ବାଲିଗୁଡ଼ା **୨୧/୧୨ (ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ କୁଟିକିଆ ଜଙ୍ଗଲ ଅଞ୍ଚଳରେ ବେଆଇନ ଭାବେ ଲଗା ଯାଇଥିବା ଗଞ୍ଜେଇ ଗଛକୁ ଅବକାରୀ ବିଭାଗ ସହ ମିଳିତ ସହଯୋଗରେ ବାଲିଗୁଡ଼ା ପୋଲିସ ଦ୍ୱାରା ଗଞ୍ଜେଇ ଚାଷ ନଷ୍ଟ କରା ଯାଇଛି। ସମ୍ପୂର୍ଣ୍ଣ ବେଆଇନ ଗଞ୍ଜେଇ ଚାଷ ଉପରେ ରୋକ ଲଗାଇବାକୁ ପୋଲିସ ବିଭାଗ ଅହରହ ଅଭିଯାନ ଚଳାଇ ଥିଲେ ମଧ ଗଞ୍ଜେଇ ଚାଷ ବଢିବାରେ ଲାଗି ଥିବା ଦେଖିବାକୁ ମିଳିଛି। ହେଲେ ଏ ନେଇ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କୁଟିକିଆ ପଞ୍ଚାୟତ ଅଞ୍ଚଳରୁ ବାଲିଗୁଡ଼ା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ପୋଲିସ ଦଳ ସମେତ ଅବକାରୀ ଓ ଜଙ୍ଗଲ ବିଭାଗ ସଦଳବଳେ ଚଢଉ କରି ପ୍ରାୟ ୧୨୦ ଏକର ଜଙ୍ଗଲ ଜମିରେ ଚାଷ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ଏକ କୋଟି ଟଙ୍କାର ବେଆଇନ ଗଞ୍ଜେଇ ଗଛ ସବୁ କାଟି ପୋଡି ନଷ୍ଟ କରି ଦିଆଯାଇଛି। ଏ ସକ୍ରାନ୍ତରେ କେହି ଗିରଫ ହୋଇ ନଥିବା ବେଳେ ବାଲିଗୁଡ଼ା ଥାନାରେ ୩୨୭/୨୪ ରେ ଏକ ଏନଡିପିଏସ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଶ୍ରୀ ସାହୁ ପ୍ରକାଶ କରିଛନ୍ତି। ଉକ୍ତ ଗଞ୍ଜେଇ ଚାଷ ପୋଡ଼ି କାର୍ଯ୍ୟରେ ବାଲିଗୁଡ଼ା ତହସିଲଦାର ଦୀପ୍ତି ପ୍ରକାଶ ବେହେରା ମାଜିଷ୍ଟ୍ରେଟ ଭାବେ ଯୋଗ ଦେଇଥିଲେ।

# ଅଲିଭ୍ ରିଡଲେଙ୍କ ସୁରକ୍ଷାକୁ ଗୁରୁତ୍ୱ

ଭୁବନେଶ୍ୱର,୨୧/୧୨: ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁଉଚ୍ଚ କ୍ଷମତା ସମ୍ପନ୍ନ କମିଟି ବୈଠକ-୨୦୨୪-୨୫ ଗତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ଆମ ରାଜ୍ୟରେ ସୁଦୀର୍ଘ ବେଳାଭୂମି ରହିଛି । ଅଲିଭ୍ ରିଡଲେକଇଁଛର ସୁରକ୍ଷା ଓ ସଂରକ୍ଷଣ ଏକ ବୈଶ୍ୱିକ ପ୍ରସଙ୍ଗ । ପର୍ଯ୍ୟଟନ ଦୃଷ୍ଟିକୋଣରୁଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଆଧୁନିକ ଜ୍ଞାନକୌଶଳର ଉପଯୋଗରେ ସାମୁଦ୍ରିକକଇଁଛମାନଙ୍କର ଗତିବିଧି ଉପରେ ନଜର ରଖାଯିବା, ସମୂହ ଅଣ୍ଡାଦାନ ଋତୁରେ ସଂପୃକ୍ତ ଅଂଚଳରେ ବ୍ୟାପକ ସଚେତନତା ଓ ଆଇନ ଖିଲାପକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏନଫୋରର୍ସମେଣ୍ଟ ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ସାମୁଦ୍ରିକକଇଁଛଓଅଣ୍ଡାକୁସୁରକ୍ଷାଦେବା ଆମର ଦାୟିତ୍ୱ ଏବଂ କର୍ତ୍ତବ୍ୟ । ବିଗତ ବର୍ଷଗୁଡ଼ିକ ପରି ଚଳିତ ବର୍ଷ ମଧ୍ୟ ରାଜ୍ୟ ସରକାରଙ୍କ ତରଫରୁ ଏ ଦିଗରେ ଆବଶ୍ୟକ ସମସ୍ତ ସହଯୋଗ ଦିଆଯାଉଛି ଓ ଏହା ଜାରି ରହିବ ବୋଲି ସେ କହିଛନ୍ତି । ଏହି ବିରଳ ସାମୁଦ୍ରିକ ପ୍ରାଣୀ ଓଡିଶାର ସାମୁଦ୍ରିକ ତଟ ଗହୀରମଥା ବନ୍ୟପ୍ରାଣୀ ଅଭୟାରଣ୍ୟ, ଭିତରକନିକା ଅଭୟାରଣ୍ୟ, ଦେବୀ ନଦୀ ମୁହାଣ, ବାଲୁଖଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟ, ଋଷିକୂଲ୍ୟା ବନ୍ୟପ୍ରାଣୀ ଅଭୟାରଣ୍ୟ ନଦୀ ତଟକୁ ପ୍ରତି ବର୍ଷଲକ୍ଷାଧିକ ସଂଖ୍ୟାରେ ଅଣ୍ଡାଦେବାକୁ ଆସିଥା'ନ୍ତି ।ବୈଠକରେ ସ୍ୱରାଷ୍ଟ୍ର(ଗୃହ) ତଥା ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠଙ୍କ ସମେତ କମିଟିର ସଦସ୍ୟ ଥିବା ବିଭିନ୍ନ ଅନୁଷ୍ଠାନ ଓ ପ୍ରତିଷ୍ଠାନର ଉଚ୍ଚ କର୍ତ୍ତୃପକ୍ଷମାନେ ଉପସ୍ଥିତ ଥିଲେ । ଲୋକସେବା ଭବନରେଅନୁଷ୍ଠିତ ଏହି ବୈଠକରେ ପ୍ରଥମେ ଗତ ୨୦୨୩ଡିସେମ୍ବର ମାସରେ ହୋଇଥିବା ବୈଠକର ନିଷ୍ପତ୍ତିର କାର୍ଯ୍ୟାନୁଷ୍ଠାନ ଏବଂ ୨୦୨୪-୨୫ ବର୍ଷ ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ବିଶଦ୍ ସୂଚନା ଦିଆଯାଇଥିଲା ।ବିଗତ ୧୦ ବର୍ଷରେ ଅଣ୍ଡାଦାନ ସଂଖ୍ୟା ଅନୁଧ୍ୟାନ କରାଯାଇଥିଲା । ୨୦୨୨-୨୩ ବର୍ଷରେ ଗହୀରମଥାଉପକୂଳ ଓ ଋଷିକୂଲ୍ୟାଠାରେ ସର୍ବାଧିକ ୧୧.୪୯ ଲକ୍ଷ ଅଲିଭ୍ ରିଡଲେ କଇଁଛଙ୍କ ସମୂହ ଅଣ୍ଡାଦାନ ହୋଇଥିଲା । ଗଣ ଅଣ୍ଡାଦାନ ପରେ ଅଣ୍ଡାର ସୁରକ୍ଷା ପାଇଁ ଆବଶ୍ୟକ ସ୍ଥଳେ ଘେରି କରାଯାଇ ବରାବର କଡା ନଜର ରଖାଯାଇଥିଲା । ଗତ ୨୦୨୩-୨୪ ବର୍ଷରେ ସମୂହ ଅଣ୍ଡାଦାନ ହୋଇନଥିବା ବେଳେ ବିଭିନ୍ନ ଉପକୂଳରେ ମାତ୍ର ୩ ଲକ୍ଷ ଅଣ୍ଡାଦାନ ହୋଇଥିଲା । ଏହି ସଂଖ୍ୟାରେ ବିଭିନ୍ନତାର କାରଣ ସଂପର୍କରେ ଆଲୋଚନା କରାଯାଇଥିଲା । ତେବେ ଏହାର ସଠିକ୍ କାରଣ ଏବେବି ରହସ୍ୟାବୃତ୍ତ ବୋଲି ଆଲୋଚନା ପ୍ରକାଶ ପାଇଥିଲା । ତେବେ ୨୦୨୪-୨୫ ବର୍ଷ ନିମନ୍ତେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁଗତ ନଭେମ୍ବର ପହିଲାରୁ



ଋତୁକାଳୀନ କାର୍ଯ୍ୟ ଆରମ୍ଭ ହୋଇସାରିଛି । କେନ୍ଦ୍ରୀୟ ମନିଟରିଂ ୟୁନିଟ୍ ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟରେ କାର୍ଯ୍ୟ କରୁଛି ।ଏଥିପାଇଁ ସମ୍ପୃକ୍ତ ଉପକୂଳ ବନ ବିଭାଗ ଡିଭିଜନକୁ ପାଣ୍ଠି ଆବଣ୍ଟନ କରାଯାଇଛି ।ଗତ ନଭେମ୍ବର ୮ ତାରିଖରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂସ୍ଥା ଏବଂ ବିଭିନ୍ନ ଗୋଷ୍ଠୀଭିତ୍ତିକ ସଂସ୍ଥାମାନଙ୍କ ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । କ୍ଷେତ୍ରସ୍ତରୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ଏ ସଂପର୍କରେ ସଚେତନ କରାଯାଇଛି । ନଭେମ୍ବର, ୨୦୨୪ରୁ ଆଗାମୀ ମେ୨୦୨୫ ପର୍ଯ୍ୟନ୍ତ ସମ୍ପୃକ୍ତ ଉପକୂଳ ବନଖଣ୍ଡ ଅଧିକାରୀଙ୍କୁ ଆବଶ୍ୟକ ପୁଲିସ ଫୋର୍ସ ମୁତୟନ ପାଇଁ ସହଯୋଗ ନିମନ୍ତେ ଗୃହ ବିଭାଗକୁ ଅନୁରୋଧ କରାଯାଇଛି । ଏଥିପାଇଁ ସମୁଦ୍ରକୂଳ ପୁଲିସ୍ ଥାନାକୁ ମଧ୍ୟ ସହଯୋଗ ପାଇଁ ନିର୍ଦ୍ଦେଶ ପାଇଁ ପରାମର୍ଶ ଦିଆଯାଇଛି । ପୂର୍ବ ଭଳି ରାଜନଗର ବନ୍ୟପ୍ରାଣୀ, ଭଦ୍ରକ ବନ୍ୟପ୍ରାଣୀ ଓ ବ୍ରହ୍ମପୁର ( ସହର ) ଡିଭିଜନରେ ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ହାଇସ୍ପିଡ ବୋଟ୍ ମୁତୟନ କରାଯାଇଛି ।ଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ୬୬ଟି ପାଟ୍ରୋଲିଂ କ୍ୟାମ୍ପ (୬୧ଟି ଅନ୍ ସୋର୍ ଓ ୫ଟି ଅଫ୍ ସୋର୍ ) ଭିଏଚ୍ଏଫ୍, ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ ସୁବିଧା ସହିତ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବନ ବିଭାଗ, ଭାରତୀୟ ତଟରକ୍ଷୀ ବାହିନୀ, ମତ୍ସ୍ୟ ବିଭାଗ ଏବଂ ମେରାଇନ୍ ପୁଲିସର ସହଯୋଗରେ ମିଳିତଭାବେ ସମୁଦ୍ରରେ ପାଟ୍ରୋଲିଂ କରାଯିବା ନେଇ ସମନ୍ୱୟ ବୈଠକ କରାଯାଉଛି ।ମିଳିତ ସମୁଦ୍ର ପାଟ୍ରୋଲିଂ ଏବଂ ଆଲୋକ ନିୟନ୍ତ୍ରଣ ଆୟୋଜନ ପାଇଁ ସମସ୍ତ ଉପକୂଳ ଡିଏଫ୍ଓମାନଙ୍କ ଦ୍ୱାରା ଆଇଟିଆର, ଡିଆରଡିଓ କର୍ତ୍ତୃପକ୍ଷ ,ଚାନ୍ଦିପୁର, ବିଭିନ୍ନ ଉପକୂଳରେ ଥିବା ଅନୁଷ୍ଠାନ, ମତ୍ସ୍ୟ ବିଭାଗ ଅଧିକାରୀ , ବନ୍ଦର କର୍ତ୍ତୃପକ୍ଷ, ତଟରକ୍ଷୀ ବାହିନୀଏବଂ ଉପକୂଳ ଜିଲ୍ଲାର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ସହିତ ନିୟମିତ ଭାବରେ ସମନ୍ୱୟ ବୈଠକ ଅନୁଷ୍ଠିତ କରାଯିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ପ୍ରତିବର୍ଷ ନଭେମ୍ବର ପହିଲାରୁ ପରବର୍ତ୍ତୀ ବର୍ଷ ମେ' ୩୧ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳର ଧାମରା, ଦେବୀ ଓ ଋଷିକୂଲ୍ୟା ନଦୀ ମୁହାଣ ନିକଟବର୍ତ୍ତୀ ୨୦ କିଲୋମିଟର ମଧ୍ୟରେ ମୋଟରଚାଳିତ ଜାହାଜ, ଟ୍ରଲର ଏବଂ ଯାନ୍ତ୍ରିକ ମାଛଧରା ବ୍ୟବସ୍ଥାରେ ମାଛ ଧରିବା ନିଷେଧ କରିବାକୁ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ ପକ୍ଷରୁ ବିଜ୍ଞପ୍ତି ରହିଛି । ଗହୀରମଥା ଅଭୟାରଣ୍ୟ କ୍ଷେତ୍ରରେ ଏହି କଟକଣା ବର୍ଷସାରା ଜାରି ରହିଛି । ଏ ସଂପର୍କରେ ସ୍ଥାନୀୟ ମତ୍ସ୍ୟଜୀବୀ ଏବଂ ଅନ୍ୟ ଅଂଶୀଦାରଙ୍କ ସହ ଡିଏଫ୍ଓମାନେ ନିୟମିତ ଭାବେ ସଚେତନତା ବୈଠକ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି ।ବାବୁବାଲି, ଅଗରନାସୀ, ନୂଆ ଦେବୀ ନାସି ଦ୍ୱୀପ, ପୁରୁଣାବନ୍ଧ ଇତ୍ୟାଦି ସମୁଦ୍ର ଯାତାୟାତ ପାଟ୍ରୋଲିଂର ଘାଟି ହେବ ।ଜବତ ମାଛଧରା ଜାହାଜଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ରାଜନଗର ହେନ୍ତାଳ ବନ ଜଙ୍ଗଲ ଡିଭିଜନର ବରୁଣେଇ, ଗୁପ୍ତି, ଶାସନପେଟା ଓ କୃଷ୍ଣପ୍ରିୟାପୁରରେ ବର୍ଥିଂ ସ୍ଥାନ ରହିଛି ।ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ପାଇଁ ଉପକୂଳବର୍ତ୍ତୀ ଜିଲ୍ଲାର ଜିଲ୍ଲାପାଳ ଓ ଏସପିମାନେ ସଂପୃକ୍ତ ଡିଏଫ୍ଓମାନଙ୍କୁ ପୂର୍ବ ବର୍ଷ ଭଳି ଆବଶ୍ୟକ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଗହୀରମଥା ବନ୍ୟପ୍ରାଣୀ ଅଭୟାରଣ୍ୟ ବ୍ୟତୀତ ନିଷିଦ୍ଧ ଅଞ୍ଚଳରେ ବନ ବିଭାଗ ସହ ମିଳିତ ପାଟ୍ରୋଲିଂ କରିବା ସହ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ ସ୍ୱାଧୀନ ଭାବେ ପାଟ୍ରୋଲିଂ କରିପାରିବ। ସେହି ନିଷିଦ୍ଧ ଅଞ୍ଚଳରେ ବେଆଇନ ଭାବେ ମାଛ ଧରିବା ପାଇଁ ସେମାନେ ଓଏମ୍ଏଫ୍ଆରଏ ଅଧୀନରେ ମାମଲା ରୁଜୁ କରିପାରିବେ ।ଆଇନ୍ ଉଲ୍ଲଙ୍ଘନ କରୁଥିବା କ୍ଷେତ୍ରରେ ଜରିମାନା ଆଦାୟ ବ୍ୟବସ୍ଥା ସହିତ ଏହି ଋତୁରେ ଯେଉଁ ମାଛଧରାଳି ବା ଧିବରମାନେ କ୍ଷତିଗ୍ରସ୍ତ ହେଉଛନ୍ତି, ସେମୋନଙ୍କୁ ସରକାରୀ ଅନୁମୋଦନ ମୁତାବକ କ୍ଷତିପୂରଣ ଅର୍ଥ ପ୍ରଦାନ କରାଯାଉଥିବା ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ ପ୍ରମୁଖ ଶାସନ ସଚିବପ୍ରକାଶ କରିଥିଲେ । ବିଭାଗ ଦ୍ୱାରା ମତ୍ସ୍ୟଜୀବୀମାନଙ୍କୁ "ନୋ-ଫିସିଂ ଜୋନ୍" ବିଷୟରେ ସତର୍କ କରାଇବା ପାଇଁ ବିକଶିତ ଫିସର ଫ୍ରେଣ୍ଡ ମୋବାଇଲ ଆପ୍ଲିକେସନ (ଏଫଏଫଏମଏ) ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି । ସମୁଦ୍ର କଳ ନିରୀକ୍ଷଣ କରିବା ପାଇଁ ବନ କର୍ମଚାରୀଙ୍କ ଦ୍ୱାରା ଋତୁଭିତ୍ତିକ ଶିବିର ପାଇଁ ଆଉଟର ହ୍ୱିଲର ଦ୍ୱୀପ (ନାସି-୨)ରେ ସ୍ଥାନର ବ୍ୟବସ୍ଥା କରାଯିବାକୁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଛି ।ନୂଆ ପଦକ୍ଷେପ ସ୍ୱରୂପ ଅଣ୍ଡାଦାନ ଋତୁରେ ପାଣି ଭିତରେ ଭିଡ଼ିଓଗ୍ରାଫିକୁ ଗୁରୁତ୍ୱ ଦିଆଯାଉଛି । ସାଟେଲାଇଟ୍ଟେଲିମେଟ୍ରି ଅଧ୍ୟୟନ ଜରିଆରେ ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛଙ୍କ ଗତିବିଧି ଉପରେ ନଜର ରହିବାକୁ ପଦକ୍ଷେପ ନିଆଯାଇଛି ।ଭାରତୀୟ ବନ୍ୟପ୍ରାଣୀ ସଂସ୍ଥାନ (ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ) ତରଫରୁ ଆଧୁନିକ ଜ୍ଞାନ କୌଶଳର ଉପଯୋଗରେ ଏକ ୩ ବର୍ଷିଆ ଅଧ୍ୟୟନ ପାଇଁ ଦିଆଯାଇଥିବା ପ୍ରସ୍ତାବ ସଂପର୍କରେ ଆଲୋଚନା ହୋଇଛି । ଏହାଦ୍ୱାରା ଓଡ଼ିଶା ଉପକୂଳରେ ଅଲିଭ୍ ରିଡଲେ କଇଁଛଙ୍କର ସ୍ଥାନ ପରିବର୍ତ୍ତନ ଜନିତ ବ୍ୟବହାର, ସମୁଦ୍ର କୂଳରେ ଗତିବିଧି, ସମ୍ଭାବ୍ୟ ଅଣ୍ଡାଦାନ ସ୍ଥାନ, ସେମାନଙ୍କର ଅନ୍ୟତ୍ର ଗତିବିଧି ସଂପର୍କିତ ପ୍ରବାସୀ ଆଚରଣ ସଂପର୍କରେ ନଜର ରହିବ, ଯଦ୍ୱାରା ଏହି ବିରଳ ସାମୁଦ୍ରିକ ଜୀବର ସୁରକ୍ଷା ଓ ସଂରକ୍ଷଣ ଦିଗରେ ପରିଚାଳନା ଅଧିକ ସହଜ ହୋଇପାରିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା ।

## ଓଡିଶାରେ ୧୧୦ ଆରଓବିକୁ ଅନୁମୋଦନ



ଭୁବନେଶ୍ୱର,୨୧/୧୨: ଭିତ୍ତିଭୂମି ତଥା ଜନସାଧାରଣଙ୍କ ନିରାପତ୍ତାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ (ଇକୋର) ଶ୍ରୀ ପରମେଶ୍ୱର ଫୁଙ୍କୱାଲ ରେଳବାଇ (ସଂଶୋଧନ) ଅଧିନିୟମ ୨୦୦୮ ଅନୁଯାୟୀ ୧୭୦ ଗୋଟି ରୋଡ୍ ଓଭର ବ୍ରିଜ୍ (ଆରଓବି) ନିର୍ମାଣ ପ୍ରକଳ୍ପକୁ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଭାବରେ ଘୋଷଣା କରିବାକୁ ଅନୁମୋଦନ କରିଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପଗୁଡିକର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବାକୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସ୍ଥିର ହୋଇଛି, ଯାହା ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବାରେ ଏବଂ ଶୀଘ୍ର ଅନୁମୋଦନକୁ ସକ୍ଷମ କରିବାରେ ସାହାଯ୍ୟ କରିବ । ଏହି ପ୍ରକଳ୍ପଗୁଡିକୁ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଭାବରେ ଡିଜାଇନ୍ କରି, ପୂର୍ବତଟ ରେଳପଥ ରାଜ୍ୟ କର୍ତ୍ତୃପକ୍ଷଙ୍କ ସହିତ ସୁଗମ ସମନ୍ୱୟକୁ ସୁଗମ କରିବା, ଠିକ୍ ସମୟରେ ସମାପ୍ତି ସୁନିଶ୍ଚିତ କରିବା ଏବଂ ସାମଗ୍ରିକ କାର୍ଯ୍ୟକ୍ଷମତା ବୃଦ୍ଧି କରିବା ଲକ୍ଷ୍ୟ ରଖିଛି । ୧୭୦ ଗୋଟି ପ୍ରକଳ୍ପ ମଧ୍ୟରୁ ୧୧୦ ଗୋଟି ପ୍ରକଳ୍ପ ଓଡିଶାରେ ଥିବାବେଳେ ୬୦ ଗୋଟି ପ୍ରକଳ୍ପ ଆନ୍ଧ୍ରପ୍ରଦେଶରେ ଅବସ୍ଥିତ । ଏହି ରୋଡ୍ ଓଭର ବ୍ରିଜ୍ ଆରଓବି ଗୁଡିକ କେବଳ ରେଳ ଭିତ୍ତିଭୂମିରେ ଉନ୍ନତି ଆଣିବ ନାହିଁ ବରଂ ଉଭୟ ସଡକ ଏବଂ ରେଳ ବ୍ୟବହାରକାରୀଙ୍କ ସୁରକ୍ଷା ଏବଂ ସୁବିଧାକୁ ମଧ୍ୟ ଯଥେଷ୍ଟ ବୃଦ୍ଧି କରିବ । ମାନବ ରହିତ ଲେଭଲ କ୍ରସିଂଗୁଡିକ ବିଲୋପ କରିବା ଦ୍ୱାରା ଦୁର୍ଘଟଣାର ଆଶଙ୍କା ହ୍ରାସ ପାଇବ, ଟ୍ରାଫିକ୍ ପ୍ରବାହକୁ ସୁଗମ କରିବାରେ ସହାୟକ ହେବ ଏବଂ ଟ୍ରେନ୍ ଚଳାଚଳର ଉନ୍ନତ ଗତିଶୀଳତା ପାଇଁ ଅନୁମତି ଦିଆଯିବ । ଏହି ପ୍ରକଳ୍ପଗୁଡିକ ଲେଭଲ୍ କ୍ରସିଂ ଗେଟ୍ ଗୁଡିକରେ ଟ୍ରାଫିକ୍ ସମସ୍ୟାକୁ ହ୍ରାସ କରି ସମଗ୍ର ଅଞ୍ଚଳରେ ନିରନ୍ତର ସଂଯୋଗକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି । ଜନସାଧାରଙ୍କ ନିରାପତ୍ତା ଏବଂ ଭିତ୍ତିଭୂମି ବିକାଶ ଉପରେ ଧ୍ୟାନ ଦେଇ, ୧୭୦ ଗୋଟି ରୋଡ୍ ଓଭର ବ୍ରିଜ୍ ଆରଓବି ପ୍ରକଳ୍ପ ଜନସାଧାରଣଙ୍କ କଲ୍ୟାଣକୁ ବୃଦ୍ଧି କରାଇବା ସହିତ ପରିବହନ ବ୍ୟବସ୍ଥାର ବିସ୍ତାର ଏବଂ ଆଧୁନିକୀକରଣର ଜାତୀୟ ଲକ୍ଷ୍ୟ ସହିତ ସମକକ୍ଷ ହେବ । ପୂର୍ବତଟ ରେଳପଥ ଆଞ୍ଚଳିକ ବିକାଶରେ ସହାୟକ ହେଉଥିବା ତଥା ଉଭୟ ସଡକ ଏବଂ ରେଳ ବ୍ୟବହାରକାରୀଙ୍କ ବୃଦ୍ଧି ପାଉଥିବା ଭିତ୍ତିଭୂମି ଆବଶ୍ୟକତାକୁ ସମାଧାନ କରିବାରେ ଉତ୍ସର୍ଗୀକୃତ ହୋଇ ରହିଥାଏ । ପରିବହନ କ୍ଷେତ୍ରରେ ଭିତ୍ତିଭୂମି ବୃଦ୍ଧି, ନିରାପଦ ତଥା ଦକ୍ଷ ରେଳ ସେବା ସୁନିଶ୍ଚିତ କରିବା ଏବଂ ପୂର୍ବାଞ୍ଚଳର ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିରେ ସହଯୋଗ କରିବାକୁ ପୂର୍ବତଟ ରେଳପଥ ସର୍ବଦା ପ୍ରତିବଦ୍ଧ ।

## ଅଦିନିଆ ଲଗାଣ ବର୍ଷା ଦେଖି ଚାଷୀ କୁଳ ହତାଶ/ପାଚିଲା ଧାନ କ୍ଷେତ ଜଳମଗ୍ନ

କାଶୀନଗର , ୨୧/୧୨: ପଶ୍ଚିମାଞ୍ଚଳ ଝଡ଼ ପ୍ରଭାବରେ ଶୀତୁଆ ପବନ ସହ ଝିପି ଝିପି ବର୍ଷା ଗତ ଦୁଇ ଦିନ ହେଲା କାଶୀନଗର ଅଞ୍ଚଳ ବାସୀଙ୍କୁ ଅସ୍ତ ବ୍ୟସ୍ତ କରୁଛି। ଲୋକେ ଘରୁ ବାହାରି ବାକୁ ପଛଉଥିବା ବେଳେ ଅଞ୍ଚଳର କ୍ଷେତ ବାଡ଼ି ସବୁ ଝିପି ଝିପି ବର୍ଷା ଦ୍ୱାରା ଜଳମଗ୍ନ ହୋଇ ଯାଇଥିବା ଦେଖାଯାଉଛି ଏହି ଅଦିନିଆ ଲଗାଣ ବର୍ଷା ସାଜିଲା ଦାଉ, ଚାଷୀ ମାନେ ଟାରପାଲିନ ଘୋଡେଇ ଧନକୁ ସୁରକ୍ଷିତ ରଖିଥିଲେ ମଧ୍ୟ ବର୍ଷା ପାଣି ଭିତରେ ପଶି ଧାନ ସବୁ ଶାନ୍ତସନ୍ତିଆ ହୋଇ ଯାଉଛି । ଚାଷୀ ମାନଙ୍କ ଦୁଃଖ ଧାନ ଲଗେଇବା ଦିନ ଠାରୁ ଅମଳ ହେବା ଯାଏଁ ସମସ୍ୟା ପରେ ସମସ୍ୟା କେତେବେଳେ ହାତୀ, ଆଉ କେତେବେଳେ ବାନ୍ୟଜନ୍ତୁ ଆଉ ଏବେ ଲଘୁଚାପ ଜନିତ ଅଦିନିଆ ଲଗାଣ ବର୍ଷା ଯାହା ଦ୍ୱାରା ସେମାନେ ଚିନ୍ତାରେ ରହୁଛନ୍ତି. ବର୍ତମାନ କିଛି ଚାଷୀ ଙ୍କ ଧାନ ଖଳାରେ ଭିଜୁ ଥିବା ସୂଚନା ମିଳୁଛି ଏବଂ ଏହି ଅମଳ ହୋଇଥିବା ଧାନ ବର୍ଷା ଅଧିକ ହେଲେ ଧାନର ମାନ ହ୍ରାସ ହେବ ଓ ଧାନ ଗଜା ହୋଇଯିବା କଥାକୁ ଆମେ ଏଡେଇ ପରିବା ନାହିଁ। ସ୍ଥାନୀୟ ପ୍ରଶାସନ ଯଦି ଆଗରୁ ଚାଷୀ ମାନଙ୍କୁ ଆଗୁଆ ସଚେତନ କରିଥିଲେ ଚାଷୀ ମାନେ କିଛି ମାତ୍ରାରେ ଉପକୃତ ହୋଇଥାନ୍ତେ। ଏହି ଲଘୁଚାପ ଜନିତ ବର୍ଷା ଚାଷୀଙ୍କ ହୋସ ଉଡେଇ ସେମାନଙ୍କ ବର୍ଷ ସାରା କରିଥିବା କଷ୍ଟକୁ ଧୋଇ ଦେବ ନାହିଁ ତ ! କାଶୀନଗର ଅଞ୍ଚଳ ରେ ଏବେ ଯାଏଁ ଧାନ ମଣ୍ଡି ଖୋଲା ଯାଇନି ଏବଂ ଏ ମଣ୍ଡି ଖୋଲା ନେଇ ସମବାୟ ସଭାପତି ଆର.ଚଲାପତି ଙ୍କୁ ଯୋଗାଯୋଗ କରିବାରୁ ମଣ୍ଡି ଏହି ମାସ ଶେଷ ସୁଦ୍ଧା ଖୋଲା ହେବ ବୋଲି ସୂଚନା ଦେଇଥିଲେ। ଯଦି ମଣ୍ଡି ଶୀଘ୍ର ଖୋଲା ହୋଇଥାନ୍ତା ତେବେ ଆଜି ଚାଷୀମାନଙ୍କ ଏ ଅବସ୍ଥା ହୋଇ ନ ଥାନ୍ତେ ଏବଂ ଧାନ ବାହାରେ ଏମିତି ରଖି ନ ଥାନ୍ତେ ବୋଲି କିଛି ଚାଷୀ କହିଛନ୍ତି। ବର୍ଷା ଯଦି ଏମିତି ଲାଗୁ ରହିବ ତା ହେଲେ ଧାନ ଭିଜି ଯାଇ ମଣ୍ଡିକୁ ଗଲା ବେଳେ ତାର ମାନ କଣ ରହିବ ତାହା ଚିନ୍ତା କରୁଛନ୍ତି ଚାଷୀ।



## ଅନ୍ତରଙ୍ଗ ଯୁବ ମହାସଂଘ ଦ୍ୱାରା ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ

ଘୁ ଉଦୟଗିରି ତା,୨୧/୧୨ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀକ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନ୍ତରଙ୍ଗ ଯୁବ ମହାସଂଘ ଦ୍ୱାରା ମଣିଷ ଜୀବନରେ ସୁସ୍ଥମାନସିକତା ଓ ଉତ୍ତମ ସ୍ୱାସ୍ଥ୍ୟର ଜରୁରୀ ଆବଶ୍ୟକତା ରହିଛି । ପ୍ରତ୍ୟେକ ମଣିଷ ଜୀବନରେ ସୁସ୍ଥତା ଅନୁଭବ କଲେ କାର୍ଯ୍ୟରେ ପରିବର୍ତ୍ତନ ଘଟାଇବା ସମ୍ଭବପର ହୋଇଥାଏ । ଶିଶୁଠାରୁ ଆରମ୍ଭ କରି ବୃଦ୍ଧ ବୃଦ୍ଧା ପର୍ଯ୍ୟନ୍ତ ସମସ୍ତେ ଉତ୍ତମ ଙ ନିରାମୟ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଇଥାନ୍ତି ।ରାଜ୍ୟ ସରକାର ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ଉତ୍ତମ ନିରୋଗ ସ୍ୱାସ୍ଥ୍ୟ ରକ୍ଷା କରିବା ପାଇଁ ତୃଣମୂଳ ସ୍ତରରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରି ଲୋକମାନଙ୍କୁ ସଚେତନ କରିବାରେ ପ୍ରଚେଷ୍ଟା କରୁଛନ୍ତି। ସେହିପରି ବର୍ତ୍ତମାନ ସମୟରେ ଦିନକୁ ଦିନ ଅନବରତ ବିଭିର୍ଣ୍ଣ ପ୍ରକାର ରୋଗ ବାଗ ଦେଖାଗଲାଣି, ଏହାକୁ ଦୃଷ୍ଟିରେ ରଖି ଆଜି ଦିନରେ ସମଗ୍ର ବିଶ୍ୱରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଆଉ ଅନୁରୂପ ଭାବେ ଆଜି ଘୁ. ଉଦୟଗିରି ବ୍ଲକ୍ ଅନ୍ତର୍ଗତ ଲିଙ୍ଗାଗଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆକ୍ସନ ଏଡ୍, ଜାତୀୟ ସ୍ୱାସ୍ଥ୍ୟ ମିଶନ, ପ୍ରଦାତ୍ତା ଓ ୟୁନିସେଫ ସହଯୋଗରେ ଅନ୍ତରଙ୍ଗ ଯୁବ ମହାସଂଘ କନ୍ଧମାଳ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଘୁ. ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡଃ. ରତିକାନ୍ତ ସାହୁ, ସମ୍ମାନିତ ଅତିଥି ଜିଲ୍ଲା ଯୋଗ ପ୍ରଭାରୀ ବଟକୃଷ୍ଣ ଦାସ ଯୋଗଦେଇଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଯୋଗଦାନ କରିଥିଲେ। ମାନସିକ ଓ ଶାରିରିକ ସ୍ତରରେ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ଏହାର ସମାଧାନ ପାଇଁ ଆଲୋଚନା କରାଯାଇଥିବାବେଳେ ମୋ ସ୍ୱାସ୍ଥ୍ୟ ମୋ ଅଧିକାର ବିଷୟରେ ଛାତ୍ରୀମାନଙ୍କୁ ଶିକ୍ଷା ଦିଆଯାଇଥିଲା ଓ ସ୍ୱାସ୍ଥ୍ୟର ବିକାଶ ହେବା ସହିତ କିଶୋରୀ ମାନଙ୍କ ଆଧାତ୍ମିକ ଜ୍ଞାନ ବୃଦ୍ଧି ହେବା ପାଇଁ ପ୍ରାଣାୟମ ଓ ଯୋଗ ଦ୍ୱାରା ସମ୍ଭବ କଥା ଅତିଥିମାନଙ୍କ ଦ୍ୱାରା କୁହାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀମାନେ ବିଭିନ୍ନ ପ୍ରାଣାୟମ ଓ ଯୋଗ କରିଥିଲେ। ଅନ୍ତରଙ୍ଗ ଯୁବ ମହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ କୌଶଲ୍ୟା ସାହୁ ସହଯୋଗ କରିଥିଲେ।

## ପଶ୍ଚିମବଙ୍ଗ ପଳାଇଲା ବାଘୁଣୀ ଜିନ୍ନତ



ଭୁବନେଶ୍ୱର,୨୧/୧୨: ମହାରାଷ୍ଟ୍ରରୁ ଆଣି ଶିମିଳିପାଳରେ ଛଡ଼ା ଯାଇଥିବା ବାଘୁଣୀ ଜିନ୍ନତ ପଶ୍ଚିମବଙ୍ଗ ପଳାଇଛି। ଗତକାଲି ରାତିରେ ଝାଡ଼ଖଣ୍ଡର ଜାମସେଦପୁର ରେଞ୍ଜ ଛାଡ଼ି ସେ ପଶ୍ଚିମବଙ୍ଗର ବେଲପାହାଡି ଜଙ୍ଗଲକୁ ଚାଲି ଯାଇଛି। ଏ ନେଇ ସୂଚନା ଦେଇଛନ୍ତି ପୂର୍ବତନ ଅନରାରୀ ୱାଇଲ୍ ?ଡ ଲାଇଫ ୱାଡେନ ଭାନୁମିତ୍ର ଆଚାର୍ଯ୍ୟ। ଜିନ୍ନତକୁ ମହାରାଷ୍ଟ୍ରର ତଡ଼ବା ଜଙ୍ଗଲରୁ ଶିମିଳିପାଳ ଅଭୟାରଣ୍ୟକୁ ଅଣା ଯାଇଥିଲା। ପ୍ରଥମେ ତାଙ୍କୁ ଶିମିଳିପାଳରେ ଏନକ୍ଲୋଜରରେ ରଖାଯାଇଥିଲା ।ପରେ ତାକୁ ଶିମିଳିପାଳର କୋର ଏରିଆ ଭିତରେ ଛାଡ଼ି ଦିଆଯାଇଥିଲା। ତେବେ ଗତ ୧୦ ତାରିଖରେ ଜିନ୍ନତ ଶିମିଳିପାଳ ଛାଡ଼ ଝାଡ଼ଖଣ୍ଡ ପଳାଇଥିଲା। ଜିନ୍ନତ ଝାଡ଼ଖଣ୍ଡର ଜାମସେଦପୁର ରେଞ୍ଜର ଚାକୁଳିଆ ଅଞ୍ଚଳରେ ଥିଲା। ଗତକାଲି ରାତିରେ ସେ ସେଠାରୁ ପଶ୍ଚିମବଙ୍ଗର ବେଲପାହାଡ଼ି ଜଙ୍ଗଲକୁ ପଳାଇଛି। ଜିନ୍ନତକୁ ଜିପିଏସ ଟ୍ରାକିଂରେ ରଖାଯାଇଥିବା ବେଳେ ସେ ଝାଡ଼ଖଣ୍ଡରେ ଥିବା ସମୟରେ ଏକ ସ୍ୱତନ୍ତ୍ର ଟିମ ତା'ର ଗତିବିଧି ଉପରେ ନଜର ରଖିଥିଲେ। ସେ ଝାଡ଼ଖଣ୍ଡରେ ଥିବା ସମୟରେ ଶିକାର କରି ଖାଇଥିବା ଓ ତା'ର ସ୍ୱାସ୍ଥ୍ୟ ଭଲ ଥିବା ନେଇ ବନ ବିଭାଗ ପକ୍ଷରୁ କୁହାଯାଇଥିଲା। ତେବେ ତାକୁ ସେଠାରୁ ଫେରାଇ ଆଣିବାର ସମସ୍ତ ଯୋଜନା ଫେଲ୍ ମାରିଛି। ଜିନ୍ନତ ପଶ୍ଚିମବଙ୍ଗ ପଳାଇଥିବା ନେଇ ଶିମିଳିପାଳ କର୍ତ୍ତୃପକ୍ଷ କୌଣସି ସଠିକ୍ ସୂଚନା ଦେଉ ନ ଥିବା ବେଳେ ପରିବେଶବିତ୍ ଭାନୁମିତ୍ର ଆଚାର୍ଯ୍ୟ ସ୍ପଷ୍ଟ କରିଛନ୍ତି ଯେ ଜିନ୍ନତ ପଶ୍ଚିମବଙ୍ଗକୁ ପଳାଇଛି। କୁହାଯାଉଛି ଯେ ପଶ୍ଚିମବଙ୍ଗ ବେଲପାହାଡ଼ିରେ ବାଘ ପାଇଁ ଭରପୂର ଖାଦ୍ୟ ରହିଥିବା ବେଳେ ହୁଏତ ଜିନ୍ନତ ସେଠାରେ ବେଶ୍ କିଛି ଦିନ ରହିଯାଇପାରେ।

## ଏୟାରଟେଲ ୱାଇଫାଇ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଏଣ୍ଟ କଟେଂଟଂ ଆଣିବ ଏୟାରଟେଲ ଓ Zee ୫ ପାର୍ଟନର

ନୂଆଦିଲ୍ଲୀ, ୨୧/୧୨: ଡିସେମ୍ବର ୨୧, ୨୦୨୪, ଗୁରୁଗ୍ରାମ (ଭାରତ): ଭାରତୀ ଏୟାରଟେଲ (Airtel), ଭାରତର ଅନ୍ୟତମ ଅଗ୍ରଣୀ ଟେଲିକମ୍ ସେବା ପ୍ରଦାନକାରୀ.., ଆଜି ଘୋଷଣା କରିଛି ଯେ ଏହା Zee୫ ସହିତ ଏକ ଭାଗିଦାରୀରେ ପ୍ରବେଶ କରିଛି, ଭାରତର ଅଗ୍ରଣୀ OTT ପ୍ଲାଟଫର୍ମ ଏହାର ୱାଇଫାଇ ଗ୍ରାହକଙ୍କୁ ଆକର୍ଷଣୀୟ ଡିଜିଟାଲ ବିଷୟବସ୍ତୁ ପ୍ରଦାନ କରିବ। ୬୯୯ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର ପ୍ଲାନରେ ଥିବା ସମସ୍ତ ଗ୍ରାହକମାନେ ବିନା କୌଣସି ଅତିରିକ୍ତ ଖର୍ଚ୍ଚରେ ଏୟାରଟେଲ ୱାଇଫାଇ ପ୍ଲାନର ଅଂଶବିଶେଷ ଭାବେ Zee୫କୁ ସାମିଲ କରିବେ। ଏହି ଭାଗିଦାରୀ ପରେ Zee୫ର ସ୍ୱତନ୍ତ୍ର ବିଷୟବସ୍ତୁ, ଯେଉଁଥିରେ ଅରିଜିନାଲ ସୋ, ଚାର୍ଟବଷ୍ଟର ଟାଇଟଲ, ଓଟିଟି ସିନେମା ଏବଂ ଏକାଧିକ ଭାଷାରେ ସିରିଜ୍ ରହିଛି, ଏବେ ଦର୍ଶକଙ୍କ ପାଇଁ ଏୟାରଟେଲ ୱାଇଫାଇରେ ଉପଲବ୍ଧ ହେବ, ଯାହା ସେମାନଙ୍କୁ ଡିଜିଟାଲ ବିଷୟବସ୍ତୁର ଏକ ବିସ୍ତୃତ ତାଲିକାରେ ଆକସେସ୍ ପ୍ରଦାନ କରିବ । ସାମ୍ ବାହାଦୁର, ଆରଆରଆର, ସିର୍ଫ ଏକ ବନ୍ଦା କାଫି ହୈ, ମନୋରଥାଙ୍ଗଲ, ଭିକ୍କାଟାକାଭି, ଦ କ୍ରୋନିକାଲ୍ସ ଅଫ୍ ଅମରଗିରି, ଅଇଁଧାମବେଧାମ, ଗୟାରାହ ଗୟାରାହ ଭଳି ଲୋକପ୍ରିୟ ଟାଇଟଲରୁ ଏୟାରଟେଲ ୱାଇଫାଇ ଗ୍ରାହକମାନେ ଏବେ ୧.୫ ଲକ୍ଷରୁ ଅଧିକ ଘଟଂାର ବିଶାଳ ଭଣ୍ଡାର ଉପଭୋଗ କରିପାରିବେ । ଭାରତୀ ଏୟାରଟେଲର ମୁଖ୍ୟ ବିପଣନ ଅଧିକାରୀ ତଥା ଇଭିପି ଗ୍ରାହକ ଅନୁଭବ ଅମିତ ତ୍ରିପାଠୀ କହିଛନ୍ତି, ଏୟାରଟେଲର ଡିଏନ୍ଏର ମୂଳରେ ଭାଗିଦାରୀ ରହିଛି ଏବଂ ଏକ ବିଶ୍ୱସ୍ତରୀୟ ଡିଜିଟାଲ ବିଷୟବସ୍ତୁ ଇକୋସିଷ୍ଟମ ନିର୍ମାଣ କରିବା ପାଇଁ ଆମର ପ୍ରୟାସରେ Zee୫ ସହିତ ଭାଗିଦାରୀ କରି ଆମେ ଆନନ୍ଦିତ। Zee୫ର ସମୃଦ୍ଧ ଲାଇବ୍ରେରୀ ଆମ ବିଷୟବସ୍ତୁ ପୋର୍ଟଫୋଲିଓରେ ବହୁତ ଗଭୀରତା ଯୋଗ କରିଥାଏ, ଯାହା ଆମ ବ୍ୟବହାରକାରୀଙ୍କ ପାଇଁ ସାମଗ୍ରିକ ଅନୁଭୂତିକୁ ବଢ଼ାଇଥାଏ। ଆମେ ଆମର ସାମଗ୍ରୀ ପୋର୍ଟଫୋଲିଓ ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ଯାହା ଆମର ଗ୍ରାହକମାନଙ୍କୁ ସର୍ବୋତ୍ତମ ସହିତ ଖୁସି କରିବାର ଏକକ ବିଷୟ ଅଟେ। ତରର୫ର ମୁଖ୍ୟ ବ୍ୟବସାୟ ଅଧିକାରୀ ମନୀଷ କାଲରା କହିଛନ୍ତି, Zee୫ରେ, ଆମର ବିବିଧ ବିଷୟବସ୍ତୁ ଲାଇବ୍ରେରୀକୁ ଏକ ବୃହତ ଦର୍ଶକଙ୍କ ପାଇଁ ଉପଲବ୍ଧ କରାଇ ଉଚ୍ଚ ଗୁଣବତ୍ତା ବିଶିଷ୍ଟ ମନୋରଞ୍ଜନର ପ୍ରବେଶକୁ ଗଣତାନ୍ତ୍ରିକ କରିବା ଆମର ପ୍ରୟାସ। ଏୟାରଟେଲ ସହିତ ସହଯୋଗ ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରେ ଯାହା ଦର୍ଶକମାନଙ୍କୁ ବିଭିନ୍ନ ପ୍ରକାର, ଭାଷା ଏବଂ ଫର୍ମାଟରେ ଏକ ଅବାଧ ମନୋରଞ୍ଜନ ଅନୁଭୂତି ପ୍ରଦାନ କରିବ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ